୬ ଈଶାନ କିଷନଙ୍କୁ କୋଟିଏ ଟଙ୍କାର ଚେକ୍ ଦେଲେ ମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୧୦୫ • ୧୬ ମଇ ୨୦୨୬ ଶନିବାର • ଭୁବନେଶ୍ୱର • Vol -33 • Issue-105 • 16th May 2026, Saturday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ତୈଳ ସଂକଟ : ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି

# ସୋମବାର ଓ ଶୁକ୍ରବାର ଦୁଇ ଦିନ ଭର୍ଚ୍ୟୁଆଲରେ ହେବ ଶୁଣାଣି

**ନୂଆଦିଲ୍ଲୀ, ୧୫।୫**

ଶୁକ୍ରବାର ସୁପ୍ରିମକୋର୍ଟ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ଏକ ବିଜ୍ଞପ୍ତି ଅନୁଯାୟୀ, ସୁପ୍ରିମକୋର୍ଟ ହାଇବ୍ରିଡ କାର୍ଯ୍ୟ ମଡେଲ ବାଛିଛନ୍ତି। ବିବିଧ ଦିନ ଏବଂ ଆଂଶିକ କାର୍ଯ୍ୟ ଦିବସରେ ତାଲିକାଭୁକ୍ତ ସମସ୍ତ ମାମଲା ପାଇଁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି କରିବାକୁ କୋର୍ଟ ନିଷ୍ପତ୍ତି ନେଇଛନ୍ତି।

କେନ୍ଦ୍ରର କାର୍ମିକ ଏବଂ ତାଲିମ ବିଭାଗ ଦ୍ୱାରା ମେ ୧୨ରେ ଜାରି କରାଯାଇଥିବା' ଏକ ଅଫିସ ମେମୋରାଣ୍ଡମ ପରିପ୍ରେକ୍ଷୀରେ ଏହି ପଦକ୍ଷେପ ନିଆଯାଇଛି, ଯାହାର ଉଦ୍ଦେଶ୍ୟ ଇନ୍ଧନ ସଂରକ୍ଷଣ ଏବଂ ଦକ୍ଷ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା।

ସୁପ୍ରିମକୋର୍ଟ ସେକ୍ରେଟାରୀ ଜେନେରାଲଙ୍କ ଦ୍ୱାରା ଜାରି କରାଯାଇଥିବା ସର୍କୁଲାର ଅନୁଯାୟୀ, ସୋମବାର, ଶୁକ୍ରବାର ଏବଂ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ବିବିଧ ଦିନଗୁଡ଼ିକରେ ତାଲିକାଭୁକ୍ତ ସମସ୍ତ ମାମଲା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଭର୍ଚ୍ୟୁଆଲ ମୋଡରେ ଶୁଣାଣି କରାଯିବ।



କୋର୍ଟର ଆଂଶିକ କାର୍ଯ୍ୟ ଦିବସରେ ତାଲିକାଭୁକ୍ତ ମାମଲାଗୁଡ଼ିକ କେବଳ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମଧ୍ୟ ହେବ।

ରେଜିଷ୍ଟ୍ରିକୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଯେ ଭିଡିଓ କନଫରେନ୍ସିଂ ଲିଙ୍କ୍‌ଗୁଡ଼ିକ ସମୟସୀମାରେ ଆଦାନପ୍ରଦାନ କରାଯାଉଛି ଏବଂ ଶୁଣାଣି ସମୟରେ ବାଧା ଏଡାଇବା ପାଇଁ ବୈଷୟିକ ସହାୟତା ସହଜରେ ଉପଲବ୍ଧ ଅଛି।

ଇନ୍ଧନ ସଂରକ୍ଷଣ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ, ସୁପ୍ରିମକୋର୍ଟ ବିଚାରପତିମାନେ ମଧ୍ୟ ସର୍ବସମ୍ମତିକ୍ରମେ ନିଜ ନିଜ ମଧ୍ୟରେ କାର-ପୁଲିଂ ବ୍ୟବସ୍ଥାକୁ ଉତ୍ସାହିତ କରିବାକୁ ରାଜି ହୋଇଛନ୍ତି।

ଏହି ସର୍କୁଲାର ଆହୁରି ମଧ୍ୟ ରେଜିଷ୍ଟ୍ରିର ପ୍ରତ୍ୟେକ ଶାଖା କିମ୍ବା ବିଭାଗର ୫୦% କର୍ମଚାରୀଙ୍କୁ ସପ୍ତାହରେ ସର୍ବାଧିକ ଦୁଇ ଦିନ ଘରୁ କାମ (ୱାର୍କ ଫ୍ରମ୍ ହୋମ୍) କରିବାକୁ ଅନୁମତି ଦେଇଛି। କୋର୍ଟ କାର୍ଯ୍ୟ ପ୍ରଭାବିତ ନହେବା ନିଶ୍ଚିତ କରିବା ପାଇଁ ରେଜିଷ୍ଟ୍ରାରମାନଙ୍କୁ ସାପ୍ତାହିକ କାର୍ଯ୍ୟ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି। ଘରୁ କାମ କରୁଥିବା ଅଧିକାରୀମାନଙ୍କୁ ଫୋନରେ ଉପଲବ୍ଧ ରହିବା ଏବଂ ଆବଶ୍ୟକ ହେଲେ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। (ପୃଷ୍ଠା ୭ରେ)

# ଜୁନ୍ ୨୧ରେ ହେବ ପୁନଃ ନିଟ୍ ପରୀକ୍ଷା

**ନୂଆଦିଲ୍ଲୀ, ୧୫।୫**

କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍.ଟି.ଏ.) ନିଟ୍. (ୟୁ. ଜି.) ଜୁନ ୨୧ ୨୦୨୬ରେ ପୁନଃପରୀକ୍ଷା କରିବାକୁ ଘୋଷଣା କରିଛି।

କେବଳ ଏନ୍.ଟି.ଏ.ର ଅଫିସିଆଲ୍ ୱେବସାଇଟରେ ପ୍ରକାଶିତ ସୂଚନା ଉପରେ ବିଶ୍ୱାସ କରିବାକୁ ଏଜେନ୍ସି ସୋସିଆଲ ମିଡିଆରେ ପରୀକ୍ଷାର୍ଥୀ ଏବଂ ପିତାମାତାଙ୍କୁ ନିବେଦନ କରାଯାଇଛି। ଏଜେନ୍ସି କୌଣସି ସୂଚନା କିମ୍ବା ସହାୟତା ପାଇଁ ନିଟ୍ ୟୁଜି ଇ-ମେଲ ଏବଂ ହେଲ୍ପଲାଇନ୍ ନମ୍ବର ୦୧୧-୪୦୭୫୯୦୦୦ ଏବଂ ୦୧୧-୬୯୨୨୭୭୦୦ ଜାରି କରିଛି। ଇତି ମଧ୍ୟରେ ଗୁରୁବାର ବିଳମ୍ବିତ ରାତିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନରେ ନିଟ୍ ପରୀକ୍ଷା ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା।

ଏହି ବୈଠକରେ ଆଗାମୀ ପରୀକ୍ଷା ପାଇଁ ପ୍ରସ୍ତୁତି, ସୁରକ୍ଷା ବ୍ୟବସ୍ଥା ଏବଂ ପରୀକ୍ଷା ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି



ବୈଠକରେ ସଚିବ (ଉଚ୍ଚ ଶିକ୍ଷା), ସଚିବ (ବିଦ୍ୟାଳୟ ଶିକ୍ଷା), ଡିଜି, ଏନଟିଏ, ଚେୟାରମ୍ୟାନ୍, ସିବିଏସ୍‌ଇ, କମିଶନର, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତି ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ବୈଠକରେ ଆଗାମୀ ପରୀକ୍ଷାର ତାରିଖ ଚୂଡ଼ାନ୍ତ କରାଯାଇଥିଲା।

ନ୍ୟପକ୍ଷରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଛାତ୍ରଛାତ୍ରୀଙ୍କ ପରିଶ୍ରମ ପ୍ରତି ସରକାର ସମ୍ବେଦନଶୀଳ। ଆସନ୍ତା ବର୍ଷ ଠାରୁ ନିଟ୍ ପରୀକ୍ଷାର ଢାଞ୍ଚା ବଦଳିବ । ଓଏମଆର ପରିବର୍ତ୍ତେ ସିବିଟି ମୋଡ୍‌ରେ ପରୀକ୍ଷା ଅନୁଷ୍ଠିତ ହେବ। ଶ୍ରୀ ପ୍ରଧାନ କହିଛନ୍ତି ରାଷ୍ଟ୍ରୀୟ ସ୍ୱାର୍ଥ ତଥା ମେଧାବୀ (ପୃଷ୍ଠା ୭ରେ)

## ମୁଖ୍ୟ ଅଭିଯୁକ୍ତ ଗିରଫ



**ପୁଣେ, ୧୫।୫**

ବହୁଚର୍ଚ୍ଚିତ ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇକୁ ବଡ଼ ସଫଳତା ମିଳିଛି। ସିବିଆଇ ଏହି ମାମଲାରେ ମାଷ୍ଟରମାଇଣ୍ଡ ପିଭି କୁଲକର୍ଣ୍ଣିଙ୍କୁ ପୁଣେରୁ ଗିରଫ କରିଛି। ପିଭି କୁଲକର୍ଣ୍ଣି ଜଣେ ରସାୟନ ବିଜ୍ଞାନ ବିଭାଗରେ ଅଧ୍ୟାପକ ଏବଂ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ)ର ପରୀକ୍ଷା ପରିଚାଳନାରେ ଜଣେ ସଦସ୍ୟ। (ପୃଷ୍ଠା ୭ରେ)

## ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବୃଦ୍ଧି

**ଭୁବନେଶ୍ୱର, ୧୫।୫**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ଦୁଇ ପ୍ରତିଶତ ବୃଦ୍ଧି ବିଷୟ ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୮ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି ପାଇଲା। ଏହା ୨୦୨୬ ଜାନୁଆରୀ ପହିଲାରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ମେ ମାସ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ବିଜେପି ସାଂସଦ ଯୋଗେନ୍ଦ୍ର ଚନ୍ଦୋଲିଆ ଆକ୍ରମଣ ମାମଲାରେ ନିର୍ଦ୍ଦୋଷରେ ଖଲାସ।
- କୋରାପୁଟ-ରାୟଗଡା ସୀମାରେ ସ୍କୁଟର ଓ ଅଟୋ ଧକ୍କାରେ ଯୁବକଙ୍କ ମୃତ୍ୟୁ।
- ବାଲେଶ୍ୱର ଗାଁରେ ହାତୀ ପ୍ରବେଶ କରି ଘର ଓ ଫସଲ ନଷ୍ଟ।
- କର୍ଣ୍ଣାଟକରେ ବର୍ଷା ଯୋଗୁଁ ୬ ଜଣଙ୍କର ମୃତ୍ୟୁ।
- 'ହର୍ମୁଜ୍ ପଥ ବିରୋଧୀଙ୍କ ବ୍ୟତୀତ ସମସ୍ତଙ୍କ ପାଇଁ ଖୋଲା : ଇରାନର ବୈଦେଶିକ ମନ୍ତ୍ରୀ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୭୯୧ (-୪୪୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୪୭୫ (-୪୦୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୮୪୩ (-୩୩୨)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୯୦ (-୨୦)

## ମୁଖ୍ୟ ଶାସନ ସଚିବଙ୍କ ଉଚ୍ଚସ୍ତରୀୟ ବୈଠକ

# ସମୁଦ୍ର ସମ୍ପଦକୁ ନେଇ ନିରନ୍ତର ଅଭିବୃଦ୍ଧି ଲକ୍ଷ୍ୟ

**ଭୁବନେଶ୍ୱର, ୧୫।୫**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ସମୁଦ୍ର ସମ୍ପଦକୁ ନେଇ ନିରନ୍ତର ଅଭିବୃଦ୍ଧି ଲକ୍ଷ୍ୟ ରଖି ନୀଳ ଅର୍ଥନୀତି (ବ୍ଲୁ ଇକୋନୋମି) କ୍ଷେତ୍ରର ବିକାଶ ସଂପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏ ସମ୍ପର୍କରେ ଗତ ମାର୍ଚ୍ଚ ୧୩ ଓ ୧୪ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ନୀଳ ଅର୍ଥନୀତି ସମ୍ପର୍କିତ ବୈଶ୍ୱିକ ସମ୍ମିଳନୀ (ଗ୍ଲୋବାଲ ସମିଟ୍ ଅନ୍ ନୀଳ ଅର୍ଥନୀତି–୨୦୨୬)ର ସୁପାରିଶଗୁଡ଼ିକ ଆଧାରରେ ରାଜ୍ୟର ଏକ ସମନ୍ୱିତ ନୀଳ




ଅର୍ଥନୀତି ରୋଡମ୍ୟାପ୍ ପ୍ରସ୍ତୁତି କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ବୈଠକରେ ରାଜ୍ୟରେ ବ୍ଲୁ ଇକୋନୋମି କ୍ଷେତ୍ରରେ ପଦକ୍ଷେପ ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗକୁ ନୋଡାଲ ବିଭାଗ ଭାବେ ମନୋନୀତ କରାଯାଇଛି । ସରକାରଙ୍କ ବିଭିନ୍ନ ବିଭାଗର ସାମୁହିକ ପ୍ରୟାସରେ ସମନ୍ୱିତ ଯୋଜନାରେ ଏହି ପଦକ୍ଷେପ କାର୍ଯ୍ୟକାରୀ ହେବ ।ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ କମିଶନର (ପୃଷ୍ଠା ୭ରେ)

# ରାଜ୍ୟରେ ପେଟ୍ରୋଲ, ଡିଜେଲର କୌଣସି ଅଭାବ ନାହିଁ

**ଭୁବନେଶ୍ୱର, ୧୫।୫**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ସିଏନ୍‌ଜି ପର୍ଯ୍ୟାପ୍ତ ପରିମାଣରେ ମହଜୁତ ରହିଛି । କୌଣସି ଅଭାବ ନାହିଁ । କେହି ପ୍ୟାନିକ୍ ଅର୍ଥାତ୍ ଭୟଭୀତ ହେବାର ଆବଶ୍ୟକତା ନାହିଁ । ପୂର୍ବରୁ ଯେଉଁଭଳି ଗ୍ରାହକମାନେ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର କରୁଥିଲେ, ଠିକ ସେହିଭଳି ବ୍ୟବହାର କରିପାରିବେ । କେଉଁଠାରେ କୌଣସି ଅସୁବିଧା ନାହିଁ । ଗତ ଦୁଇ ଦିନ ଧରି ପେଟ୍ରୋଲ, ଡିଜେଲ ଏବଂ ସିଏନ୍‌ଜିକୁ ନେଇ ପ୍ରତିଟି ପେଟ୍ରୋଲ ପମ୍ପରେ ଗ୍ରାହକଙ୍କ ଅସମ୍ଭାଳ ଭିଡ଼କୁ ଦୃଷ୍ଟିରେ ରଖି ପ୍ରତିକ୍ରିୟା ରଖିଛନ୍ତି, ଦେଶର ଅନ୍ୟତମ ପ୍ରମୁଖ ତୈଳ ବିପଣନକାରୀ କମ୍ପାନୀ ଆଇଓସିଏଲ୍‌ର




ସିଜିଏମ୍ କମଲ ସିଲ ।

ବହୁତ ପେଟ୍ରୋଲ ପମ୍ପରେ ୩୦ରୁ ୪୦ ପ୍ରତିଶତ ଗ୍ରାହକଙ୍କ ସଂଖ୍ୟା ବଢିଯାଇଥିବାରୁ, ସେହି ପମ୍ପରେ ପେଟ୍ରୋଲ କିମ୍ବା ଡିଜେଲ ସରିଯାଉଛି । ଏହାର ଅର୍ଥ ଏହା ନୁହେଁ କି ରାଜ୍ୟରେ ପେଟ୍ରୋଲ ଏବଂ ଡିଜେଲ ଅଭାବ ରହିଛି, ବୋଲି କହିଛନ୍ତି କମଲ ସିଲ୍ ।

ସେ ଆହୁରି ମଧ୍ୟ କହଛନ୍ତି ଯେ, ନିଜ ନିଜ ଗାଡି ଟାଙ୍କିରେ ଯେତିକି ପେଟ୍ରୋଲ ଧରୁଛି, ସେତିକି ପେଟ୍ରୋଲ ଭରିବାକୁ ଅନୁରୋଧ କରିଛି ଆଇଓସିଏଲ୍ । କୌଣସି ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନେଇ ଗଚ୍ଛିତ ନ କରିବାକୁ ଆଇଓସିଏଲ୍ ପକ୍ଷରୁ ପରାମର୍ଶ ଦିଆଯାଇଛି । କୌଣସି ଗାଡ଼ିରେ ୨୦୦ କିମ୍ବା ୫୦୦ ଟଙ୍କାର ତେଲ ଦେବାକୁ କୌଣସି ନିର୍ଦ୍ଦେଶ ଦିଆଯାଇନାହିଁ । ଗ୍ରାହକଙ୍କୁ ପର୍ଯ୍ୟାପ୍ତ (ପୃଷ୍ଠା ୭ରେ)

# ପେଟ୍ରୋଲ, ଡିଜେଲ ମୂଲ୍ୟ ଲିଟର ପିଛା ୩ ଟଙ୍କା ବୃଦ୍ଧି

**ନୂଆଦିଲ୍ଲୀ, ୧୫।୫**

ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ମଧ୍ୟରେ, ରାଷ୍ଟ୍ରାୟତ୍ତ କ୍ଷେତ୍ରର ତୈଳ ଏବଂ ଗ୍ୟାସ ବିପଣନ କମ୍ପାନୀମାନେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଲିଟର ପିଛା ୩ ଟଙ୍କା ବୃଦ୍ଧି କରିଛନ୍ତି। ସିଏନ୍‌ଜି ମୂଲ୍ୟ ମଧ୍ୟ କିଲୋଗ୍ରାମ ପିଛା ଦୁଇ ଟଙ୍କା ବୃଦ୍ଧି ପାଇଛି। ନୂଆ ଦର ଆଜିଠାରୁ ଲାଗୁ ହୋଇଛି। ପ୍ରାୟ ଚାରି ବର୍ଷ ପରେ ପେଟ୍ରୋଲ-ଡିଜେଲ ମୂଲ୍ୟ ବୃଦ୍ଧି ପାଇଛି।

ଦିଲ୍ଲୀରେ ପେଟ୍ରୋଲର ମୂଲ୍ୟ ଏବେ ଲିଟର ପିଛା ୯୪.୭୭ ଟଙ୍କାରୁ ୯୭.୭୭ ଟଙ୍କାକୁ ଏବଂ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କାରୁ ୯୦.୬୭ ଟଙ୍କାକୁ ବୃଦ୍ଧି ପାଇଛି। କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ମହାନଗରରେ ମଧ୍ୟ ଇନ୍ଧନ ମୂଲ୍ୟ ବୃଦ୍ଧି




ପାଇଛି। କୋଲକାତାରେ ପେଟ୍ରୋଲ ଲିଟର ପିଛା ୩.୨୯ ଟଙ୍କା ବୃଦ୍ଧି ପାଇ ୧୦୮.୭୪ ଟଙ୍କାରେ ପହଞ୍ଚିଛି। ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୩.୧୪ ଟଙ୍କା ବୃଦ୍ଧି ପାଇ ୧୦୬.୬୮ ଟଙ୍କାରେ ବିକ୍ରି ହେଉଛି। ଦକ୍ଷିଣ ଭାରତର ସର୍ବବୃହତ୍ ସହର ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୨.୮୩ ଟଙ୍କା ବୃଦ୍ଧି ପାଇ ୧୦୩.୬୭ ଟଙ୍କାରେ ପହଞ୍ଚିଛି। (ପୃଷ୍ଠା ୭ରେ)

# ରାଜ୍ୟରେ ବଢ଼ିଲା ବସ୍ ଭଡ଼ା

**ଭୁବନେଶ୍ୱର, ୧୫।୫**
**ନ୍ୟୁଜ୍ ବ୍ୟୁରୋ**

ତୈଳ ଦର ବୃଦ୍ଧି ସହିତ ରାଜ୍ୟରେ ଘରୋଇ ବସ୍ ଭଡା ମଧ୍ୟ ବଢ଼ିଛି। ସାଧାରଣ ବସ୍ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡା କିଲୋମିଟର ପିଛା ୪ ପଇସା ବୃଦ୍ଧି ହୋଇଛି। ସେହିପରି ସୁପର୍ ଡିଲକ୍ସ ପ୍ରିମିୟମ ବସ୍ ଭଡା କିଲୋମିଟର ପିଛା ୬ ପଇସା ବୃଦ୍ଧି ପାଇଛି।

ସାଧାରଣ ବସ୍ ଭଡା ୨ ପଇସା ବଢି ୮୮ ପଇସାରୁ ଏବେ ୯୦ ପଇସାରେ ପହଞ୍ଚିଛି। ଏକ୍ସପ୍ରେସ ବସ୍ ଭଡା ୯୨ ପଇସା ଥିଲା ବେଳେ ୯୪ ପଇସା ହୋଇଛି। ସେହିପରି ଡିଲକ୍ସ ବସ୍ ଭଡା ୧ ଟଙ୍କା ୨୭ ପଇସାରୁ ୧ ଟଙ୍କା ୩୧ ପଇସା , ଏସି ଡିଲକ୍ସ ବସ୍ ଭଡା ୧ ଟଙ୍କା ୫୫ ପଇସାରୁ ୧ ଟଙ୍କା ୫୯ ପଇସା ଏବଂ ସୁପର୍ (ପୃଷ୍ଠା ୭ରେ)




## ଏକାଳ ପଖାଳ



ନେତା ମନ୍ତ୍ରୀ ଅଫିସର ଯେତେ
କମେଇ ଦେଲେଣି ଗାଡି
ତେଲ ଖର୍ଚ୍ଚ ବଞ୍ଚେଇବାକୁ ଏ
ନୀତି ନୂଆଅଛି ଗଢି
ଜନତା ବି ଢଙ୍ଗ ଛାଡି
ଅଦରକାରରେ ଗାଡି ଦୌଡାନି
ଭବିଷ୍ୟ ଯିବ ବିଗିଡି।

# ଏଥର ସଅଳ ମୌସୁମୀ : ୨୬ରେ ଛୁଇଁବ କେରଳ !



**ନୂଆଦିଲ୍ଲୀ, ୧୫।୫**

ମୌସୁମୀକୁ ନେଇ ଶୁକ୍ରବାର ଏକ ବଡ ଅପଡେଟ୍ ସାମ୍ନାକୁ ଆସିଛି। ମେ' ୨୬ରେ କେରଳ ଛୁଇଁବ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଶୁକ୍ରବାର କହିଛି ଯେ ମୌସୁମୀ ମେ ୨୬ ତାରିଖରେ କେରଳରେ ପ୍ରବେଶ କରିବ ଏବଂ ଏହାର ପରିବର୍ତ୍ତନ ଚାରି ଦିନ ହୋଇପାରେ। ମୌସୁମୀ ଆଗମନର ସାଧାରଣ ତାରିଖ ହେଉଛି ଜୁନ୍ ୧। ଆଇଏମଡି ଅନୁଯାୟୀ, ପଶ୍ଚିମ ଉପକୂଳର ଦକ୍ଷିଣ ଅଂଶରେ ୧୪ ମଇରୁ ୨୮ ମଇ ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଗତ ବର୍ଷ, ମୌସୁମୀ ମେ ୨୪ ତାରିଖରେ ଦକ୍ଷିଣ ରାଜ୍ୟ ଉପକୂଳରେ ପହଞ୍ଚିଥିଲା।

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ୨୦୨୬ରେ କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀର ଆଗମନ ପାଇଁ ମେ ୨୬ ତାରିଖକୁ ଆଶା କରାଯାଇଥିବା ତାରିଖ ଭାବରେ ଘୋଷଣା କରିଛି। ଏହା ସାଧାରଣ ଜୁନ୍ ୧ ତାରିଖ ଅପେକ୍ଷା ପ୍ରାୟ ଛଅ ଦିନ ପୂର୍ବରୁ। ମୌସୁମୀର ଆଗମନ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ପ୍ରବଳ ଗରମରୁ ମୁକ୍ତି ଏବଂ ଖରିଫ ଫସଲ ବୁଣା ପାଇଁ ଅନୁକୂଳ ପରିସ୍ଥିତି (ପୃଷ୍ଠା ୭ରେ)

# ଓଡ଼ିଶାରେ ଏସଆଇଆର: ୩୦ରୁ ଘରକୁ ଘର ପରିଦର୍ଶନ କରିବେ ବିଏଲଓ

**ଭୁବନେଶ୍ୱର, ୧୫।୫**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ହେବାକୁ ଥିବା ସଘନ ସଂଶୋଧନ (ଏସଆଇଆର)–୨୦୨୬ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳନ କହିଛନ୍ତି ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ସମୟସୂଚୀ ଘୋଷଣା କରାଯାଇଛି। ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ୧ ଜୁଲାଇ ୨୦୨୬ ଏସ ଆଇ ଆର ପାଇଁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି।୨୦



ମଇ ୨୦୨୬ ରୁ ୨୯ ମଇ ୨୦୧୬ ପର୍ଯ୍ୟନ୍ତ ପ୍ରିଟିଂ, ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟ ସମ୍ପନ୍ନ ହେବ। ଏହାପରେ ୩୦ ମଇ ରୁ ୨୮ ଜୁନ୨୦୨୬ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ଯାଇ ପରିଦର୍ଶନ କରିବେ। ୨୮ ଜୁନ୨୦୨୬ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ପୁନର୍ବିନ୍ୟାସ । (ପୃଷ୍ଠା ୭ରେ)

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୬ ମଇ ୨୦୨୬ ଶନିବାର






GOVERNMENT OF ODISHA
REVENUE AND DISASTER MANAGEMENT DEPARTMENT

24001/122/2627

**WITHDRAWAL NOTIFICATION**

**No. RDM-LAB-BOUDH-0007-2024- 37487 /R&DM, dated-06-10-2025**

In exercise of the powers conferred by Section 93 (1) of the Right to Fair Compensation and Transparency in Land Acquisition, Rehabilitation & Resettlement Act, 2013, the State Government do hereby withdraw land measuring to an area of **Ac.7.031** in respect of 2 Villages- Rajing(Ac.3.005) and Purunakatak(Ac.4.026) under Harabhanga Tahasil of Boudh District issued vide Collectorate, Boudh Declaration No. 10288 dated 04.12.2023 published in the extraordinary issue of the Odisha Gazette vide No.145 dated 19.01.2024 acquired for Construction of Road from NH-57 Purunakatak to Mahanadi Bridge Chowk near Dhalpur from 0/0 km to 11/328 km in Boudh District of which possession has not been taken.

The land schedule is attached herewith.

ପ୍ରତ୍ୟାହାର ଭୂମି ଅନୁସୂଚି

୫୭ ନଂ ଜାତୀୟ ରାଜପଥ, ପୁରୁଣାକଟକ ଠାରୁ ମହାନଦୀ ସେତୁ ଧଳପୁର ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ।

ମୌଜା- ରାଜିଙ୍ଗ, ଥାନା ପୁରୁଣାକଟକ , ତହସିଲ ହରଭଙ୍ଗା, ଜିଲ୍ଲାବୌଦ୍ଧ -

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | Notified Area | ପ୍ରତ୍ୟାହାର ରକବା | ଅବଶିଷ୍ଟ ରକବା | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୨ | ୧୮୮ | ୧.୩୨୦ | ୦.୪୮୦ | ଶାରଦ | ୦.୪୮୦ | ୦.୦୦ | ୦.୪୮୦ | ଅରୁପାନନ୍ଦ ପ୍ରଧାନ ପି:ବୈଦ୍ୟନାଥ ପ୍ରଧାନ ଜା: ଡୁମାଳ ବା: ଶରଧାପୁର |
| | ୪୨୦ | ୧.୨୦୦ | ୦.୫୦୦ | ଜଳ- ଏକ | ୦.୫୦୦ | ୦.୫୦୦ | ୦.୦୦ | |
| ୭ | ୩୧ | ୬.୯୫୦ | ୦.୭୨୦ | ଶାରଦ ଜଳ- ଏକ | ୦.୭୨୦ | ୦.୪୯୯ | ୦.୨୨୧ | କୃଷ୍ଣ ଚନ୍ଦ୍ର ପ୍ରଧାନ ପି:ସନାତନ ପ୍ରଧାନ ଜା: ଚଷା ବା: ନିଜଗାଁ |
| | ୩୫ | ୦.୯୭୦ | ୦.୩୦୦ | ଶାରଦ ଜଳ- ଏକ | ୦.୩୦୦ | ୦.୩୦୦ | ୦.୦୦ | |
| ୨୫ | ୧୭୭ | ୦.୨୪୦ | ୦.୨୪୦ | ଶାରଦ ଜଳ- ଦୁଇ | ୦.୨୪୦ | ୦.୧୧୦ | ୦.୧୩୦ | ନବ କିଶୋର ଦେହୁରୀ, ନବିନ କିଶୋର ଦେହୁରୀ, ସରସ୍ୱତୀ ଦେହୁରୀ, ଶୁଭାଶିନୀ ଦେହୁରୀ, ନର୍ମଦା ଦେହୁରୀ, ଦୁର ଦେହୁରୀ, ମଞ୍ଜରୀ ଦେହୁରୀ ପି: ଦେବି ଚରଣ ଦେହୁରୀ, କଳାବତୀ ଦେହୁରୀ ସ୍ୱା: ଦେବି ଚରଣ ଦେହୁରୀ, ମନୋରଞ୍ଜନ ଦେହୁରୀ, ଲଳିତ କୁମାର ଦେହୁରୀ, ମହନୀ ଦେହୁରୀ, ରୀନା ଦେହୁରୀ ପି: ନନ୍ଦ କିଶୋର ଦେହୁରୀ, ରମା ଦେହୁରୀ ସ୍ୱା: ନନ୍ଦ କିଶୋର ଦେହୁରୀ, ଆଶ୍ମା ଦେହୁରୀ ସ୍ୱା: ପୂର୍ଣ୍ଣ ଚନ୍ଦ୍ର ଦେହୁରୀ, ବନମାଳି ଦେହୁରୀ, ଶରତ କୁମାର ଦେହୁରୀ, ବସନ୍ତ କୁମାର ଦେହୁରୀ, ମିଥୁଳା ଦେହୁରୀ, କୁନ୍ତଳା ଦେହୁରୀ, ସଚଳା ଦେହୁରୀ ପି: ନିଳାଦ୍ରୀ ଦେହୁରୀ, ଲଡୁ କିଶୋର ଦେହୁରୀ, ରବିନ୍ଦ୍ର ପ୍ରସାଦ ଦେହୁରୀ, ବାଳକୃଷ୍ଣ ଦେହୁରୀ, ଶ୍ରୀୟା ଦେହୁରୀ, ଲକ୍ଷ୍ମୀ ଦେହୁରୀ ପି: ଶ୍ରୀନିବାସ ଦେହୁରୀ, ମାୟା ଦେହୁରୀ ସ୍ୱା: ଶ୍ରୀନିବାସ ଦେହୁରୀ ଜା: ଗନ୍ଧମାଳି ବା: ପୁରୁଣାକଟକ |
| | ୧୭୯ | ୦.୧୦୦ | ୦.୦୫୦ | ଶାରଦ ଜଳ- ଦୁଇ | ୦.୦୫୦ | ୦.୦୦ | ୦.୦୫୦ | |
| | ୧୮୨ | ୧.୨୧୦ | ୦.୪୮୦ | ଶାରଦ ଜଳ- ଏକ | ୦.୪୮୦ | ୦.୦୦ | ୦.୪୮୦ | |
| | ୧୮୫ | ୦.୪୭୦ | ୦.୨୦୦ | ଶାରଦ ଜଳ- ଏକ | ୦.୨୦୦ | ୦.୦୦ | ୦.୨୦୦ | |
| ୩୯ | ୬ | ୦.୬୫୦ | ୦.୧୪୦ | ଶାରଦ ଜଳ- ଦୁଇ | ୦.୧୪୦ | ୦.୦୦ | ୦.୧୪୦ | ବନମାଳି କଅଁର ପି:କୁଞ୍ଜ କଅଁର ଜା: ଗଣ୍ଡା ବା: ଶରଧାପୁର |
| | ୩୨ | ୦.୫୫୦ | ୦.୩୧୦ | ଶାରଦ ଜଳ- ଏକ | ୦.୩୧୦ | ୦.୩୧୦ | ୦.୦୦ | |
| ୪୫ | ୧୮୯ | ୧.୯୩୦ | ୦.୩୨୦ | ଶାରଦ ଜଳ- ଏକ | ୦.୩୨୦ | ୦.୦୦ | ୦.୩୨୦ | ବିଛନ୍ଦ ଚରଣ ପ୍ରଧାନ ପି:ଭାଗିରଥି ପ୍ରଧାନ ଜା: ଚଷା ବା: ନିଜଗାଁ |
| ୫୮ | ୨୯ | ୦.୭୫୦ | ୦.୦୪୦ | ଜଳାଶୟ | ୦.୦୪୦ | ୦.୦୦ | ୦.୦୪୦ | ସବ୍ୟସାଚି ପ୍ରଧାନ, ସରୋଜ କୁମାର ପ୍ରଧାନ, ସୁରେସ କୁମାର ପ୍ରଧାନ ପି: ସଂଗ୍ରାମ କେଶରୀ ପ୍ରଧାନ ଜା: ଚଷା ବା: ନିଜଗାଁ |
| | ୪୧୯ | ୨.୩୦୦ | ୧.୦୬୦ | ଶାରଦ ଜଳ- ଦୁଇ | ୧.୦୬୦ | ୦.୦୦ | ୧.୦୬୦ | |
| ୫୯ | ୩୬ | ୨.୯୯୦ | ୦.୭୪୦ | ଶାରଦ ଜଳ- ଏକ | ୦.୭୪୦ | ୦.୬୩୩ | ୦.୧୦୭ | ଶଶାଙ୍କଧର ପ୍ରଧାନ ପି:ଗୋପିନାଥ ପ୍ରଧାନ ଜା: ଚଷା ବା: ନିଜଗାଁ |
| ୬୦ | ୧୯୦ | ୧.୪୧୦ | ୦.୩୧୦ | ଶାରଦ ଜଳ- ଏକ | ୦.୩୧୦ | ୦.୦୦ | ୦.୩୧୦ | ସଂଗ୍ରାମ କେଶରୀ ପ୍ରଧାନ ପି:ଭାଗିରଥି ପ୍ରଧାନ ଜା: ଚଷା ବା: ନିଜଗାଁ |
| | ୧୯୧ | ୧.୭୬୦ | ୦.୩୩୦ | ଶାରଦ ଜଳ- ଏକ | ୦.୩୩୦ | ୦.୦୦ | ୦.୩୩୦ | |
| ୬୮ | ୧୬୭ | ୦.୧୩୦ | ୦.୦୧୦ | ଜଳାଶୟ | ୦.୦୧୦ | ୦.୦୧୦ | ୦.୦୦ | ଷ୍ଟିପେନସନ ପ୍ରଧାନ ପି:ଭାଗିରଥି ପ୍ରଧାନ ଜା: ଚଷା ବା: ନିଜଗାଁ |
| | ୧୬୮ | ୧.୫୪୦ | ୦.୫୬୦ | ଜଳାଶୟ | ୦.୫୬୦ | ୦.୦୦ | ୦.୫୬୦ | |
| | ୧୬୯ | ୦.୨୩୦ | ୦.୦୪୦ | ଜଳାଶୟ | ୦.୦୪୦ | ୦.୦୦ | ୦.୦୪୦ | |
| | ୧୭୨ | ୦.୦୮୦ | ୦.୦୬୦ | ଶାରଦ ଜଳ- ଏକ | ୦.୦୬୦ | ୦.୦୨୫ | ୦.୦୩୫ | |
| ୭୧ | ୧ | ୧.୭୮୦ | ୦.୩୦୦ | ଶାରଦ ଜଳ- ଦୁଇ | ୦.୩୦୦ | ୦.୦୦ | ୦.୩୦୦ | ହରମୋହନ କଅଁର ପି:ଛତ୍ର କଅଁର ଜା: ଗଣ୍ଡା ବା: ନିଜଗାଁ |
| | ୪୨୨ | ୦.୫୯୦ | ୦.୧୮୦ | ଶାରଦ ଜଳ- ଦୁଇ | ୦.୧୮୦ | ୦.୧୨୮ | ୦.୦୫୨ | |
| ୭୨ | ୨୩ | ୦.୧୨୦ | ୦.୦୪୦ | ଶାରଦ ଜଳ- ଦୁଇ | ୦.୦୪୦ | ୦.୦୦ | ୦.୦୪୦ | ହରମୋହନ କଅଁର, ପ୍ରହ୍ଲାଦ କଅଁର, ତ୍ରିନାଥ କଅଁର ପି: ଛତ୍ର କଅଁର, ଗୌର କଅଁର, ଦଶରଥ କଅଁର ପି: ବୈରଖ କଅଁର, କଳାବତୀ କଅଁର ସ୍ୱା: ଭାସ୍କର କଅଁର ଜା: ଗଣ୍ଡା ବା: ନିଜଗାଁ |
| ୭୮/୧ | ୪୨୨/୫୪୮ | ୦.୧୩୦ | ୦.୧୩୦ | ଶାରଦ ଜଳ- ଦୁଇ | ୦.୧୩୦ | ୦.୦୦ | ୦.୧୩୦ | ଭିମସେନ କଅଁର ପି:ଶୁଭନ କଅଁର ଜା: ପାଣ ବା: ଫୁଲଝରୀ |
| | ୪୨୩ | ୦.୪୯୦ | ୦.୨୪୦ | ଶାରଦ ଜଳ- ଦୁଇ | ୦.୨୪୦ | ୦.୦୦ | ୦.୨୪୦ | |
| ୭୮/୧୪ | ୧/୫୪୭ | ୦.୨୧୦ | ୦.୨୧୦ | ଶାରଦ ଜଳ- ଦୁଇ | ୦.୨୧୦ | ୦.୨୧୦ | ୦.୦୦ | ସବିତା ଦିପ ସ୍ୱା:ଚକ୍ରଧର ଦିପ ଜା: ପାଣ ବା: କଣ୍ଡରା |
| ୭୮/୨୧ | ୩୩ | ୦.୦୪୦ | ୦.୦୪୦ | ଶାରଦ ଜଳ- ଏକ | ୦.୦୪୦ | ୦.୦୪୦ | ୦.୦୦ | ଚନ୍ଦ୍ରଭାନୁ ଭୋକ୍ତା ପି:ସ୍ୱର୍ଗତ ସତ୍ୟାନନ୍ଦ ଭୋକ୍ତା ଜା: କେଉଟ ବା: ପୁରୁଣାକଟକ |
| | ୩୪ | ୦.୦୮୦ | ୦.୦୬୦ | ଶାରଦ ଜଳ- ଏକ | ୦.୦୬୦ | ୦.୦୬୦ | ୦.୦୦ | |
| ୬୨ | ୧୮୩ | ୧.୨୮୦ | ୦.୧୮୦ | ଶାରଦ ଜଳ- ଏକ | ୦.୧୮୦ | ୦.୧୮୦ | ୦.୦୦ | ସଂଗ୍ରାମ କେଶରୀ ପ୍ରଧାନ, ବିଛନ୍ଦ ଚରଣ ପ୍ରଧାନ, ଷ୍ଟିପେନ୍ସନ ପ୍ରଧାନ ପି: ଭାଗିରଥି ପ୍ରଧାନ, ଦୁହିତା ପ୍ରଧାନ ସ୍ୱା: ଭାଗିରଥି ପ୍ରଧାନ ଜା: ଚଷା ବା: ନିଜଗାଁ |
| ମୋଟ | ୨୯ | ୩୧.୫୦୦ | ୮.୨୭୦ | | ୮.୨୭୦ | ୩.୦୦୫ | ୫.୨୬୫ | |

ପ୍ରତ୍ୟାହାର ଭୂମି ଅନୁସୂଚି

୫୭ ନଂ ଜାତୀୟ ରାଜପଥ, ପୁରୁଣାକଟକ ଠାରୁ ମହାନଦୀ ସେତୁ ଧଳପୁର ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ।

ମୌଜାପୁରୁଣାକଟକ -, ଥାନା ପୁରୁଣାକଟକ , ତହସିଲ ହରଭଙ୍ଗା, ଜିଲ୍ଲାବୌଦ୍ଧ -

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | Notified Area | ପ୍ରତ୍ୟାହାର ରକବା | ଅବଶିଷ୍ଟ ରକବା | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୬୪ | ୧୪୧ | ୦.୩୦୦ | ୦.୨୬୦ | ସାରଦ ଜଳ-ଦୁଇ | ୦.୨୬୦ | ୦.୨୬୦ | ୦.୦୦ | ନନ୍ଦ କିଶୋର ଅଗ୍ରୱାଲ, ପିତା-ମଦନ ଲାଲ ଅଗ୍ରୱାଲ, ଜା- ମାର୍ବାଡି, ନିଜଗାଁ |
| ୧୧୬ | ୧୪୦ | ୧.୯୫୦ | ୦.୭୫୦ | ସାରଦ ଜଳ-ଏକ | ୦.୭୫୦ | ୦.୫୩୦ | ୦.୨୨୦ | ଭାଗିରଥି ଭୋକ୍ତା, ସ୍ୱା- ରଘୁମଣି ଭୋକ୍ତା, ଜା- ସୁଦ, ନିଜଗାଁ |
| ୧୧୮ | ୯୭ | ୧.୨୨୦ | ୦.୫୮୦ | ସାରଦ ଜଳ-ଏକ | ୦.୫୮୦ | ୦.୫୮୦ | ୦.୦୦ | ଭାଗିରଥି ଭୋକ୍ତା ପି- ଦାଶରଥି ଭୋକ୍ତା, କ୍ଷମାରାନୀ ଭୋକ୍ତା ପି- ରଘୁମଣି ଭୋକ୍ତା, ରାହାସ ଭୋକ୍ତା, ଝରଣା ଭୋକ୍ତା, ସଜି ଭୋକ୍ତା, ପି-ଶ୍ରୀବଚ୍ଛ ଭୋକ୍ତା,ଜା-ସୁଦ ବା- ନିଜଗାଁ |
| | ୯୮ | ୧.୩୪୦ | ୦.୬୦୦ | ସାରଦ ଜଳ-ଦୁଇ | ୦.୬୦୦ | ୦.୬୦୦ | ୦.୦୦ | |
| ୧୨୩ | ୧୪୨ | ୧.୦୮୦ | ୦.୨୦୦ | ସାରଦ-ଦୁଇ | ୦.୨୦୦ | ୦.୧୪୨ | ୦.୦୫୮ | ଶ୍ରୀ ଭୈରବି ଠାକୁରାଣୀ ବିଜେ ଜିଆକଟା ମାର୍ଫତ ମନୋରଞ୍ଜନ ଦେହୁରୀ, ଲଳିତ ଦେହୁରୀ ପି: ନନ୍ଦ କିଶୋର ଦେହୁରୀ, ନବକିଶୋର ଦେହୁରୀ, ନବିନ କିଶୋର ଦେହୁରୀ ପି: ଦେବିଚରଣ ଦେହୁରୀ, ଆଶା ଦେହୁରୀ ସ୍ୱା: ପୂର୍ଣ୍ଣ ଚନ୍ଦ୍ର ଦେହୁରୀ, ବନମାଳି ଦେହୁରୀ, ଶାରଦ। ଦେହୁରୀ, ବସନ୍ତ କୁମାର ଦେହୁରୀ ପି: ନିଳାଦ୍ରି ଦେହୁରୀ, ଲଡୁ କିଶୋର ଦେହୁରୀ, ରବି ଦେହୁରୀ, ବାଳ କୃଷ୍ଣ ଦେହୁରୀ ପି: ଶ୍ରୀ ନିବାସ ଦେହୁରୀ ଜା: ମାଳି ବା: ନିଜଗାଁ |
| | ୧୪୩ | ୦.୮୬୦ | ୦.୦୧୦ | | ୦.୦୧୦ | ୦.୦୦ | ୦.୦୧୦ | |
| ୧୪୦ | ୧୩୯ | ୦.୦୪୦ | ୦.୦୪୦ | ସାରଦ ଜଳ-ଏକ | ୦.୦୪୦ | ୦.୦୦ | ୦.୦୪୦ | ସୁକାନ୍ତ କୁମାର ଦାସ, ସୁଶାନ୍ତ କୁମାର ଦାସ ପି: ରାଧା ମୋହନ ଦାସ, |
| | ୧୩୯/୧୫୯୧ | ୦.୧୮୦ | ୦.୦୨୦ | ସାରଦ ଜଳ-ଏକ | ୦.୦୨୦ | ୦.୦୨୦ | ୦.୦୦ | |
| | ୧୩୯/୧୫୯୪ | ୦.୦୪୦ | ୦.୦୪୦ | ସାରଦ ଜଳ-ଏକ | ୦.୦୪୦ | ୦.୦୪୦ | ୦.୦୦ | ସୁଶିଳା କୁମାରୀ ଦାସ ସ୍ୱା: ରାଧା ମୋହନ ଦାସ ଜା: ବ୍ରାହ୍ମଣ ବା: ନିଜଗାଁ |
| ୧୪୨ | ୧୩୮ | ୦.୭୭୦ | ୦.୦୧୦ | ସାରଦ ଜଳ-ଏକ | ୦.୦୧୦ | ୦.୦୦ | ୦.୦୧୦ | ବିଜୟଲକ୍ଷ୍ମୀ ସାହୁ ପି:ରାତ୍ମେଶ୍ୱର ସାହୁ ଜା: ତେଲି ବା: ନିଜଗାଁ |
| ୧୬୮ | ୯୨ | ୯.୧୦୦ | ୧.୮୨୦ | ସାରଦ ଜଳ-ଏକ | ୧.୮୨୦ | ୧.୩୨୯ | ୦.୪୯୧ | ଶେଷଦେବ ପ୍ରଧାନ ପି:ମାଧବ ଚରଣ ପ୍ରଧାନ ଜା: ଚଷା ବା: ନିଜଗାଁ |
| ୨୨୧/୮୦ | ୧୪୦/୯୭୯ | ୦.୫୩୦ | ୦.୪୦୦ | ସାରଦ ଜଳ-ଏକ | ୦.୪୦୦ | ୦.୧୪୫ | ୦.୨୫୫ | ମାଳତି ମଲ୍ଲିକ ସ୍ୱା: କୁମରମଣି ମଲ୍ଲିକ, ଉମେଶ ମଲ୍ଲିକ, ପାଞ୍ଚାଳି ମଲ୍ଲିକ ପି: କୁମରମଣି ମଲ୍ଲିକ ଜା: କନ୍ଧ ବା: ପୁରୁଣାକଟକ |
| ୨୨୧/୩୮୯ | ୧୪୧/୧୨୫୩ | ୦.୦୮୦ | ୦.୦୬୦ | ସାରଦ ଜଳ-ଦୁଇ | ୦.୦୬୦ | ୦.୦୬୦ | ୦.୦୦ | ଅନନ୍ତ ଚରଣ ମହାପାତ୍ର ପି:ନରସିଂହ ମହାପାତ୍ର ଜା: ବ୍ରାହ୍ମଣ ବା: ସାମ୍ପୋଚ । |
| ୨୨୧/୩୯୦ | ୧୪୧/୧୨୫୪ | ୦.୦୮୦ | ୦.୦୭୦ | ସାରଦ ଜଳ-ଦୁଇ | ୦.୦୭୦ | ୦.୦୭୦ | ୦.୦୦ | ରମେଶ ପ୍ରସାଦ ମହାପାତ୍ର ପି:ନରସିଂହ ମହାପାତ୍ର ଜା: ବ୍ରାହ୍ମଣ ବା: ସାମ୍ପୋଚ |
| ୨୨୧/୪୮୨ | ୯୬ | ୧.୧୦୦ | ୦.୦୩୦ | ସାରଦ ଜଳ-ଏକ | ୦.୦୩୦ | ୦.୦୩୦ | ୦.୦୦ | ବିଦ୍ୟାଧର ଖୁଣ୍ଟିଆ ପି:ରଘୁନାଥ ଖୁଣ୍ଟିଆ ଜା: ସୁଦ ବା: ବିରନରସିଂହପୁର |
| ୨୨୧/୫୮୮ | ୧୪୧/୧୨୭୬ | ୦.୦୫୦ | ୦.୦୫୦ | ଘରବାରି | ୦.୦୫୦ | ୦.୦୫୦ | ୦.୦୦ | ନିରଞ୍ଜନ ଚିନାରା ପି:କୃଷ୍ଣ ଚନ୍ଦ୍ର ଚିନାରା ଜା: ବଣିଆ ବା: ନିଜଗାଁ |
| ୨୨୧/୭୨୬ | ୧୩୯/୧୫୯୨ | ୦.୦୪୦ | ୦.୦୩୦ | ସାରଦ ଜଳ-ଏକ | ୦.୦୩୦ | ୦.୦୩୦ | ୦.୦୦ | ସତ୍ୟ ନାରାୟଣ ଦାସ ପି:ଦୁର୍ଯ୍ୟୋଧନ ଦାସ ଜା: ବ୍ରାହ୍ମଣ ବା: ନିଜଗାଁ |
| | ୧୩୯/୧୫୯୬ | ୦.୦୪୦ | ୦.୦୪୦ | ସାରଦ ଜଳ-ଏକ | ୦.୦୪୦ | ୦.୦୪୦ | ୦.୦୦ | |
| ୨୨୧/୭୨୭ | ୧୩୯/୧୫୯୩ | ୦.୦୪୦ | ୦.୦୩୦ | ସାରଦ ଜଳ-ଏକ | ୦.୦୩୦ | ୦.୦୩୦ | ୦.୦୦ | ଅଭିମନ୍ୟୁ ଦାସ ପି:ଦୁର୍ଯ୍ୟୋଧନ ଦାସ ଜା: ବ୍ରାହ୍ମଣ ବା: ନିଜଗାଁ |
| | ୧୩୯/୧୫୯୫ | ୦.୦୫୦ | ୦.୦୫୦ | ସାରଦ ଜଳ-ଏକ | ୦.୦୫୦ | ୦.୦୫୦ | ୦.୦୦ | |
| | ୧୩୯/୧୫୯୭ | ୦.୦୬୦ | ୦.୦୨୦ | ସାରଦ ଜଳ-ଏକ | ୦.୦୨୦ | ୦.୦୨୦ | ୦.୦୦ | |
| ମୋଟ | ୨୧ | ୧୮୯୫ | ୫.୧୧ | | ୫.୧୧ | ୪.୦୨୬ | ୧.୦୮୪ | |

By order of the Governor
(Madhusmita Sahoo)
Additional Secretary to Government

OIPR-24001/24001/3/26-27/0027


# ତମାଖୁ ଜାତୀୟ ଦ୍ରବ୍ୟର ବ୍ୟବହାର ଓ ବିକ୍ରୟ ନିଷିଦ୍ଧ ପାଇଁ ଚଢ଼ଉ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଅଧିନସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କଳାପଥର ଓ ସରଧାପାଲି ତଥା ମଡେଲ ଡିଗ୍ରୀ କଲେଜର ଆଖପାଖ ଅଞ୍ଚଳରେ ସିଗାରେଟ ଓ ଅନ୍ୟାନ୍ୟ ତମାଖୁ ଜାତୀୟ ଦ୍ରବ୍ୟର ଅଧିନିୟମ ୨୦୦୩ ଅନୁଯାୟୀ, ଏହାର ବ୍ୟବହାର ଓ ବିକ୍ରୟ ନିଷିଦ୍ଧ ପାଇଁ ଏକ ଟିମ୍ ସମସ୍ତ ଦୋକାନ ମାନଙ୍କରେ ଚଢ଼ଉ କରି ୨୧ଟି ଦୋକାନରୁ ମୋଟ ୩୮୦୦ ଟଙ୍କା ଜରିମାନା ଆଦାୟ କରିଥିଲେ। ଏହି ଟିମ୍‌ରେ ଭେଷଜ ନିରୀକ୍ଷକ- ଟିକେଶ୍ୱରି ମାଝୀ, ଅଣସଂକ୍ରାମକ ରୋଗ ପରାମର୍ଶଦାତା- ଆଲୋକ କୁମାର ମିଶ୍ର ସୋସିଆଲ ୱାର୍କର ଅଶ୍ୱିନୀ ଶତପଥୀ ତଥା ସୋନପୁର ପୋଲିସ ଓ ଅବକାରୀ ବିଭାଗର ନେତୃତ୍ୱରେ ଏହି ଚଢ଼ଉ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଆଗକୁ ଏହି କାର୍ଯ୍ୟକ୍ରମ ବ୍ୟାପକ କରାହେବା ଉପରେ ଜିଲ୍ଲା ଅଣ ସଂକ୍ରମକ ରୋଗ ପରାମର୍ଶଦାତା ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।



# ବଦଳିବ ଡିପ୍ଲୋମା ପାଠ୍ୟକ୍ରମ : ବାଦ୍ ପଡ଼ିବ ଏକାଧିକ କୋର୍ସ

**କଟକ, ନ୍ୟୁଜ୍ ବ୍ୟୁରୋ**

ବୈଷୟିକ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶାଳୟ ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷରେ ସରକାରୀ ଓ ବେସରକାରୀ ଡିପ୍ଲୋମା ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଜାରି ରହିଛି। ଏହି ପ୍ରକ୍ରିୟା ଗତ ଏପ୍ରିଲ ୧ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୧୫ ତାରିଖରେ ସରିବାକୁ ଯାଉଛି। ଅନ୍‌ଲାଇନ୍ ମାଧ୍ୟମରେ ଛାତ୍ରଛାତ୍ରୀ ମାନେ ଇଞ୍ଜିନିୟରିଂ ଡିପ୍ଲୋମା ପାଠ୍ୟକ୍ରମ ପାଇଁ ଆବେଦନ କରୁଥିବା ବେଳେ ଚଳିତବର୍ଷ ଏଥିରେ ଅନେକ ପାଠ୍ୟକ୍ରମ ପରିବର୍ତ୍ତନ ହେବ ବୋଲି ଜଣାପଡ଼ିଛି। ବୈଷୟିକ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶାଳୟରୁ ମିଳିଥିବା ସୂଚନା ଅନୁସାରେ ଛାତ୍ରଛାତ୍ରୀଙ୍କ ପାଇଁ ନିଯୁକ୍ତିଭିତ୍ତିକ ପାଠ୍ୟକ୍ରମକୁ ଗୁରୁତ୍ୱ ଦେଇ ଚଳିତବର୍ଷ ପାଠ୍ୟ ଖସଡ଼ା ପ୍ରସ୍ତୁତ ହେଉଛି। କିଛି କୋର୍ସକୁ ଏଥିରୁ ବାଦ୍ ଦିଆଯିବ ବୋଲି ଜଣାପଡ଼ିଛି। ଭୁବନାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରିଂ (ବୋସ୍) ଭଳି ସରକାରୀ ଶିକ୍ଷାନୁଷ୍ଠାନରେ ସିଭିଲ୍, ଇଲେକ୍ଟ୍ରିକାଲ୍, ମେକାନିକାଲ୍, ଇଲେକ୍ଟ୍ରୋନିକ୍ସ, ଆପ୍ଲାଏଡ୍ ଇଲେକ୍ଟ୍ରୋନିକ୍ସ, କମ୍ପ୍ୟୁଟର ସାଇନ୍ସ, ଅଟୋମୋବାଇଲ୍, ମେକାଟ୍ରୋନିକ୍ସ, ଡିଜିଟାଲ୍ ମାନୁଫ୍ୟାଚୁରିଂ ଟେକ୍ନୋଲୋଜି, ଅଟୋମେସନ୍ ଏବଂ ରୋବୋଟିକ୍ସ ଭଳି ୧୧ଟି ଟ୍ରେଡ୍ ରହିଛି। ଏହାମଧ୍ୟରୁ ବୋସ୍ ଶିକ୍ଷାନୁଷ୍ଠାନରେ ଏବେ ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ବିଭାଗ ବନ୍ଦ ରହିଛି। ତେବେ ପୂର୍ବରୁ ଅଣ ଇଞ୍ଜିନିୟରିଂ ଟ୍ରେଡରେ ଥିବା ବିୟୁଟି କଲଚର, ଫାର୍ମାସୀ, ଟୁରିଜିମ୍, ଅଫିସ୍ ମ୍ୟାନେଜ୍‌ମେଣ୍ଟ ଭଳି କୋର୍ସର ଅଲଗା ନାମଲେଖା ହେଉଥିଲା। କିନ୍ତୁ ଏହି ବିଷୟଗୁଡ଼ିକର ନିଜସ୍ୱ ସ୍ୱତନ୍ତ୍ର ପାଠ୍ୟକ୍ରମ ରହିଛି। ଏହାଛଡ଼ା ଇଞ୍ଜିନିୟରିଂ ପାଠ୍ୟକ୍ରମ ମଧ୍ୟରେ ଏହି ବିଷୟ ଆସୁନଥିବାରୁ ଚଳିତବର୍ଷ ଏହି କୋର୍ସକୁ ବାଦ୍ ଦେବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ତେଣୁ ଏହି କୋର୍ସରେ ଆବେଦନ ପାଇଁ ପୋର୍ଟାଲ ବନ୍ଦ ରଖାଯାଇଥିବା କୁହାଯାଉଛି। କିନ୍ତୁ ପୋର୍ଟାଲ ବନ୍ଦ ସମ୍ପର୍କରେ କୌଣସି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନଥିବାରୁ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍‌ରେ ଆବେଦନ ପାଇଁ ଉଦ୍ୟମ କରି ନିରାଶ ହୋଇଛନ୍ତି। ଏନେଇ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାର ଜଣେ ବରିଷ୍ଠ ଅଧ୍ୟାପିକା କହିଛନ୍ତି, ଏହିସବୁ କୋର୍ସ ଏକ ବୃତ୍ତିଗତ କୁଶଳୀ ଆଧାରିତ ପାଠ୍ୟକ୍ରମ। ଏହାଦ୍ୱାରା ରୋଜଗାର କରିବାର ସୁଯୋଗ ରହିଛି। ତେଣୁ ଏହାକୁ ସରକାରୀ ଶିକ୍ଷାନୁଷ୍ଠାନରୁ ବନ୍ଦ କରିବା ନିଷ୍ପତ୍ତି ଉଚିତ୍ ନୁହେଁ। କାରଣ ବେସରକାରୀ ଶିକ୍ଷାନୁଷ୍ଠାନରେ ଗରିବ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏଥିରେ ଅଧିକ ଅର୍ଥ ଦେଇ ପଢ଼ିବା ସମ୍ଭବ ନୁହେଁ। ଅନ୍ୟପଟେ ଏ ସମ୍ପର୍କରେ ବୈଷୟିକ ଶିକ୍ଷା ଓ ତାଲିମ୍ ନିର୍ଦ୍ଦେଶକ ଚକ୍ରଓ୍ୱର୍ତ୍ତୀ ସିଂ ରାଠୋର କହିଛନ୍ତି, ଇଞ୍ଜିନିୟରିଂ ପାଠ୍ୟକ୍ରମର ସଫଳତା ନେଇ ଏକ ଆପେକ୍ସ କମିଟି ଦ୍ୱାରା ସମସ୍ତ ପାଠ୍ୟକ୍ରମର ଗତ ୫ ବର୍ଷର ସମସ୍ତ ତଥ୍ୟକୁ ଅନୁଧ୍ୟାନ କରାଯାଇଛି। ଏଥିରେ ନାମଲେଖା ସହ ଡ୍ରପ୍‌ଆଉଟ୍, ପାସ୍ ପ୍ରତିଶତ ଏବଂ ଭିତ୍ତିଭୂମିକୁ ଯାଞ୍ଚ କରାଯାଇ ଯେଉଁ କୋର୍ସରେ ଅଧିକ ଡ୍ରପ୍‌ଆଉଟ୍, କମ୍ ପାସ୍ ପ୍ରତିଶତ ଏବଂ କମ୍ ନିଯୁକ୍ତି ଅଛି ସେହି କୋର୍ସକୁ ବନ୍ଦ କରାଯିବ। ଅନ୍ୟଯେଉଁ କୋର୍ସର ଚାହିଦା ଏବଂ ନିଯୁକ୍ତି ସୁଯୋଗ ରହିଛି ସେହି କୋର୍ସର ଭିତ୍ତିଭୂମି ବଢ଼ାଯିବା ସହ ସିଟ୍ ସଂଖ୍ୟା ବୃଦ୍ଧି କରାଯିବ। ଏହି ୪ଟି କୋର୍ସରେ ନିଯୁକ୍ତି ସୁଯୋଗ ନଥିବାରୁ ଏହାକୁ ବନ୍ଦ କରାଯିବ ବୋଲି କହିଛନ୍ତି। ଡିପ୍ଲୋମା ଇଞ୍ଜିନିୟରିଂରେ ଆଉ କିଛି ନୂଆ କୋର୍ସ ଅନ୍ତର୍ଭୁକ୍ତ କରାଯିବା ପାଇଁ ଏଆଇସିଟିଇର ଅନୁମୋଦନ ପାଇଁ ଆବେଦନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

# ପ୍ରେମରୁ ବିବାହ : କିନ୍ନରଙ୍କୁ ଜୀବନସାଥୀ କଲେ ଯୁବକ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁରରେ ଦେଖିବାକୁ ମିଳିଛି ନିଆରା ବାହାଘର। ଜଣେ ଯୁବକ ବାହା ହୋଇଛନ୍ତି କିନ୍ନର ଯୁବତୀଙ୍କୁ, ବାହା ହେବା ପରେ ଘର ସଂସାର କରିବାକୁ ନିଷ୍ପତ୍ତି ନେଇଛନ୍ତି ନବ ଦମ୍ପତି। ଉମରକୋଟରେ ଥିବା କିନ୍ନର ଆଖଡ଼ା ଗୃହରେ ଏହି ବାହାଘର ଧୂମ୍‌ଧାମ୍‌ରେ ଗତ ସୋମବାର ଦିନ ସମ୍ପନ୍ନ ହୋଇଛି। ସାମାଜିକ ଗଣମାଧ୍ୟମରୁ ଆରମ୍ଭ ଏହି ପ୍ରେମ କାହାଣୀ ବାହା ବେଦୀ ପର୍ଯ୍ୟନ୍ତ ପହଞ୍ଚିଛି ଆଗକୁ ଘର ସଂସାର କରିବେ। ଯୁବକ ଜଣକ ହେଉଛନ୍ତି ଜଗତସିଂହପୁର ତିର୍ତ୍ତୋଲ ଅଞ୍ଚଳର ସତ୍ୟଜିତ ଆଚାର୍ଯ୍ୟ। ଦୁଇ ବର୍ଷ ତଳେ ସାମାଜିକ ଗଣମାଧ୍ୟମରେ କଳାହାଣ୍ଡି ଜିଲ୍ଲାର କିନ୍ନର ଶିବାନୀ ସାହୁଙ୍କୁ ବନ୍ଧୁତ୍ୱ ଆରମ୍ଭ କରିଥିଲେ। ସମୟ ଗଡ଼ିବା ସହ ବନ୍ଧୁତ୍ୱ ପ୍ରେମରେ ପରିଣତ ହେଲା। ଦୀର୍ଘ ଦୁଇ ବର୍ଷର ପ୍ରେମ ପରେ ବିବାହ ପାଇଁ ନିଷ୍ପତି ନେଲେ। ଇତି ମଧ୍ୟରେ ଶିବାନୀ କଳାହାଣ୍ଡିରୁ ନବରଙ୍ଗପୁର ଜିଲ୍ଲା ଉମରକୋଟର ଦେବାଲିନା ଆଚାର୍ଯ୍ୟଙ୍କ ଆଖଡ଼ାକୁ ଆସିଯାଇଥିଲେ। କିଛିଦିନ ତଳେ ଶିବାନୀ ଯୁବକ ସତ୍ୟଜିତଙ୍କୁ ବିବାହ କରିବାକୁ ଚାହୁଁଥିବା ପ୍ରକାଶ କରିଥିଲେ। ଆଖଡ଼ା ଗୁରୁମା ଦେବଲିନା ସତ୍ୟଜିତଙ୍କ ସହ କଥା ହେଲେ ସେ ମଧ୍ୟ ଶିବାନୀଙ୍କ ସହ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଉଭୟଙ୍କ ନିଷ୍ପତିକୁ ସତ୍ୟଜିତଙ୍କ ପରିବାରକୁ ଜଣାଇବାରୁ ସେହିମାନେ ପ୍ରଥମେ ଏହି ସମ୍ପର୍କକୁ ବିରୋଧ କରିଥିଲେ ମଧ୍ୟ ପରେ ପୁଅର ପ୍ରେମ ଆଗରେ ମୁଣ୍ଡ ନୁଆଁଇଥିଲେ ଓ ବାହାଘର ସକାଶେ ରାଜି ହୋଇଥିଲେ କିନ୍ତୁ ଶିବାନୀ ସାହୁଙ୍କ ପରିବାର ଶିବାନୀ କିନ୍ନର ହୋଇଥିବା ଯୋଗୁ ବିବାହ ସପକ୍ଷରେ ଯାଇନଥିଲେ। ଏହିପରି ପରିସ୍ଥିତିରେ ଦୁଇଜଣ ସାବାଳକ ହୋଇଥିବା ଯୋଗୁ ଆଖଡ଼ାର ନିଷ୍ପତିକ୍ରମେ ଗାନ୍ଧର୍ବ ରୀତିରେ ଗତ ସୋମବାର ଦିନ ବିବାହ ସମ୍ପନ୍ନ ହୋଇଥିଲା। ନାଚ ଗୀତ ସହ ଭୋଜି ଭାତର ଆୟୋଜନ ହୋଇଥିଲା। ସ୍ଥାନୀୟ ଲୋକ ଯୋଗଦେଇ ନବ ଦମ୍ପତିଙ୍କୁ ଆର୍ଶୀବାଦ ଦେଇଥିଲେ। ନବରଙ୍ଗପୁର ଜିଲ୍ଲାରେ ଏହିପ୍ରକାର ବିବାହ ପ୍ରଥମ ହୋଇଥିବା ଯୋଗୁ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି।

# ଅଧାପନ୍ତରିଆ ନଦୀବନ୍ଧ ସୁରକ୍ଷା ପାଚେରୀ : ବନ୍ୟା ଆଶଙ୍କାରେ ଅଞ୍ଚଳବାସୀ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ବର୍ଷା ଋତୁ ପାଖେଇ ଆସୁଥିବା ବେଳେ ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତବାସୀଙ୍କ ମନରେ ଘାରିଛି ବନ୍ୟା ଆତଙ୍କ। ଗୋଖାସାହି ଦକ୍ଷିଣ ପାର୍ଶ୍ୱ ଦେଇ ବହି ଯାଇଥିବା ଗେଙ୍ଗୁଟି ନଦୀର ସୁରକ୍ଷା ପାଚେରି ନିର୍ମାଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲିଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତିବର୍ଷ ବନ୍ୟା ସମୟରେ ଗେଙ୍ଗୁଟି ନଦୀର ପ୍ରଖର ସ୍ରୋତରେ ଏଠାରେ ନଦୀବନ୍ଧ ଧସିଥାଏ, ଯାହାଫଳରେ ଗୋଖାସାହି ସମେତ ପାଖା ପାଖି ଅଞ୍ଚଳ ଜଳମଗ୍ନ ହେବାର ଭୟ ରହିଥାଏ। ଏହାର ସ୍ଥାୟୀ ପ୍ରତିକାର ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ସୁରକ୍ଷା ପାଚେରି ନିର୍ମାଣ ପାଇଁ ଅନୁମୋଦନ ମିଳିଥିଲା।



ଗତ ୨୦୨୫ ନଭେମ୍ବର ୨୨ ତାରିଖରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଏହି ପ୍ରକଳ୍ପର ଶିଳାନ୍ୟାସ ଅତି ଉତ୍ସାହର ସହ କରାଯାଇଥିଲା। କିନ୍ତୁ ଶିଳାନ୍ୟାସର ୩ ମାସ ପୂର୍ବରୁ ଏଗ୍ରିମେଣ୍ଟ ଅନୁଯାଇ କାର୍ଯ୍ୟ ବି ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟ ବି ଶିଳାନ୍ୟାସକୁ ପାଖାପାଖି ୧୦ ମାସ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ଏବେବି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସରକାରୀ ଅନୁଦାନ ସତ୍ତ୍ୱେ ଠିକାଦାର କାର୍ଯ୍ୟର ଅବହେଳା ଯୋଗୁଁ କାମ ଶେଷ ହେବାର ନାଁ ଧରୁନି। ଯେତିକି କାମ ହୋଇଛି ତାହାବି ଅତି ନିମ୍ନମାନର, ଏପରିକି ସେଠାରେ ପାଚେରିରେ ୮ ଏମ୍ ରଡ ବି ଦିଆଯାଉଛି, ଯାହାକି ବନ୍ୟାର ସ୍ରୋତରେ ଭୁଶୁଡ଼ି ଯାଇପାରେ। ଅନ୍ୟପଟେ କିଛିଦିନ ପରେ ମୌସୁମୀ ବର୍ଷା ଆରମ୍ଭ ହେବାକୁ ଯାଉଥିବାବେଳେ ନଦୀବନ୍ଧର ଏହି ଦୁର୍ବଳ ସ୍ଥିତି ସ୍ଥାନୀୟ ଲୋକଙ୍କ ନିଦ ହଜାଇ ଦେଇଛି। ଯଦି ବର୍ଷା ପୂର୍ବରୁ ଏହି ପାଚେରି କାମ ସମ୍ପୂର୍ଣ୍ଣ ନହୁଏ, ତେବେ ୭୦ ଲକ୍ଷ ଟଙ୍କାର ଅନୁଦାନ ପାଣିରେ ପଡ଼ିବା ସହ ଶତାଧିକ ପରିବାର ପୁଣି ଥରେ ବନ୍ୟା ଘେରକୁ ଚାଲିଯିବେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ଓ ବାସିନ୍ଦା ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ତୁରନ୍ତ ପ୍ରଶାସନିକ ହସ୍ତକ୍ଷେପ ଏବଂ କାର୍ଯ୍ୟର ତ୍ୱରାନ୍ୱିତ ପାଇଁ ଦାବି କରିଛନ୍ତି। ଅପରପକ୍ଷେ ଧାମନଗର ଜଳସେଚନ ବିଭାଗର ଅଧିକାରୀ ସମ୍ଭୁନାଥ ମଲିକ କହିଛନ୍ତି। ଯେ ଉକ୍ତ ଠିକାଦାର ବାରମ୍ବାର କାର୍ଯ୍ୟର ବିଳମ୍ବ କରୁଛନ୍ତି ତାଙ୍କର ଏଗ୍ରିମେଣ୍ଟ ଆଉ ମାସେ ଅଛି ତେବେ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।

# ୬ କୋଟି ବ୍ୟୟରେ ନିର୍ମାଣ ହେବ ଚାରିଧାମ ପାର୍କ ପ୍ରକଳ୍ପ

**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଏନଏସି କାର୍ଯ୍ୟାଳୟ ପକ୍ଷରୁ ସହରରେ ନବନିର୍ମିତ ବିଭିନ୍ନ ପ୍ରକଳ୍ପକୁ ଶୁକ୍ରବାର ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ଉଦ୍‌ଘାଟନ କରିବା ସହ ଅନ୍ୟାନ୍ୟ ମଞ୍ଜୁର ପ୍ରାପ୍ତ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ କରିଛନ୍ତି। ବିଧାୟକ ସହର ଉପକଣ୍ଠ ଶ୍ରୀ ହନୁମାନ ବାଟିକା ଏନ୍‌ଏସି ଚେକ୍ ଗେଟ ନିକଟରେ ପହଞ୍ଚିବା ପରେ ସେଠାରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା,କାଉନସିଲର ଓ କର୍ମଚାରୀ ବୃନ୍ଦ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରେ ବିଧାୟକ ଅଳିଆ ଆବର୍ଜନା ପଦାର୍ଥ ଦ୍ୱାରା ନିର୍ମିତ କଳାକୃତି ଗୁଡ଼ିକୁ ଉଦଘାଟନ କରିଥିଲେ। ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡ ଠାରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ କେନ୍ଦ୍ର, ପୁଞ୍ଜିକଂଯ୍ଯା ଛକରେ ପଥଚାରୀଙ୍କ ନିମନ୍ତେ ଆକାଂକ୍ଷୀ ଶୌଚାଳୟ, ବିଏସଏନଏଲ କାର୍ଯ୍ୟାଳୟ ନିକଟସ୍ଥ ଖୋଲା ଜାଗାର ସୌନ୍ଦର୍ଯ୍ୟକରଣ ଓ ଭଗବାନ ବିଷ୍ଣୁଙ୍କ ଅନନ୍ତ ଶୟନ ପ୍ରତିମୂର୍ତ୍ତି, ସହରର ଘୋଡାହାଡ଼ ଡ୍ୟାମ ଛକରେ ସନ୍ଥ ଅରକ୍ଷିତ ଦାସ ମଣ୍ଡପର ଉନ୍ନତିକରଣ କାର୍ଯ୍ୟ ଏବଂ ଖୋଲା ଜାଗାର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ସହ ଭଗବାନ ଶିବଙ୍କ ପ୍ରତିମୂର୍ତ୍ତି ର ଶୁଭ ଉଦଘାଟନ କରିବା ପରେ ୨ ନଂ ୱାର୍ଡ ଅଧିନ ନିମପଲ୍ଲୀ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସହରୀ ବିକାଶ ଯୋଜନା ଏବଂ ଜଳାଶୟ ଉନ୍ନତିକରଣ ଯୋଜନା ସହାୟତାରେ ପ୍ରାୟ ୬ କୋଟି ବ୍ୟୟ ଅଟକଳ ରେ ନିର୍ମାଣ ହେବାକୁ ଥିବା ଚାରିଧାମ ଉଦ୍ୟାନ ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ କରିଥଲେ। ଏହି ପ୍ରକଳ୍ପ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୧ କୋଟି ୧୮ ଲକ୍ଷ ପାଇଁ ଟେଣ୍ଡର ସରିଛି। ସେହିପରି ସହରର ବହୁ ପ୍ରତିକ୍ଷୀତ ଐତିହ୍ୟ ସମ୍ପନ୍ନ ବଡବନ୍ଧ ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ନିମନ୍ତେ ୩ କୋଟି ୩୦ ଲକ୍ଷ ଅଟକଳରେ ନିର୍ମାଣ କାର୍ଯ୍ୟ ନିମନ୍ତେ ବିଧାୟକ ଶିଳାନ୍ୟାସ କରିଥିଲେ। ପରିଶେଷରେ ଏନଏସି କାର୍ଯ୍ୟାଳୟ ସଭାଗୃହ ପରିସରରେ ୪୧ ବିଧବାବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ନୂତନ ଭାବେ ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଡ଼ିଓ ଅନାମିକା ପାଣ୍ଡେ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ ଶତପଥୀ, ଏନ୍‌ଏସି ଉପାଧ୍ୟକ୍ଷା କେ. ପୂଜା, କାଉନସିଲର ଦୀପକ କୁମାର ମିଶ୍ର, ନୀଳମାଧବ ଗୌଡ଼, ସୁଶାନ୍ତ କୁମାର ପାତ୍ର, ସନ୍ତୋଷିନୀ ବେହେରା, ସୁନୀଲ ପଣ୍ଡା, ଜ୍ୟୋସ୍ନା ଜେନା, କାଉନସିଲର ପ୍ରତିନିଧି ଇ. ଶଙ୍କର, ରମେଶ ଜେନାଙ୍କ ସମେତ ବହୁ ସଂଖ୍ୟକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏନ୍‌ଏସି କର୍ମଚାରୀ ବୃନ୍ଦ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦିଗପହଣ୍ଡି ଏନ୍‌ଏସି ବିକାଶ କ୍ଷେତ୍ରରେ ସର୍ବଦା ଅବହେଳିତ ହୋଇ ଆସୁଥିବା ବେଳେ ସମ୍ପ୍ରତି ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗ ଏବଂ ଏନଏସି ଅଧ୍ୟକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରଚେଷ୍ଟାରେ ସହରର ବିବିଧ ଉନ୍ନତି କରାଯାଉଥିବା ଜଣାପଡ଼ିଛି।







# ପେଟ୍ରୋଲ ଓ ଡିଜେଲର କୃତ୍ରିମ ଅଭାବ:ଲୋକେ ହନ୍ତସନ୍ତ



ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାରରେ ଥିବା ପେଟ୍ରୋଲ ପମ୍ପ ଗୁଡ଼ିକରେ ପେଟ୍ରୋଲ ଓ ଡିଜେଲ ମିଳୁନଥିବା ଲୋକମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି । ଏହି ସମସ୍ୟା ଗତ କିଛିଦିନ ହେଲା ଲାଗି ରହିଥିବାରୁ ଗାଡ଼ି ମଟର ଓ ବାଇକ୍ ଚାଳକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପ ଗୁଡ଼ିକ ସକାଳେ କିଛି ସମୟ ପାଇଁ ଖୋଲି ବାଇକ୍ ପ୍ରତି ୧୦୦ ଟଙ୍କାର ପେଟ୍ରୋଲ ଦେଉଥିବାବେଳେ ଅପରାହ୍ଣରୁ ପମ୍ପ ଗୁଡ଼ିକୁ ବନ୍ଦ କରିଦେଉଛନ୍ତି । ପମ୍ପ ଗୁଡ଼ିକ ସାମ୍ନାରେ ନୋ ପେଟ୍ରୋଲ ଓ ନୋ ଡିଜେଲ ଲେଖା ପୋଷ୍ଟର ଝୁଲାଇ ଦେଇ ପମ୍ପ ଗୁଡ଼ିକର ଆଲୋକ ବନ୍ଦ କରିଦେଉଛନ୍ତି । ଚୌଦ୍ୱାର ସହରରେ ମୋଟ ୭ଟି ପମ୍ପ ଥିବାବେଳେ ସବୁ ପମ୍ପରେ ସମାନ ଅବସ୍ଥା ଦେଖାଯାଉଛି । ସକାଳେ ପମ୍ପ ଖୋଲିବା ମାତ୍ରେ ଶହ ଶହ ଲୋକ ବାଇକ, ଅଟୋ, କାର୍ ଆଦି ନେଇ ଦୀର୍ଘ ସମୟ ଧରି ପ୍ରଖର ଖରାରେ ଲମ୍ବା ଲାଇନ୍‌ରେ ରହୁଛନ୍ତି । ହେଲେ ସେମାନଙ୍କ ଚାହିଦା ମତେ ପେଟ୍ରୋଲ ମିଳୁନଥିବା ଅଭିଯୋଗ ହେଉଛି। ଅପରାହ୍ଣରୁ ପମ୍ପ ଗୁଡ଼ିକରେ ପେଟ୍ରୋଲ ସରିଯାଉଥିବାବେଳେ ସକାଳେ ପମ୍ପରେ ପେଟ୍ରୋଲ କେଉଁଠୁ ଆସୁଛି ବୋଲି ଗାଡ଼ି ଚାଳକମାନେ ଅଭିଯୋଗ କରିଛନ୍ତି। ପମ୍ପ ମାଲିକମାନେ ପେଟ୍ରୋଲ ଓ ଡିଜେଲର କୃତ୍ରିମ ଅଭାବ ସୃଷ୍ଟି କରି ଅଧିକ ମୁନାଫା କମାଇବାର ଚକ୍ରାନ୍ତ ଚଳାଇଛନ୍ତି ବୋଲି ବହୁ ଗ୍ରାହକ ଅଭିଯୋଗ କରିଛନ୍ତି । ମାଲିକମାନେ ଲୋକମାନଙ୍କୁ ଦୟାରେ ପେଟ୍ରୋଲ ଦେଉଥିବା ବାଇକ୍‌କୁ ଗୋଟାକୁ ୧୦୦ ଟଙ୍କା ଓ କାର ଗୋଟାକୁ ୩୦୦ ଟଙ୍କାର ତେଲ ଦେଉଛନ୍ତି । ଦେଶ ଓ ରାଜ୍ୟରେ ପର୍ଯ୍ୟାପ୍ତ ପେଟ୍ରୋଲ ଓ ଡିଜେଲ ମହଜୁଦ ଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କହୁଥିବାବେଳେ ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଆଗାମୀ ଦିନର ସମ୍ଭାବ୍ୟ ସମସ୍ୟାକୁ ଦେଖି ଦେଶବାସୀଙ୍କୁ ସଚେତନ କରିବା ଲକ୍ଷ୍ୟରେ ପେଟ୍ରୋଲ ଜାତ ସାମଗ୍ରୀ ଅପଚୟ ନକରିବାକୁ ପ୍ରଧାନ ମନ୍ତ୍ରୀ ଦେଶବାସୀଙ୍କୁ ପରାମର୍ଶ ଦେଉଥିବାରୁ ଏହାର ସୁଯୋଗ ନେଇ ପମ୍ପ ମାଲିକ ମାନେ ପେଟ୍ରୋଲ ଓ ଡିଜେଲର କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । ରାଜ୍ୟ ସରକାର ଏହାର ସ୍ପଷ୍ଟିକରଣ ଦେବା ସହିତ ଜନସାଧାରଣଙ୍କ ସୁବିଧା ପାଇଁ ଅବିଳମ୍ବେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

# ସୋନପୁରରେ ଇନ୍ଧନ ଗ୍ୟାସ୍‌ର ହେବ ହୋମ୍ ଡେଲିଭରି



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ମଧ୍ୟ ପ୍ରାଚ୍ୟ ଯୁଦ୍ଧ ପରିସ୍ଥିତି ଲାଗିରହିଥିବା ବେଳେ ଆମ ରାଜ୍ୟରେ ସବୁଠାରେ ଇନ୍ଧନ ଗ୍ୟାସର ସଙ୍କଟ ଦେଖାଦେଇଛି । ସେହିପରି ସୋନପୁର ସହରରେ ଥିବା ପୁଷ୍ପଲତା ଏଜେନ୍ସି ଗ୍ୟାସର ମଧ୍ୟ ସେହିଦିନ ଠାରୁ ହୋମ୍ ଡେଲିଭରି ସେବା ଯୋଗାଇବାରେ ବିଫଳ ହୋଇଥିବା ଦେଖାଦେଇଛି । ଯାହାଫଳରେ କି ସହରରେ ବ୍ୟାପକ ଜନ ଅସନ୍ତୋଷ ଦେଖାଦେଇଛି । ଗ୍ରାହକମାନେ ଗ୍ୟାସ ଏଜେନ୍ସି ସମ୍ମୁଖରେ ପ୍ରତିଦିନ ସକାଳ ୫ଟାରୁ ଦିନ ସାରା ଯାଏ ଆସି ଲମ୍ବା ଧାଡ଼ି ଲଗାଉଛନ୍ତି । ଏପଟେ ଗ୍ରୀଷ୍ମ ଋତୁରେ ପ୍ରଖର ଖରା ହୋଇଥିବାରୁ ପ୍ରବଳ ଗରମ ସାଙ୍ଗକୁ ୫୭ ନମ୍ବର ଜାତୀୟ ରାଜପଥ ମଧ୍ୟ କାମ ହେଉଛି । ସେପଟେ ଲାଇନରେ ଭିଡ଼ ଗ୍ରାହକ ଗ୍ୟାସ ନପାଇ ଆଉଟୁ ପାଉଟୁ ହେଉଥିବା ଅଭିଯୋଗ ହେଉଅଛି । ଏ ନେଇ ସୁବର୍ଣ୍ଣପୁର ସହରର ପୁଷ୍ପଲତା ଗ୍ୟାସ ଏଜେନ୍ସି ପକ୍ଷରୁ ତତ୍ତ୍ୱାବଧାନରେ ଚନ୍ଦ୍ରାମ ନାୟକ (ଚରଣ) ଏକ ସାମ୍ବାଦିକ ସମ୍ମିଳନୀ କରି ସୋନପୁର ସହରବାସୀଙ୍କୁ ଓ ଗ୍ୟାସ ଉପଭୋକ୍ତାଙ୍କୁ ଅନୁରୋଧ କରିଛନ୍ତି । ପର୍ଯ୍ୟାପ୍ତ ପରିମାଣରେ ଗ୍ୟାସ୍ ରହିଛି । ବୁକିଂ କରିବା ପରେ ଉପଭୋକ୍ତାଙ୍କୁ ଗ୍ୟାସ୍ ୪/୫ ଦିନ ଭିତରେ ଘରକୁ ଘର ହୋମ୍ ଡେଲିଭରୀ କରାଯିବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି । ଅଯଥା ରେ ଅଫିସ୍‌କୁ ଆସି ଭିଡ଼ କରନ୍ତୁ ନାହିଁ ପ୍ରବଳ ଖରା ଯୋଗୁଁ ଧାଡ଼ିରେ ଠିଆ ହେବା ଦ୍ୱାରା ଅଂଶୁଘାତ ଓ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି । ବୁକିଂ କରିଥିବା ସମସ୍ତ ଉପଭୋକ୍ତାଙ୍କୁ ହୋମ୍ ଡେଲିଭରି ମାଧ୍ୟମରେ ଗ୍ୟାସ୍ ଯୋଗାଇ ଦିଆଯିବ ବୋଲି ସାମ୍ବାଦିକଙ୍କ ଜରିଆରେ ଶ୍ରୀ ନାଏକ ଉପଭୋକ୍ତା ମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

24001/121/2627

****

**ଅଧିସୂଚନା**

**No. RDM-LAB-GM-0051-2025- 289 / R&DM, Dated 02.01.2026**

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଗଞ୍ଜାମ ଜିଲ୍ଲାରେ ଛେଲିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା- ତାଳପୁର, ଥାନା- ପାଟପୁର, ତହସିଲ- ସାନଖେମୁଣ୍ଡି, ଜିଲ୍ଲା- ଗଞ୍ଜାମ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୨.୨୯୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

**୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ-** ଛେଳିଗଡ଼ ଜଳସେଚନ କେନାଲ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

**୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-** ଅଧିକ୍ଷଣ ଯନ୍ତ୍ରୀ, ଛେଳିଗଡ଼ କେନାଲ ବିଭାଜନ ,ଦିଗପହଣ୍ଡି ଗଞ୍ଜାମ ।

**୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-** ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା। (ଉକ୍ତ ପ୍ରକଳ୍ପ ଯୋଗୁଁ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି) ।

**୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-** ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ସଂଖ୍ୟା ୨୦୯୬୫ dated ୧୧.୦୬.୨୦୨୫ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି।

**୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-** ଉପଜିଲ୍ଲାପାଳ, ବ୍ରହ୍ମପୁର, ଗଞ୍ଜାମ ।

୬- ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଗଞ୍ଜାମ | ସାନଖେମୁଣ୍ଡି | ତାଳପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୮.୮୪୫ | ଏ ୨.୨୯୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଜିଲ୍ଲାପାଳ, ଗଞ୍ଜାମ ଓ ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ଥଇଥାନ ଓ ପୁନର୍ବସତି ଅଧିକାରୀ, (ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳ, ଗଞ୍ଜାମଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ତାଳପୁର ଗ୍ରାମର ଜମିର ବିବରଣୀ**

ତହସିଲ: ସାନଖେମୁଣ୍ଡି — ଜିଲ୍ଲା: ଗଞ୍ଜାମ

| ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ରକବା | କିସମ | ରୟତ ଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୨ | ୧୧୬ | ୦.୨୮୦ | ୦.୨୬୫ | ବିଲ ଜଳସେଚିତ ଦୋଫସଲି | ଅଭି ପ୍ରଧାନ ପି:ପୁନିଆ ପ୍ରଧାନ ଜା: କୁର୍ମ ବା: ଖଣ୍ଡଦେଉଳି | |
| ୫ | ୮୯ | ୦.୧୭୦ | ୦.୦୭୦ | ବିଲ ଅଣଜଳସେଚିତ ଦୁଇ | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ମାର୍ଫତ, ଶ୍ରୀ ମନ୍ଦିର :,ପରିଚାଳନା କମିଟି ପୁରୀ ବା: | |
| ୧୧ | ୧୧୭ | ୦.୫୨୦ | ୦.୨୪୦ | ବିଲ ଜଳସେଚିତ ଦୋଫସଲି | କୃଷ୍ଣ ଦୋରା, ଖଲିଆ ଦୋରା ପି: ଭାଇଗ ଦୋରା, ଅଜରାମ ଦୋରା ପି: ନାରଣ ଦୋରା, ଶ୍ରୀରାମ ଘନ ଦୋରା ପି: ଶ୍ରୀରାମ ସୁକୁଟା ଦୋରା, ଶ୍ରୀରାମ ଅଜାରଂ ଦୋରା ସ୍ୱା: ଶ୍ରୀରାମ ଘନ ଦୋରା ଜା: ତେଲଙ୍ଗା ବା: ଖଣ୍ଡଦେଉଳି | |
| | ୧୧୮ | ୦.୩୦୦ | ୦.୨୦୫ | | | |
| | ୧୨୦ | ୦.୦୪୫ | ୦.୦୧୫ | | | |
| ୧୨ | ୧୩୯ | ୧.୦୪୦ | ୦.୩୦୦ | ବିଲ ଜଳସେଚିତ ଦୋଫସଲି | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ପୁରୀ ମାର୍ଫତ ଶ୍ରୀମନ୍ଦିର :,ପରିଚାଳନା କମିଟି ପୁରୀ ବା: | |
| ୪୨ | ୧୧୧ | ୦.୪୨୦ | ୦.୦୨୦ | ବିଲ ଜଳସେଚିତ ଦୋଫସଲି | ଫୁଲ ମଣ୍ଡଳ ସ୍ୱା: ମାଗୁଣି ମଣ୍ଡଳ, ପ୍ରଦିପ ପ୍ରଧାନ ପି: ରଘୁନାଥ ପ୍ରଧାନ, ହାଡ଼ୁବନ୍ଧୁ ପ୍ରଧାନ ପି: ବୈଷ୍ଣମ୍ବ ପ୍ରଧାନ, ବିନୟ ପ୍ରଧାନ, ପ୍ରତାପ ପ୍ରଧାନ ପି: ଦୟାନିଧି ପ୍ରଧାନ ଜା: କୁର୍ମ ବା: ଖଣ୍ଡ ଦେଉଳି | |
| ୪୪ | ୯୩ | ୦.୧୬୦ | ୦.୧୦୫ | ବିଲ ଜଳସେଚିତ ଦୋଫସଲି | ଶ୍ରୀ ଗୋପାଳ ଜୀଉ ମହାପ୍ରଭୁ ବିଜେ ଖଣ୍ଡ ଦେଉଳି ମାରଫତ ବା:, ବାସୁଦେବ ଦାସ ଗୁରୁ ରାଧା ମୋହନ ଦାସ ଜା: ବୈଷ୍ଣବ ବା: ଖଣ୍ଡ ଦେଉଳି | |
| | ୯୬ | ୦.୧୬୦ | ୦.୦୫୦ | | | |
| | ୯୭ | ୦.୧୫୦ | ୦.୦୮୦ | | | |
| | ୯୮ | ୦.୧୮୦ | ୦.୧୬୫ | | | |
| ୪୬ | ୧୩୫ | ୦.୫୪୦ | ୦.୦୭୦ | ବିଲ ଜଳସେଚିତ ଦୋଫସଲି | ବିପ୍ର ପ୍ରଧାନ, ଉଜ୍ୱଳ ପ୍ରଧାନ ପି: ଅର୍ଜୁନ ପ୍ରଧାନ ଜା: କୁର୍ମ ବା: ଖଣ୍ଡଦେଉଳି | |
| | ୧୩୮ | ୦.୫୧୦ | ୦.୧୩୫ | | | |
| ୫୯ | ୯୪ | ୦.୧୧୦ | ୦.୦୧୫ | ବିଲ ଜଳସେଚିତ ଦୋଫସଲି | ଶ୍ରୀ ଗୋପାଳ ଜିଉ ମହାପ୍ରଭୁ ବିଜେ ଖଣ୍ଡ ଦେଉଳି ମାରଫତ ବା:, ରାଧାମୋହନ ଦାସ ବାବାଜି ଗୁରୁ ଗୋବିନ୍ଦ ଦାସ ଜା: ବୈଷ୍ଣବ ବା: ଖଣ୍ଡଦେଉଳି | |
| ୬୨ | ୧୨୧ | ୦.୪୫୫ | ୦.୦୩୫ | ବିଲ ଜଳସେଚିତ ଦୋଫସଲି | ସନିଆ ସାହୁ ପି:କନ୍ଧ ସାହୁ ଜା: ଗୁଡ଼ିଆ ବା: ନିଜଗାଁ | |
| ୬୮ | ୧୧୨ | ୦.୪୭୫ | ୦.୦୧୦ | ବିଲ ଜଳସେଚିତ ଦୋଫସଲି | ଶ୍ରୀଧର ପ୍ରଧାନ ପି: ବେନୁ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ପ୍ରଦିପ ପ୍ରଧାନ ପି: ରଘୁନାଥ ପ୍ରଧାନ, ପ୍ରତାପ ପ୍ରଧାନ ପି: ଦୟାନିଧି ପ୍ରଧାନ ଜା: କୁର୍ମ ବା: ଗୋକର୍ଣ୍ଣମେରି | |
| ୧୪୫/୫ | ୧୩୬ | ୧.୧୦୫ | ୦.୦୬୫ | ବିଲ ଜଳସେଚିତ ଦୋଫସଲି | ତନୁ ବେହେରା ସ୍ୱା:ପର୍ଶୁରାମ ବେହେରା ଜା: କେଉଟ ବା: ଖଣ୍ଡ ଦେଉଳି | |
| ୧୪୫/୧୦ | ୯୯ | ୦.୦୭୦ | ୦.୦୨୦ | ପଦର | ଜାଇଲ ପ୍ରଧାନ ସ୍ୱା:ସଂଜୟ ପ୍ରଧାନ ଜା: କୁରୁମ ବା: ଗୋକର୍ଣ୍ଣମେରି | |
| ୧୪୫/୧୧ | ୧୦୩ | ୧.୦୭୦ | ୦.୦୧୦ | ବିଲ ଅଣଜଳସେଚିତ ଦୁଇ | ସେବତୀ ପ୍ରଧାନ ସ୍ୱା: କୋରା ପ୍ରଧାନ, କୋରା ପ୍ରଧାନ ପି: ଅର୍ଜୁନ ପ୍ରଧାନ ଜା: କୁରୁମ ବା: ପୋଡାମାରୀ | |
| ୧୪୫/୩୦ | ୧୧୦ | ୦.୨୧୫ | ୦.୦୧୦ | ବିଲ ଜଳସେଚିତ ଦୋଫସଲି | ଗଣେଶ ଗୌଡ଼ ପି:କିର୍ତ୍ତନ ଗୌଡ଼ ଜା: ଗୌଡ଼ ବା: ତାଳପୁର | |
| ୧୪୫/୮୭ | ୬୭୨ | ୦.୧୩୦ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ଧନୁ ସାହୁ ପି: ଉଲା ସାହୁ, ମାୟା ସାହୁ ସ୍ୱା: ଧନୁ ସାହୁ ଜା: ତେଲି ବା: ନିଜଗାଁ | |
| | ୬୭୩ | ୦.୧୩୦ | ୦.୦୧୦ | | | |
| ୧୪୫/୧୧୦ | ୯୨ | ୦.୫୦୦ | ୦.୩୨୫ | ପଦର | ଭଗବତି ମଳିକ ପି: ଦଣ୍ଡିଆ ମଳିକ, ଉଲାସ ମଳିକ ସ୍ୱା: ଭଗବତି ମଳିକ ଜା: କୁରୁମ ବା: ନିଜଗାଁ | |
| ୧୪୫/୧୨୪ | ୧୧୫ | ୦.୧୧୦ | ୦.୦୧୦ | ବିଲ ଜଳସେଚିତ ଦୋଫସଲି | ମଦନ ସେଠୀ ପି:ଚୈତନ୍ୟ ସେଠୀ ଜା: ଧୋବା ବା: ଖଣ୍ଡଦେଉଳି | |

**ମୋଟ ୨.୨୯୦ ଏକର**

ରାଜ୍ୟପାଳଙ୍କ ଆଦେଶକ୍ରମେ
(ମଧୁସ୍ମିତା ସାହୁ)
ଅତିରିକ୍ତ ଶାସନ ସଚିବ

**OIPR-24001/24001/3/26-27/0026**

# ୧୫ ଲକ୍ଷ ଟଙ୍କାର ମୋବାଇଲ୍ ଲୁଟ୍:୩ ଅଭିଯୁକ୍ତ ଗିରଫ





ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସ୍ଥିତ ଶିବା ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ଘଟଣାର ପର୍ଦ୍ଦାଫାସ କଲା ସୁବର୍ଣ୍ଣପୁର ପୋଲିସ। ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସୁବର୍ଣ୍ଣପୁର ଉପ ଆରକ୍ଷୀ ଅଧିକ୍ଷକ କେ.କେ ହରିପ୍ରସାଦ ଏବଂ ବୀରମହାରାଜପୁର ଥାନା ଆଇଆଇସି ଯଯାତି କେଶରୀ ସାହୁ। ସୂଚନା ଯୋଗ୍ୟ ଯେ ଗତ ୯ ତାରିଖ ଶନିବାର ଦିନ ରାତିରେ ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପାଖରେ ଥିବା ଶିବା ମୋବାଇଲ ଦୋକାନର ପଛପଟୁ କାନ୍ଥରେ ସିନ୍ଧି ଖୋଳି ଚୋରମାନେ ଦୋକାନ ଭିତରକୁ ଚତୁରତାର ସହ ପ୍ରବେଶ କରି ୪୭ ଗୋଟି ଦାମୀ ମୋବାଇଲ୍ ଚୋରି କରିନେଇଥିଲେ। ଦୋକାନରେ ସିସି ଟିଭି ଲାଗିଥିବା ବେଳେ ଚୋରମାନେ ମୁହଁରେ ମାସ୍କ ପିନ୍ଧିବା ସହ ଛତା ଧରି ଭିତରକୁ ପ୍ରବେଶ କରି ଯେମିତି ଧରାନପଡ଼ିବେ ପ୍ରଥମେ ସିସି ଟିଭି କ୍ୟାମେରାକୁ ଭାଙ୍ଗି ଦେଇଥିଲେ । ଏନେଇ ଶିବା ମୋବାଇଲ୍‌ର ମାଲିକ ରାମକୃଷ୍ଣ ମେହେର ୧୦ ତାରିଖ ରବିବାର ଦିନ ସକାଳୁ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସେ ତାଙ୍କ ଦୋକାନରୁ ୧୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୪୭ ଗୋଟି ମୋବାଇଲ ସହ ନଗଦ ୮ ହଜାର ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ । ଏ ନେଇ ଥାନାରେ ମାମଲା ରୁଜୁ ପରେ ତଦନ୍ତ ଆରମ୍ଭ କରିଥିଲା ବୀରମହାରାଜପୁର ପୋଲିସ । ନୂତନ ଭାବରେ ବୀରମହାରାଜପୁର ଥାନାରେ ଯୋଗଦେଇଥିବା ଥାନା ଅଧିକାରୀ ଯଯାତି କେଶରୀ ସାହୁଙ୍କ ପାଇଁ ଏହା ଚ୍ୟାଲେଞ୍ଜ ସଦୃଶ ହୋଇଥିବା ବେଳେ ଏହାକୁ ଗମ୍ଭୀରତାର ସହ ନେଇଥିଲେ ଯଯାତି କେଶରୀ ସାହୁ। ସେ ତୁରନ୍ତ ତାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଛାନ୍‌ଭିନ୍ ଆରମ୍ଭ କରିଥିଲେ । ସେ ଏଥିପାଇଁ ଫରେନ୍‌ସିକ୍ ଟିମ୍‌ର ମଧ୍ୟ ସହାୟତା ନେଇଥିବା ବେଳେ ତଦନ୍ତ ପ୍ରଥମେ ସ୍ଥାନୀୟ ଅଞ୍ଚଳର ସିସି ଟିଭି ଗୁଡ଼ିକୁ ଯାଞ୍ଚ କରିଥିଲେ । ପ୍ରଥମେ ଏଥିରେ ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ଯୁବକ ପ୍ରିତମ ଭୋଇ ଓ ମହେଶ ପାତ୍ରଙ୍କ ସଂପୃକ୍ତି ଜଣାପଡିଥିଲା । ବୀରମହାରାଜପୁର ଥାନା ଚମ୍ପାମାଳ ଅନ୍ତର୍ଗତ ସାଗଜୁରି ଗ୍ରାମର ପ୍ରିତମ ଭୋଇ (୧୯)ଙ୍କ ଘରେ ଚଢଉ କରି ପ୍ରଥମେ ତାପାଖରୁ ୪୫ ଗୋଟି ମୋବାଇଲ ଉଦ୍ଧାର କରିବା ସହିତ ସମସ୍ତ ତଥ୍ୟ ହାସଲ କରିଥିଲେ । ଏହି ଚୋରିରେ ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ ନୋଇଡା ଜିଲ୍ଲା ଗୌତମ ବୁଦ୍ଧ ନଗରର ଆରିଫ୍ ଅନସାରୀ (୨୦) ଓ ସ୍ଥାନୀୟ ଚମ୍ପାପୁରର ମହେଶ ପାତ୍ର (୧୯) । ଉତ୍ତରପ୍ରଦେଶର ଆରିଫ ସାଙ୍ଗରେ ପବଜୀ ଖେଳରୁ ସେମାନେ ଚିହ୍ନା ପରିଚୟ ହୋଇଥିବାବେଳେ ତାକୁ ଚୋରି କରିବା ପାଇଁ ଡକାଇଥିଲେ ପ୍ରିତମ । ସେମାନଙ୍କ ପାଖରୁ କାନ୍ଥରେ ସିନ୍ଧି ଖୋଳିଥିବା ଥିବା ଲୁହା ଶାବଳକୁ ମଧ୍ୟ ଜବତ କରିବାରେ ସକ୍ଷମ ହୋଇଛି ପୋଲିସ । ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଉଥିବା ସୂଚନା ଦେଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ.କେ ହରିପ୍ରସାଦ ।

# କଣ୍ଟାବାଞ୍ଜି ପ୍ରେସ୍ କ୍ଲବ ପକ୍ଷରୁ ପୂର୍ବତନ ବିଜେଡ଼ି ବିଧାୟକ ଆୟୁବ ଖାଁଙ୍କୁ ଶ୍ରଦ୍ଧାଞ୍ଜଳି

କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ

କଣ୍ଟାବାଞ୍ଜିର ପୂର୍ବତନ ବିଜେଡି ବିଧାୟକ ଆୟୁବ ଖାଁଙ୍କ ପରଲୋକରେ କଣ୍ଟାବାଞ୍ଜି ପ୍ରେସ୍ କ୍ଲବ ପକ୍ଷରୁ ଏକ ଶୋକ ସଭା ଆୟୋଜନ କରାଯାଇ ତାଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜଣାଯାଇଛି। ପ୍ରେସ୍ କ୍ଲବ କାର୍ଯ୍ୟାଳୟରେ ଆୟୋଜିତ ଏହି ସଭାରେ ସାମ୍ବାଦିକମାନେ ଯୋଗଦେଇ ଦିବଙ୍ଗତ ନେତାଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ଉପସ୍ଥିତ ବକ୍ତାମାନେ କହିଥିଲେ ଯେ, ଆୟୁବ ଖାଁ ଜଣେ ବିକାଶମୁଖୀ ଓ ଜନପ୍ରିୟ ନେତା ଥିଲେ। କଣ୍ଟାବାଞ୍ଜି ଅଞ୍ଚଳର ଉନ୍ନତି ପାଇଁ ତାଙ୍କ ଅବଦାନ ଅତୁଳନୀୟ ଓ ସଦା ସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଶୋକ ସଭାରେ ପ୍ରେସ୍ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜା, ଉପ-ସଭାପତି ମନୋଜ ଶର୍ମା, କୋଷାଧ୍ୟକ୍ଷ କମଲଜିତ ସିଂ ମାଖିଜା, ଅଫିସ ସମ୍ପାଦକ ବିଶିକେସନ୍ ମାଝୀ, ପରାମର୍ଶଦାତା ଆଶିଷ ଖଇତାନ, ଦୁର୍ଗାପ୍ରସାଦ ଗୁପ୍ତା ଓ ସଦସ୍ୟ କମଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ଅମଲା କାମରୁ ହଟିବେ ସିପାହୀ:ମେ' ୩୧ ସୁଦ୍ଧା ବାଟାଲିୟନ୍‌କୁ ଫେରିବାକୁ ନିର୍ଦ୍ଦେଶ

କଟକ, ନ୍ୟୁଜ୍ ବ୍ୟୁରୋ

ପୋଲିସ ମୁଖ୍ୟାଳୟଠୁ ଆରମ୍ଭ କରି ବିଭିନ୍ନ ଏଷ୍ଟାବ୍ଲିସ୍‌ମେଣ୍ଟ ଓ ୟୁନିଟ୍ ଆଦିରେ ବର୍ଷ ବର୍ଷ ହେଲା ଅମଲାଙ୍କ ପାଖରେ ରହି ଫାଇଲ୍ ବୋହୁଥିବା ସିପାହୀମାନେ ହଟିବେ । ସଶସ୍ତ୍ର ପୋଲିସ ବାହିନୀ (ଆର୍ମଡ୍ ବାଟାଲିୟନ)ରୁ ଦୀର୍ଘ ଦିନ ହେଲା ଡେପୁଟେସନ୍‌ରେ ଆସିଥିବା ସିପାହୀଙ୍କୁ ଆସନ୍ତା ୩୧ ତାରିଖ ସୁଦ୍ଧା ସେମାନଙ୍କ ମୂଳ ବାଟାଲିୟନ୍‌କୁ ଫେରାଇ ଦେବା ପାଇଁ ପୋଲିସ ମହାନିର୍ଦ୍ଦେଶକ (ଡିଜି) ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ଧାର୍ଯ୍ୟ ସମୟ ମଧ୍ୟରେ ଫେରାଇବା ସହ ଏ ବାବଦରେ ଆଇଜି ପର୍ସୋନାଲ୍‌ଙ୍କୁ ଅବଗତ କରାଇବାକୁ ଡିଜି ରାଜ୍ୟର ସମସ୍ତ ପୋଲିସ ଏଷ୍ଟାବ୍ଲିସ୍‌ମେଣ୍ଟର ଏଡିଜି, ଆଇଜି, ଡିଆଇଜି, ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବାଟାଲିୟନ୍ ମୁଖ୍ୟାଳୟରେ କାର୍ଯ୍ୟ କରିଆସୁଥିବା କର୍ମଚାରୀଙ୍କ କାର୍ଯ୍ୟଶୈଳୀକୁ ସମୀକ୍ଷା କରିବା ସହ ଆବଶ୍ୟକତା ଅନୁଯାୟୀ ସର୍ବନିମ୍ନ କର୍ମଚାରୀଙ୍କୁ ନିୟୋଜିତ କରାଇବା ପାଇଁ ସ୍ପେସାଲ୍ ଆର୍ମଡ୍ ପୋଲିସ ଏଡିଜିଙ୍କୁ ମଧ୍ୟ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ପୋଲିସର କୌଣସି ସଂଗଠନ, ଏଷ୍ଟାବ୍ଲିସ୍‌ମେଣ୍ଟ କିମ୍ବା ୟୁନିଟ୍ ହେଡ୍‌ମାନେ ମୌଖିକ ଆଦେଶ ଦ୍ୱାରା ଆଉ କୌଣସି କର୍ମଚାରୀଙ୍କୁ ମୁତୟନ କରାଯିବ ନାହିଁ ବୋଲି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଡିଜିଙ୍କ ଏହି କଡ଼ା ନିର୍ଦ୍ଦେଶନାମା ରାଜ୍ୟ ପୁଲିସ ମୁଖ୍ୟାଳୟ ସମେତ ବିଭିନ୍ନ ଏଷ୍ଟାବ୍ଲିସ୍‌ମେଣ୍ଟ ସ୍ତରରେ ହଟଚମଟ ସୃଷ୍ଟି କରିଛି । ଆଇନ୍ ଶୃଙ୍ଖଳା ଓ ବିଭିନ୍ନ ସର୍ଚ୍ଚ ଅପରେସନ୍ ଆଦି କାର୍ଯ୍ୟ ପାଇଁ ନିୟୋଜିତ ଆର୍ମଡ୍ ପୋଲିସ ତଥା ବନ୍ଧୁକଧାରୀ ପୋଲିସ ରାଜ୍ୟ ପୋଲିସ ମୁଖ୍ୟାଳୟ ଠାରୁ ଆରମ୍ଭ କରି ଡିଜିଙ୍କ କ୍ୟାମ୍ପ ଅଫିସ୍, ବିଭିନ୍ନ ପୋଲିସ ଏଷ୍ଟାବ୍ଲିସ୍‌ମେଣ୍ଟ, କମାଣ୍ଡାଣ୍ଟର ଅଫିସରେ ଫାଇଲ ପତ୍ର ନେବା ଆଣିବା ସହ ଡିଟିପି, ଚିଠି ଦିଆନିଆ ଆଦି ଅମଲା କାର୍ଯ୍ୟରେ ନିୟୋଜିତ ରହୁଛନ୍ତି । ସିପାହୀ, କନେଷ୍ଟବଲ୍, ହାବିଲଦାର୍ ମିଶି ୫ ଶହରୁ ଅଧିକ ୧୦/୧୫ ବର୍ଷ ହେଲା ଡେପୁଟେସନ୍‌ରେ ଆସି ଅମଲାଙ୍କ ପାଖରେ ନିୟୋଜିତ ଅଛନ୍ତି । ଆଇନ୍ ଶୃଙ୍ଖଳା ଡ୍ୟୁଟି ଛାଡ଼ି ସିପାହୀ ଫାଇଲ୍ ବୋହୁଥିବା ଖବର ପ୍ରକାଶ ପାଇଥିଲା । ଏହାକୁ ନେଇ ସାଧାରଣରେ ବହୁ ଚର୍ଚ୍ଚା ହୋଇଥିଲା । ବାଟାଲିୟନ୍ ବିଭିନ୍ନ ପୋଲିସ ଏଷ୍ଟାବ୍ଲିସ୍‌ମେଣ୍ଟ ଡେପୁଟେସନ୍‌ରେ ଆସି ଜାଗା ଜମାଇଥିବା ସିପାହୀଙ୍କୁ ହଟାଇବା ପାଇଁ ଡିଜିଙ୍କ ନିର୍ଦ୍ଦେଶ ପରେ କିଛି ଅଧିକାରୀ ଓ ସିପାହୀଙ୍କ ମହଲରେ ଭାଳେଣି ପଡ଼ିଛି।

# ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବିଶେଷ ପଦକ୍ଷେପ



ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାରେ ଚାଲିଥିବା ପ୍ରମୁଖ ରେଳ ଭିତ୍ତିଭୂମି ଏବଂ ସଂଯୋଗୀକରଣ ଯୋଜନା ବିଷୟରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଲୋକପାତ କରିଛନ୍ତି। ନୂତନ ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରି ଶ୍ରୀ ବୈଷ୍ଣବ କହିଛନ୍ତି ଯେ, ଏହି ଟ୍ରେନ୍ ସେବା ପ୍ରଥମ ଥର ପାଇଁ ପୁରୀ ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରିବ। ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ୍, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚାଲିବ, ଯାହା ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନଙ୍କୁ ଯଥେଷ୍ଟ ଉପକୃତ କରିବ। ଏହି ସେବା ତୀର୍ଥଯାତ୍ରା, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଏବଂ ବ୍ୟବସାୟିକ ଯାତ୍ରା ପାଇଁ ସଂଯୋଗୀକରଣରେ ସୁଧାର ଆଣିବ, ବିଶେଷ କରି କେବିକେ (KBK) ଅଞ୍ଚଳ ଏବଂ ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ ହେବ। ଓଡ଼ିଶାର ରେଳ ବିକାଶ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜୁନାଗଡ଼-ନବରଙ୍ଗପୁର, ନବରଙ୍ଗପୁର-ଜୟପୁର, ଜୟପୁର-ମାଲକାନଗିରି, ବରଗଡ଼-ନୂଆପଡ଼ା, ଗୁଣୁପୁର-ଥେରୁବାଲି, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ଏବଂ ବିମଳାଗଡ଼-ତାଳଚେର ରେଳ ଲାଇନ୍ ପ୍ରକଳ୍ପ ଅନ୍ତର୍ଭୁକ୍ତ। ସେ କହିଛନ୍ତି ଯେ, ଦୀର୍ଘ ଦିନରୁ ବିଳମ୍ବିତ ଥିବା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଏହାକୁ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ଦେଇ ଯାଇଥିବା ହାଓଡ଼ା-ଚେନ୍ନାଇ ମୁଖ୍ୟ କରିଡରର ଚାଲିଥିବା ଚାରି-ଲେନ୍ କାର୍ଯ୍ୟ ଉପରେ ମଧ୍ୟ ଆଲୋକପାତ କରିଛନ୍ତି। ସେ ପ୍ରକାଶ କରିଛନ୍ତି ଯେ ନୂତନ ଲାଇନ୍ ଏବଂ ପ୍ରମୁଖ କ୍ଷମତା ବୃଦ୍ଧି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ, ଓଡ଼ିଶା ଭବିଷ୍ୟତରେ ପ୍ରାୟ ୫୦୦ଟି ଅତିରିକ୍ତ ଟ୍ରେନ୍ ଚଳାଇବାର କ୍ଷମତା ହାସଲ କରିବ। ଶ୍ରୀ ବୈଷ୍ଣବ ଆହୁରି ସୂଚନା ଦେଇଛନ୍ତି ଯେ, ଅମୃତ ଷ୍ଟେସନ୍ ଯୋଜନା ଅଧୀନରେ ଓଡ଼ିଶାର ୫୯ଟି ରେଳ ଷ୍ଟେସନ୍‌ର ପୁନଃବିକାଶ କରାଯାଉଛି, ଯେଉଁଥିରେ ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର, ତାଳଚେର ଏବଂ ବାରିପଦା ଷ୍ଟେସନ୍ ସାମିଲ୍ ରହିଛି। ପ୍ରସ୍ତାବିତ ପୁରୀ-କୋଣାର୍କ ରେଳ ସଂଯୋଗୀକରଣ ପ୍ରକଳ୍ପ ପାଇଁ ଏକ ନୂତନ ଡିପିଆର୍ (DPR) ମଧ୍ୟ ପ୍ରସ୍ତୁତ କରାଯାଉଛି। ଓଡ଼ିଶାରେ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ଆଞ୍ଚଳିକ ବିକାଶ ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ପ୍ରତିବଦ୍ଧ ବୋଲି ସେ ପୁନର୍ବାର ଦୋହରାଇଛନ୍ତି।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୬।୦୫।୨୦୨୬, ଜୈଷ୍ଠ ଦି୨ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୧୩।୨୫ ଚନ୍ଦ୍ରୋଦୟ- ନିଘ ୫।୧୨।୫୮**

**ଅମାବାସ୍ୟା-** ରାଘ ୧।୩୨ ପର୍ଯ୍ୟନ୍ତ, ଦ୍ୱିଜା ନକ୍ଷତ୍ର ସଂଘ ୫।୩୨ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ରାଘ ୧୦।୪୮ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । ରାଘ ୧୦।୪୮ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ମେଷ ରାଶିର । ରାଘ ୧୦।୪୮ ଗତେ ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୧।୩୨ ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୦୭ ଗତେ ଦିଘ ୧୨।୧୧ ମଧ୍ୟେ ଦିଘ ୨।୫୯ ଗତେ ଦିଘ ୩।୩୮ ମଧ୍ୟେ । **ପର୍ବୋତ୍ସବ-** ସାବିତ୍ରୀ ବ୍ରତ, ଜ୍ୟେଷ୍ଠ ଅମାବାସ୍ୟା, ଅମାବାସ୍ୟା, ଚନ୍ଦ୍ରକ୍ଷୟ, ନିଶାପାଳନ, ନଷ୍ଟ ଚନ୍ଦ୍ର ଉପବାସ।



**ମେଷ:** ଆୟର ପରିମାଣ ବୃଦ୍ଧି ପାଇବ। ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ବେପାର ବାଣିଜ୍ୟ କ୍ଷେତ୍ରରେ କ୍ଷତିର ସମ୍ମୁଖୀନ ହୋଇପାରନ୍ତି। ଠକାମିର ଶିକାର ହୋଇପାରନ୍ତି। ସତ କହି ବିରୋଧୀ ହେବେ ।



**ବୃଷ:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ। ପରିଶ୍ରମ ଅନୁସାରେ ପାରିଶ୍ରମିକ ପାଇ ଉପକୃତ ହେବେ। ଆୟର ପରିମାଣ ବୃଦ୍ଧି ପାଇବ। ଘରେ ଖୁସିର ବାତାବରଣ ଖେଳିବ। ହଠାତ୍ କୌଣସି ଏକ ସ୍ଥାନରୁ ଶୁଭ ଖବର ପାଇପାରନ୍ତି।



**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତ ରହିପାରନ୍ତି। ପିଲାମାନେ ପଢ଼ାପଢ଼ିରେ ଆଗେଇବେ। ରୋଜଗାର ଭଲ ହେବ। ଘରେ ଅନନ୍ଦ ଦେଖାଦେବ। ଦୂରଯାତ୍ରା କରି ସଫଳତା ହାସଲ କରିବେ। ମହିଳାମମାନେ ସୁଖୀ ହେବେ।



**କର୍କଟ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଧନ ଲାଭର ସୁଯୋଗ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନ ସୁଖମୟ ହେବ। ସାମାଜିକ କ୍ଷେତ୍ରରେ ମାନ ସମ୍ମାନ ବୃଦ୍ଧି ହେବ। ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି।



**ସିଂହ:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଦେବ ଦର୍ଶନ ସହ ଦେବ ପୂଜାର ସୁଯୋଗ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନ ଶାନ୍ତିମୟ ହେବ। ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଉତ୍ତମ ଭୋଜନ କରିପାରନ୍ତି ।



**କନ୍ୟା:** ଦିନଟି ଆପଣଙ୍କ ପାଇଁ ସମସ୍ୟା ବହୁତ ହେବ। ବ୍ୟବସାୟରେ କ୍ଷତିର ସମ୍ମୁଖୀନ ହେବେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଓ ଅଶାନ୍ତି ଦେଖାଦେବ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ ।



**ତୁଳା:** ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଦୂର ସ୍ଥାନକୁ କାମ ନିମନ୍ତେ ଯାତ୍ରା କରି ସଫଳତା ହାସଲ କରିବେ ।



**ବିଛା:** ସବୁ ପ୍ରକାର ସମସ୍ୟାକୁ ଧୈର୍ଯ୍ୟର ସହ ମୁକାବିଲା କରିବେ। ଠକମାନଙ୍କ ଠାରୁ ସତର୍କ ରହିବେ। ଆୟ ଓ ବ୍ୟୟର ପରିମାଣ ସ୍ଥିର ରହିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବାର ସୂଚନା ।



**ଧନୁ:** ବନ୍ଧୁ ମିଳନର ସୂଚନା। ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଆନନ୍ଦ ଦେଖାଦେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ ଲାଭ କରିପାରନ୍ତି ।



**ମକର:** ହଠାତ୍ କୌଣସି ଏକ ଖବର ଆପଣଙ୍କୁ ବିଚଳିତ କରିପାରେ। ମାନସିକ ଚିନ୍ତା ବୃଦ୍ଧି ପାଇବ। ପରିଶ୍ରମ ଅନୁସାରେ ପାରିଶ୍ରମିକ ମନୋନିତ ହେବନାହିଁ। ଘରେ କଳହ ଓ ଦୁଶ୍ଚିନ୍ତା ଦେଖାଦେଇପାରେ । ମନ ଅସ୍ଥିର ରହିବ ।



**କୁମ୍ଭ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ଦେଖାଦେବ। ପାରିବାରିକ ଜୀବନ ଶାନ୍ତିମୟ ହେବ। ବ୍ୟବସାୟରେ ଲାଭବାନ୍ ହେବେ। ନୂତନ ଦ୍ରବ୍ୟ କ୍ରୟ କରିବାର ସୁଯୋଗ।



**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ କରିବେ। ଉନ୍ନତି କରିପାରନ୍ତି। ଭ୍ରମଣ ସହ ଦେବ ଦର୍ଶନର ମଧ୍ୟ ସୁଯୋଗ ସୃଷ୍ଟି ହେବ। ଆୟରେ ଉନ୍ନତି । ଘରେ ସୁଖ ଲାଭ ହେବ ।

# ତେନ୍ତୁଳିଆ ଛକରେ ଡକାୟତି

ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ

କେନୂଆଗାଁ ଥାନାର ତେନ୍ତୁଳିଆ ଛକରେ ରାତିରେ ଦୁର୍ବୃତ୍ତମାନେ ଗୋଟିଏ ଘରେ ପଶି ଡକାୟତି କରିଛି। ଡକାୟତମାନେ ଏହି ଘରୁ ୧୫ ତୋଳା ସୁନା ୫ ଭରି ରୁପା ସହ ନଗଦ ୨୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ କେନୂଆଗାଁ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୭।୦୫।୨୦୨୬, ଜୈଷ୍ଠ ଦି୩ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୧୩।୦୩ ଚନ୍ଦ୍ରୋଦୟ- ନିଘ ୫।୩୩।୨୧**

**ପ୍ରତିପଦ-** ରାଘ ୯।୪୩ ପର୍ଯ୍ୟନ୍ତ, କୃତ୍ତିକା ନକ୍ଷତ୍ର ଦିଘ ୨।୩୩ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର। **ଘାତଚନ୍ଦ୍ର-** ବିଛା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ରାଘ ୯।୪୩ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୯ ଗତେ ଦିଘ ୯।୩୫ ମଧ୍ୟେ ଦିଘ ୧।୨୨ ଗତେ ଦିଘ ୨।୪୫ ମଧ୍ୟେ। **ପର୍ବୋତ୍ସବ-** ବିଶ୍ୱ ଦୂରସଂଚାର ଦିବସ, ମଳମାସ ଆରମ୍ଭ।

ପ୍ରଭାତୀ
32 YEARS
ସମ୍ବାଦ କଳିକା

# ୭୫% ବଢ଼ିଛି ଇଭି ବିକ୍ରି

ଯୁଦ୍ଧ ଯୋଗୁ ଏବେ ସାରା ବିଶ୍ୱରେ ଅଶୋଧିତ ତେଲ ଦର ଉପର ମୁହାଁ ହୋଇଛି । ତେଲ ଯୋଗାଣ ପ୍ରଭାବିତ ହେବା ନେଇ ଗ୍ରାହକ ଆଶଙ୍କାରେ ରହୁଛନ୍ତି । ବିଶ୍ୱର ବିଭିନ୍ନ ଦେଶରେ ପେଟ୍ରୋଲ-ଡିଜେଲ ଦର ବୃଦ୍ଧି ମଧ୍ୟ ଚିନ୍ତାଜନକ ହେଉଛି । ପେଟ୍ରୋଲ-ଡିଜେଲ ବ୍ୟବହାର କମାଇବା ସହ ଇ-ଯାନ ବ୍ୟବହାର ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ନିବେଦନ କରିଛନ୍ତି । ଏଭଳି ସ୍ଥିତିରେ ରାଜ୍ୟରେ ଇ-ଯାନ ଚାହିଦା ଦ୍ରୁତ ହୋଇଛି । କଟକ-ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରରେ ଇଭି କିଣିବା ନେଇ ଗ୍ରାହକ ବେଶ ଆଗ୍ରହ ଦେଖାଉଛନ୍ତି । ଦ୍ୱୈତ ନଗରୀରେ ଡିଲରଶିପ ଗୁଡ଼ିକରେ ଗତ କିଛି ଦିନ ହେବ ଇଭି କିଣା ନେଇ ଲୋକଙ୍କ ଅନୁସନ୍ଧାନ ପ୍ରାୟ ୨ ଗୁଣ ବଢ଼ିଛି । ଗତ ବର୍ଷ ଏପ୍ରିଲ ତୁଳନାରେ ୨ ଚକିଆ ଏବଂ ୪ ଚକିଆ ଇଭି ବର୍ଗରେ ବିକ୍ରି ଅଭିବୃଦ୍ଧି ୭୫% ବଢ଼ିଛି । ସେହିଭଳି ୩ ଚକିଆ ବର୍ଗରେ ବିକ୍ରି ୧୦୦% ଯାଏ ବଢ଼ିଥିବା ଅଟୋମୋବାଇଲ ଡିଲର ସଂଘ ଫାଡା ପକ୍ଷରୁ ସୂଚନା ମିଳିଛି। ୨ ଚକିଆ ଏବଂ ୩ ଚକିଆ ବର୍ଗରେ ପ୍ରତି ମାସ ରାଜ୍ୟରେ ଏବେ ୯ ହଜାର ୟୁନିଟ ଯାନ ବିକ୍ରି ହେଉଛି । ଯାହା ୩ ଚକିଆ କ୍ଷେତ୍ରରେ ୪୦୦ ୟୁନିଟ ରହିଛି । ଅଟୋମୋବାଇଲ କମ୍ପାନି ଗୁଡିକ ବିକ୍ରିରେ ଏଭଳି ବୃଦ୍ଧିକୁ ନେଇ ପ୍ରସ୍ତୁତ ନ ଥିଲେ । ଫଳରେ ଗାଡ଼ି ଡେଲିଭରି ପାଇବାରେ ଏବେ ଗ୍ରାହକଙ୍କୁ ୩ରୁ ୪ ମାସ ଯାଏ ଅପେକ୍ଷା କରିବାକୁ ପଡୁଛି । ଯୋଗାଣ ଉନ୍ନତ ହେଲେ ବିକ୍ରି ଅଭିବୃଦ୍ଧି ୧୦୦% ରହିବ ବୋଲି ଆଶାବାଦୀ ରହିଛନ୍ତି ଅଟୋ ଡିଲର । କଟକ ଭୁବନେଶ୍ୱର ଭଳି ସହରାଞ୍ଚଳରେ ଇଭି ଗ୍ରହଣୀୟତା ୨୦% ଛୁଇଁଛି । ସରକାର ଏହାକୁ ୩୦% କରିବା ଲକ୍ଷ୍ୟ ରଖିଛନ୍ତି । ଯୋଗାଣ ସ୍ଥିତି ଉନ୍ନତ ରହିଲେ ଚଳିତ ବର୍ଷ ଏହି ଲକ୍ଷ୍ୟ ପୂରଣ ହୋଇଯିବ ଆକଳନ କରାଯାଇଛି । ଇଭି ଗୁଡ଼ିକର ସ୍ୱଳ୍ପ ପରିଚାଳନା ଖର୍ଚ୍ଚ ଏବଂ ନୂଆ ଟେକ୍ନୋଲୋଜିର ଗାଡି ଆସୁଥିବାରୁ ଏବେ ଇଭି ଗ୍ରହଣୀୟତା ବଢୁଥିବା କହିଛନ୍ତି ବିଶେଷଜ୍ଞ । ପାତ୍ରପଡାର ଏକ ଇଭି ଡିଲରସିପର ଅଧିକାରୀ କହିଛନ୍ତି, ଗତ କିଛି ଦିନ ହେବ ବେଶ ଭଲ୍ ଇନ୍‌କ୍ୱାରୀ ଆସିଛି । ସୋରୁମ ଆସି ଟେଷ୍ଟ ଡ୍ରାଇଭ ନେବା ଏବଂ ଅଧିକ ଜାଣିବାକୁ ଆସୁଥିବା ଗ୍ରାହକଙ୍କୁ ପରାମର୍ଶ ଦିଆଯାଉଛି । ସ୍ଥାନୀୟ ୩ଏସ୍ ଟିଭିଏସ୍‌ର ସ୍ୱତ୍ତ୍ୱାଧିକାରୀ ପ୍ରମୋଦ ପାତ୍ର କହିଛନ୍ତି, ଇଭି ଚାହିଦା ଉପର ମୁହାଁ ହୋଇଛି । ଭିତ୍ତିଭୂମି ଦୃଢ଼ୀକରଣ ସହ ନୂଆ ଟେକ୍ନୋଲୋଜି ଏହି ବର୍ଗରେ ଯାନ ଚାହିଦା ବଢ଼ାଉଛି । ଫେଡେରେସନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏସନ (ଫାଡା) ରାଜ୍ୟ ସଭାପତି, ଅଖିଳ ପୋଦ୍ଦାର କହିଛନ୍ତି, ଇଭି ବିକ୍ରି ରେକର୍ଡ ସ୍ତରରେ ରହିଛି । ଓଡ଼ିଶାରେ ପ୍ରତିବର୍ଷ ଏହାର ଚାହିଦା ବଢୁଛି । ସବ୍‌ସିଡି ଯୋଗୁ ଯାନ ଗୁଡ଼ିକ ଆକର୍ଷଣୀୟ ଲାଗୁଛି । ଡିସେମ୍ବର ୨୦୨୫ ସୁଦ୍ଧା ରାଜ୍ୟରେ ୨.୧୯ ଲକ୍ଷ ଇଭି ପଞ୍ଜୀକରଣ ହୋଇଛି । ଇଭି କିଣା ଲାଗି ସରକାର ୩୪୦ କୋଟି ଟଙ୍କାର ସବ୍‌ସିଡି ଜାରି କରିଛନ୍ତି । ରାଜ୍ୟରେ ୬୮୦ ଇଭି ଯୋଡିଛନ୍ତି । ରାଜ୍ୟରେ ୧୯୮ ଇଭି ପବ୍ଲିକ ଚାର୍ଜିଂ ଷ୍ଟେସନ ରହିଛି । ଚଳିତ ବର୍ଷ ଆଉ ୧୦୦ ଇଭି ଚାର୍ଜିଂ ଷ୍ଟେସନ ବସାଇବା ନେଇ ଯୋଜନା ରହିଛି।

# ଏକବିଂଶ ଶତାବ୍ଦୀରେ ଭଞ୍ଜୀୟ ପ୍ରେମ

## (୮୩ତମ କଳିଙ୍ଗ ଭାରତୀ ଭଞ୍ଜ ଜୟନ୍ତୀ ଉପଲକ୍ଷେ)



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍-୧/ ୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

୧୬ଶ ଶତାବ୍ଦୀର ଶେଷ ଭାଗ ଓ ୧୭ଶ ଶତାବ୍ଦୀର ଆଦ୍ୟ ଭାଗର କାଳଖଣ୍ଡ ହେଲା ଉପେନ୍ଦ୍ରଭଞ୍ଜଙ୍କ ଏହା ସେଇ କାଳର କଥା ଯେତବେଳେ ଗୋଟିଏ ପୁରୁଷ ପ୍ରଧାନ ସମାଜରେ ନାରୀ କେବଳ ଗୋଟିଏ ଉପଭୋଗର ବସ୍ତୁ ମାତ୍ର । ସାମାଜିକ ବ୍ୟବସ୍ଥାରେ ପିତା, ପତି, ପୁତ୍ର, ପ୍ରିୟତମ ଆଦିଙ୍କ ସେ ଅଧିନସ୍ଥ । ରାଜ କୂଳରେ ଜନ୍ମିତ ଉପେନ୍ଦ୍ର ନାରୀକୁ ଏହି ଅଧୋସ୍ଥାନରୁ ଉଦ୍ଧାର କରିବା ପାଇଁ ନିଜ ଲେଖନୀକୁ ମାଧ୍ୟମ କରି ସେତେବେଳେ ଆଣିଥିଲେ ଏକ ସାମାଜିକ କ୍ରାନ୍ତି । ଆଜି ଏକବିଂଶ ଶତାବ୍ଦୀରେ ଆମେ ଯେଉଁ ନାରୀ ଶଶକ୍ତିକରଣ କଥା କହୁଛେ ତାହା ଆଜକୁ ୪୦୦-୫୦୦ବର୍ଷ ପୂର୍ବେ ଭଞ୍ଜ କହି ସାରିଥିଲେ ସମାଜକୁ ନାୟିକାର ଦିବ୍ୟ ସୌନ୍ଦର୍ଯ୍ୟର ବର୍ଣ୍ଣନା ଦେବ । ପଛରେ ଭଞ୍ଜ ଯେ କେବଳ ଶୃଙ୍ଗାର ରଚନା କରିଛନ୍ତି ତାହା ନୁହେଁ ବରଂ ସେ ସମାଜରେ ସଂସ୍କାର ଆଣିବାକୁ ଚେଷ୍ଟା ମଧ୍ୟ କରିଛନ୍ତି । ଭଞ୍ଜୀୟ ନାୟକ-ନାୟିକାଙ୍କ ପ୍ରେମ କୌଣସି ସାଧାରଣ ଦୈହିକ ମିଳନ ମଧୁଚନ୍ଦ୍ରିକା ମାତ୍ର ନୁହେଁ । ଏମାନଙ୍କ ପ୍ରେମ ଦିବ୍ୟ, ଶାଶ୍ୱତ, ଚିରନ୍ତନ । ଭଞ୍ଜଙ୍କ ଭାଷାରେ ପ୍ରେମ ଏକ ପରମ ଭୋଗ୍ୟ ଐଶ୍ୱର୍ଯ୍ୟମୟ ନିବିଡ ଆଧ୍ୟାତ୍ମିକ ଅନୁଭୂତି । ପ୍ରକୃତିଦତ୍ତ ଯୌନ ଆକର୍ଷଣକୁ ପ୍ରବୃତ୍ତି, ବୁଦ୍ଧି ଓ କଳ୍ପନା ବଳରେ ରସାଣିତ କରି ମାନବ ଯେଉଁ ଅପୂର୍ବ ଭାବକୁ ରୂପ ଦିଏ, ତାହାହିଁ ପ୍ରେମ । ନିମ୍ନ ସ୍ତରର ପ୍ରାଣୀଙ୍କ ପାଖରେ ଏ ବୁଦ୍ଧି ନାହିଁ ତେଣୁ ତାଙ୍କ ପ୍ରେମ କେବଳ ପ୍ରଜନନ ଧର୍ମୀ । ମାତ୍ର ମାନବର ପ୍ରେମରେ ଅଛି ବିରହ, ବିଳାସ, ବୈଭବ ଓ ବିଭୂକୃପା । ଦୈହିକ ପ୍ରଭାବ ଅଧିକ ହେଲେ ପ୍ରେମ ଅସ୍ଥାୟୀ, ପାଶବିକ ଓ ଅସୁଖକର ମାତ୍ର ଚିତ୍ତର ପ୍ରଭାବ ଅଧିକ ହେଲେ ପ୍ରେମ ସ୍ଥାୟୀ, ସୁନ୍ଦର ଓ ସୁଖକର । ଭଞ୍ଜ ତାଙ୍କ ସାହିତ୍ୟ ମାଧ୍ୟମରେ ଏଇ ବାର୍ତ୍ତା ହିଁ ସମାଜକୁ ଦେବାକୁ ଚାହିଁଛନ୍ତି-

ମୁଁ ସଂସାରୀ ପାସୋରି ପାରିବିକି କିଶୋରୀ
ଅଛି ମୋ କେଉଁ ଦମ୍ପପଣ ।

ସଂସାରୀ ହୋଇ ସଂସାର କରିବାକୁ ହେଲେ ଏହି ସଂସାରର କେନ୍ଦ୍ରରେ ଥିବା ନାରୀକୁ ଉପଯୁକ୍ତ ସମ୍ମାନ ଦେଇ ତାକୁ ଦେହ ଓ ଚିତ୍ତ ଉଭୟ ସମର୍ପଣ କଲେହିଁ ସଂସାରର ରଥ ଠିକ୍ ଭାବେ ଗଡିବ । ସେ ପ୍ରେମ ପ୍ରେମ ନୁହେଁ ଯାହା ଅସ୍ଥାୟୀ। ଭଞ୍ଜଙ୍କ ଭାଷାରେ ପ୍ରେମ ସୃଷ୍ଟିର ନିୟମ, ଏହାକୁ ଲଂଘନ କରିବା ମୂର୍ଖତା-

ହେଲେ ହୋଇବ ପଛେ ଶିର ଛେଦ
କେବେ ନୋହିବ ପ୍ରୀତିର ବିଛେଦ

ପ୍ରେମରେ ବିଛେଦ ଠାରୁ ମୃତ୍ୟୁ ଅଧିକ ଶ୍ରେୟସ୍କର ବୋଲି ଭଞ୍ଜ କହୁଛନ୍ତି । ଏହି ବାର୍ତ୍ତା ଆଜିର ଏହି ଏକବିଂଶ ପିଢିର ପ୍ରେମ ପାଇଁ ନିତ୍ୟାନ୍ତ ଆବଶ୍ୟକ,ଯେଉଁ ପରି ଭାବେ ପୁରୁଷ ଓ ନାରୀ ଉଭୟଙ୍କର ଉତ୍‌ପୀଡନ କଥା ଆମକୁ ଶୁଣିବାକୁ ଓ ଦେଖିବାକୁ ମିଳୁଛି ସେଇଠୁ ନିସ୍ତାର ପାଇବାକୁ ହେଲେ ପ୍ରେମର ଏହି ସ୍ଥାୟୀତ୍ୱକୁ ବୁଝିବାକୁ ହେବ। ପ୍ରେମ ହିଁ ମନକୁ ନିୟନ୍ତ୍ରିତ କରି ଏହାକୁ ସମତୁଳ କରେ,ଏହି ପ୍ରକାର ମନରେ ହିଁ ପ୍ରାଣର ପ୍ରତୀକ ଅଙ୍କୁରିତ ହୁଏ,ଯେଉଁଠି ପ୍ରାଣ ନାହିଁ ସେ ପାଷାଣ ଆଜି ଆମେ ସେଇ ପାଷାଣତା ଦିଗରେ ଅଗ୍ରସର । ତେଣୁ ଭଞ୍ଜ ଲେଖିଲେ-

ମନ ଉପରେ ତ ରଜା ପୀରତି
କେହି ପାରିବ ମନୁଷ୍ୟ ବରତି
ପଶୁମାନେ ବଶ ହେଲେ ଏ ରସେ
ଯେହୁ ପାଷାଣ ସେ ଏଥି ନରସେ

ପ୍ରେମର ଶାଶ୍ୱତ ରୂପ ହେଲା ବିବାହ । ପରସ୍ପର ହୃଦୟ ଓ ମନ ଚିହ୍ନି ବିବାହ କଲେ ଅଶେଷ ସୁଖ ଜାତ ହୁଏ ବୋଲି ଭଞ୍ଜ କୁହନ୍ତି-

ପ୍ରୀତି ହୋଇ ଯେବେ ଏଡେ ମଧୁର
କ୍ଷୁଧା ତୃଷା ପୁଣି ହୁଏ ବିଧୁର
ପୁଣି ଦଇବେ ହୋଇଲେ ଦମ୍ପତି
ପଦ ତଳେ ମିଳେ ଇନ୍ଦ୍ର ସମ୍ପତି

ବିବାହ ବିନା ଅସମ୍ପର୍କିତ ପ୍ରୀତି ପ୍ରାଣହୀନ, ବିବାହ ହିଁ ପ୍ରୀତିର ଦ୍ୱିତୀୟ ଓ ପ୍ରଧାନ ପଦେକ୍ଷପ, ପୂର୍ବଭାଗରୁ ଜାତ ପ୍ରୀତି ସୀମିତ ନହୋଇ ବିବାହ ଜରିଆରେ ଦାମ୍ପତ୍ୟ ଜୀବନର ଭିତ୍ତି ହେଉ,ତେବେ ଯାଇ ଇନ୍ଦ୍ର ସମ୍ପତ୍ତିର ଅନୁଭବ ହେବ ବୋଲି ଭଞ୍ଜ କହନ୍ତି । ବିବାହିତ ଜୀବନରେ ପୁଣି ରାଗ-ଅନୁରାଗ-ବିରାଗ ର ଅନୁଭୂତି ପ୍ରୀତିକୁ ଅଧିକ ମଧୁର କରିଥାଏ ଏବଂ ସମ୍ପର୍କକୁ ଅଧିକ ପବିତ୍ର । ଭଞ୍ଜୀୟ ନାୟକ ପତ୍ନୀର କ୍ଷଣିକ ବିୟୋଗରେ କହୁଛି-

ପୁଣି ବିରହ ଆନନ୍ଦେ ବହନ
ହୋନ୍ତା ଏ ମୋହର ତନୁ ଦହନ

ଆଜି ପିଢି ବିବାହକୁ କେବଳ ଗୋଟେ କଣ୍ଟ୍ରାକ୍ଟ ବୋଲି ନଭାବି ପ୍ରେମର ପରାକାଷ୍ଠ ବୋଲି ଭାବିଲେ ପରିବାର ମଧ୍ୟରୁ ବିତର୍କ-ବିଛେଦ ଦୂର ହୁଅନ୍ତା । ଉପେନ୍ଦ୍ରଙ୍କ ନାୟକ ଚକ୍ଷୁରେ ନାୟିକା ହେଉଛି କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ନାୟିକାର ତୁଳନା କେବଳ ସେ ନିଜେ ଲାବଣ୍ୟବତୀରେ କବି ଲେଖିଲେ-

ତୋତେ ତୁ ପଟାନ୍ତର କହୁଛି
ମୋର ଅଶେଷ ତପ
ପୁଣ୍ୟ ନାରୀ ସ୍ୱରୂପ
ହୋଇଛୁ ରାମାବର ରେ ।

ପତିର ଏ ପ୍ରକାର ପ୍ରଶଂସା ପତ୍ନୀ ହୃଦୟରେ ଆନନ୍ଦଚନ୍ଦନ ଲେପନ କରେ, ଫଳରେ ସ୍ୱାମୀକୁ ଭକ୍ତି ପୁଷ୍ପ ଅର୍ପଣ କରି ସେ ଉପଯୁକ୍ତ ଅର୍ଚ୍ଚନା କରେ ଆଜିର ସମାଜ ଏହା ଶିକ୍ଷିବା ଦରକାର, ନାରୀକୁ ଦରକାର ସ୍ନେହ, ମର୍ଯ୍ୟଦା ଏବଂ ତାହା କେବଳ ପ୍ରେମରୁ ମିଳେ । ଦାମ୍ପତ୍ୟ ଜୀବନରେ ଆଜି କାଲି ଯେଉଁ ବିବାହ-ବିଛେଦର ସମସ୍ୟା ଦେଖା ଯାଉଛି ତାର କାରଣ ହେଲା ନିଷ୍ଠାର ଅଭାବ । ଭଞ୍ଜଙ୍କ ଦୃଷ୍ଟିରେ ଦାମ୍ପତ୍ୟ ପ୍ରେମର ପରମ ସ୍ତର ହେଲା ଏକ ନିଷ୍ଠତା । ତତ୍‌କଳୀନ ରାଜ ପରମ୍ପରାକୁ ପଦାଘାତ୍ କରି ଭଞ୍ଜୀୟ ନାୟକ କହୁଛି-

ତୋବିନା ନବୀନା ଆନଗତି
ଯେବେ ଥିବ ଭବେ
ଯେବେ ମୋ ଦୋଷ ହୋଇବ ଯେ
ତୋ ଚିତ୍ତକୁ ଆସିବ
ସେ ଦଣ୍ଡକୁ ସତ୍ୱରେ
ବିହିବୁରେ ପ୍ରାଣବନ୍ଧୁ ।
ଏ ପିଣ୍ଡେ ତୋ ଏକା ଅଧିକାର
ଆହା କରିବାକୁ ସାହା ନାହିଁ ମୋରରେ ।

ପ୍ରେମରେ ସମର୍ପଣ ଏହା ହେଉଛି ଶ୍ରେଷ୍ଠ ନିଦର୍ଶନ । ତାଙ୍କ ପ୍ରେମରେ ଅଛି ଆଦର୍ଶ, ଆବେଗ ଓ ଆକର୍ଷଣ ମାତ୍ର ଏସବୁ କେବଳ ଏକନିଷ୍ଠ ଭାବେ ଗୋଟିଏ ପ୍ରେମିକା ପାଇଁ । ସେଥିପାଇଁ ଭଞ୍ଜୀୟ ପ୍ରେମ ରସରେ ରସାୟିତ ହୋଇ ସ୍ୱୟଂ ଶ୍ରୀରାମ ବି ସୀତାଙ୍କ ଦିବ୍ୟ ପ୍ରେମ ବାନ୍ଧି ହୋଇ ପଡିଛନ୍ତି। ଭଞ୍ଜ ଲେଖିଲେ-

ରାମ ଜାଣେ ଯେତେ ସୁଖ ଜାତ ଏକାଳେ
ସୀତା ମାଳ ଧରି ବର ଅସିବା ବେଳେ

ଦୀର୍ଘ ୪୦୦ବର୍ଷ ତଳେ ଭଞ୍ଜ ଦେଇଥିବା ପ୍ରେମର ଜ୍ଞାନ, ଦାମ୍ପତ୍ୟ ଜୀବନର ଆଦର୍ଶ ଆଜିର ସାମାଜିକ ସ୍ଥିତିର ଯୁବ ପିଢି ପାଇଁ କଣ ବରଂ ସବୁ ବର୍ଗ ପାଇଁ ନିତ୍ୟାନ୍ତ ଅନୁକରଣୀୟ ।

# ଜୀବ ବିଜ୍ଞାନର ମୂଳ ଆଧାର - ବିକାଶବାଦ ସିଦ୍ଧାନ୍ତ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ବିଜ୍ଞାନ ଜଗତରେ ବିକାଶବାଦ ସିଦ୍ଧାନ୍ତ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଧାରଣା ଅଟେ। ବିକାଶବାଦ ବୋଲି କୁହାଯାଏ ସେହି ବିଜ୍ଞାନସମ୍ମତ ସିଦ୍ଧାନ୍ତକୁ ଯାହା ଜୀବଜଗତର ଉତ୍ପତ୍ତି ଓ ପରିବର୍ତ୍ତନ ବିଷୟରେ କହେ। ପୃଥିବୀରେ ଥିବା ସମସ୍ତ ଜୀବ ଏକ ସାଧାରଣ ପୂର୍ବଜଠାରୁ କ୍ରମେ କ୍ରମେ ଦୀର୍ଘ ସମୟ ଧରି ପରିବର୍ତ୍ତନ ହୋଇ ବିଭିନ୍ନ ପ୍ରଜାତିରେ ପରିଣତ ହୋଇଛନ୍ତି। ଏହି ଧାରଣାକୁ ବିକାଶବାଦ ସିଦ୍ଧାନ୍ତ କୁହାଯାଏ। ଏହି ସିଦ୍ଧାନ୍ତ ପ୍ରଥମେ ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରିଥିଲେ ଚାର୍ଲସ ଡାରଓ୍ୱିନ୍। ସେ ୧୮୫୯ ମସିହାରେ ପ୍ରକାଶ କରିଥିବା ତାଙ୍କର ପ୍ରସିଦ୍ଧ ପୁସ୍ତକ On the Origin of Species ମାଧ୍ୟମରେ ଜୀବଜନ୍ତୁ ଓ ଉଦ୍ଭିଦ ଜାତିର ଉତ୍ପତ୍ତି ଏବଂ ପରିବର୍ତ୍ତନ ବିଷୟରେ ଏହି ଧାରଣାକୁ ବିଶ୍ୱସାମ୍ନାରେ ଆଣିଥିଲେ। ବିକାଶବାଦ ଅନୁସାରେ ପୃଥିବୀରେ ଥିବା ସମସ୍ତ ଜୀବଜନ୍ତୁ ଓ ଉଦ୍ଭିଦ ଦୀର୍ଘ ସମୟ ଧରି ପ୍ରକୃତିର ପରିବର୍ତ୍ତନ ଓ Natural Selection ପ୍ରକ୍ରିୟା ଦ୍ୱାରା ଧୀରେ ଧୀରେ ବିକଶିତ ହୋଇଛନ୍ତି। ଏହା ଅନୁସାରେ ସମସ୍ତ ଜୀବ ଏକ ସାଧାରଣ ପୂର୍ବଜରୁ ଆସିଥାନ୍ତି ଏବଂ ପରିବେଶ ଅନୁସାରେ ତାଙ୍କର ଆକୃତି, ଗଠନ ଓ ଚରିତ୍ରରେ ପରିବର୍ତ୍ତନ ଘଟିଛି। ବିକାଶବାଦ ସିଦ୍ଧାନ୍ତ ଜୀବଜନ୍ତୁ ଓ ମନୁଷ୍ୟର ଉତ୍ପତ୍ତି ବିଷୟରେ ଏକ ବୈଜ୍ଞାନିକ ଓ ତର୍କସମ୍ମତ ବ୍ୟାଖ୍ୟା ଦେଇଥାଏ। ପୂର୍ବରୁ ଲୋକମାନେ ମନୁଷ୍ୟ ଓ ପ୍ରାଣୀମାନଙ୍କ ଉତ୍ପତ୍ତିକୁ କେବଳ ଧାର୍ମିକ ଗଳ୍ପ କିମ୍ବା ପୌରାଣିକ କଥାରେ ବ୍ୟାଖ୍ୟା କରୁଥିଲେ। କିନ୍ତୁ ବିକାଶବାଦ ଏହାକୁ ବୈଜ୍ଞାନିକ ପ୍ରମାଣ ଓ ପର୍ଯ୍ୟବେକ୍ଷଣ ଆଧାରରେ ବୁଝାଇଥାଏ। Natural Selection ବିକାଶବାଦର ମୂଳ ଧାରଣା ଅଟେ। ଏହା ଅନୁସାରେ ପ୍ରକୃତି ସେହି ଜୀବମାନଙ୍କୁ ବଞ୍ଚିବାକୁ ସହାୟତା କରେ ଯେଉଁମାନେ ପରିବେଶ ସହିତ ଭଲ ଭାବରେ ଖାପ ଖାଇପାରନ୍ତି। ଏହା ଦ୍ୱାରା ଜୀବଜଗତରେ ସ୍ୱାଭାବିକ ଭାବେ ଉତ୍କୃଷ୍ଟ ଗୁଣଗୁଡ଼ିକ ରହିଯାଏ। ବିକାଶବାଦ ସିଦ୍ଧାନ୍ତ ବାଇଓଲୋଜି, ଜିନେଟିକ୍ସ ଓ ମେଡିସିନ୍ ଭଳି ବିଭିନ୍ନ ବିଜ୍ଞାନ ଶାଖାର ଗବେଷଣାକୁ ଆଗକୁ ନେବାରେ ସହାୟତା କରିଛି। ଜୀବର ଜନ୍ମଗତ ଗୁଣ ଯାହାକୁ ଇଂରାଜୀରେ Genes କୁହଯାଏ ଓ ତାହାର ପରିବର୍ତ୍ତନ ବିଷୟରେ ବୁଝିବାରେ ଏହି ସିଦ୍ଧାନ୍ତ ଉପକାରୀ ଅଟେ। ବିକାଶବାଦ ଦେଖାଏ ଯେ ମନୁଷ୍ୟ ଓ ଅନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ଅନେକ ସାମ୍ୟତା ଅଛି। ଏହା ଆମକୁ ପ୍ରକୃତି ସହିତ ଆମର ସମ୍ପର୍କ ବୁଝାଇଥାଏ ଏବଂ ପ୍ରକୃତିକୁ ସୁରକ୍ଷା କରିବା ପାଇଁ ପ୍ରେରିତ କରେ। ପୃଥିବୀରେ ମିଳୁଥିବା ପ୍ରାଚୀନ ଜୀବଜନ୍ତୁମାନଙ୍କ ଅବଶେଷ ଯାହକୁ ଇଂରାଜୀରେ fossils କୁହଯାଏ ତାହା ମଧ୍ୟ ବିକାଶବାଦ ସିଦ୍ଧାନ୍ତକୁ ସମର୍ଥନ କରେ। ଏହା ଦେଖାଏ ଯେ ଜୀବମାନେ ଧୀରେ ଧୀରେ ପରିବର୍ତ୍ତନ ହୋଇ ନୂତନ ଜାତିରେ ପରିଣତ ହୋଇଛନ୍ତି। ବିକାଶବାଦ ଦେଖାଏ ଯେ ପ୍ରତ୍ୟେକ ଜୀବ ତାହାର ପରିବେଶ ସହିତ ଖାପ ଖାଇବାକୁ ଚେଷ୍ଟା କରେ। ଏହା ଆମକୁ ପ୍ରକୃତିର ନିୟମ ବୁଝିବାରେ ସହାୟତା କରେ। କେତେକ ଲୋକଙ୍କ ମତାନୁସାରେ ବିକାଶବାଦ ସିଦ୍ଧାନ୍ତର ସମସ୍ତ ପଦକ୍ଷେପ ପାଇଁ ପୂର୍ଣ୍ଣ ପ୍ରମାଣ ମିଳିନାହିଁ। ବିଶେଷ କରି କିଛି ଜୀବ ମଧ୍ୟବର୍ତ୍ତୀ ଆକୃତି (transitional forms) ଫସିଲ୍ ଭାବେ ଅତ୍ୟନ୍ତ କମ୍ ମିଳିଥାଏ ବୋଲି ଆପତ୍ତି କରାଯାଏ। କିଛି ଧାର୍ମିକ ଧାରଣା ଅନୁସାରେ ପୃଥିବୀ ଓ ଜୀବମାନେ ଭଗବାନଙ୍କ ଦ୍ୱାରା ସୃଷ୍ଟି ହୋଇଛନ୍ତି। ବିକାଶବାଦ ଏହି ଧାରଣା ସହିତ ସମ୍ପୂର୍ଣ୍ଣ ମେଳ ଖାଉନଥିବାରୁ କିଛି ଲୋକ ଏହାକୁ ଅସ୍ୱୀକାର କରନ୍ତି। ବିକାଶବାଦ ଅନୁସାରେ ମନୁଷ୍ୟ ପ୍ରାଚୀନ ପ୍ରାଣୀମାନଙ୍କୁ ନେଇ ବିକଶିତ ହୋଇଛନ୍ତି। ଏହି ଧାରଣାକୁ କିଛି ଲୋକ ଗ୍ରହଣ କରିବାକୁ କଷ୍ଟକର ଭାବନ୍ତି। ବିକାଶବାଦ ଧୀରେ ଧୀରେ ହୋଇଥିବା ପ୍ରକ୍ରିୟା ଅଟେ ଏବଂ ଏହା ପାଇଁ ଲକ୍ଷ ଲକ୍ଷ ବର୍ଷ ସମୟ ଲାଗେ। ଏହାକୁ ପ୍ରୟୋଗଶାଳାରେ ସିଧାସଳଖ ପରୀକ୍ଷା କରିବା ଅସୁବିଧାଜନକ। ବିକାଶବାଦ ସତ୍ତ୍ୱେ ମଧ୍ୟ ଜୀବନର ପ୍ରଥମ ଉତ୍ପତ୍ତି କିପରି ହେଲା ଏହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ଦିଏନାହିଁ। ଏହା କେବଳ ଜୀବମାନଙ୍କର ପରବର୍ତ୍ତୀ ବିକାଶକୁ ବୁଝାଏ। ବିକାଶବାଦ ଜୀବବିଜ୍ଞାନରେ ଏକ ମହତ୍ୱପୂର୍ଣ୍ଣ ଧାରଣା ଭାବେ ଗ୍ରହଣ କରାଯାଇଛି। ଏହା ଆମକୁ ପୃଥିବୀରେ ଥିବା ଜୀବଜଗତର ବିଭିନ୍ନତା ବୁଝିବାରେ ସହଯୋଗ କରେ। ଏହା ଦ୍ୱାରା ଆମେ ବୁଝିପାରୁ ଯେ କିପରି ଜୀବମାନେ ପରିବେଶ ସହ ଖାପ ଖାଇ ବଞ୍ଚି ରହନ୍ତି ଓ କିପରି ନୂତନ ପ୍ରଜାତି ଗଠିତ ହୁଏ। ବିକାଶବାଦ ଅନୁସାରେ ପୃଥିବୀରେ ଥିବା ଜୀବଗୁଡିକ ଏକେ ସମୟରେ ନୁହେଁ, ବରଂ ଦୀର୍ଘ ସମୟ ଧରି ପ୍ରାକୃତିକ ପରିବର୍ତ୍ତନ ଓ ପରିସ୍ଥିତି ଅନୁଯାୟୀ ଗଢ଼ିଉଠିଛନ୍ତି। ପ୍ରକୃତିରେ ଥିବା ଅନେକ ପରିବର୍ତ୍ତନ, ପରିବେଶ, ଖାଦ୍ୟ ଓ ପ୍ରତିସ୍ପର୍ଦ୍ଧା ଜୀବମାନଙ୍କୁ ବଞ୍ଚିବା ପାଇଁ ନୂତନ ଗୁଣ ଅର୍ଜନ କରିବାକୁ ବାଧ୍ୟ କରେ। ଯେଉଁ ଜୀବ ଏହି ପରିସ୍ଥିତିରେ ଖାପ ଖାଇପାରନ୍ତି ସେମାନେ ବଞ୍ଚିଯାନ୍ତି ଓ ଅନ୍ୟମାନେ ନଷ୍ଟ ହୋଇଯାନ୍ତି। ଏହାକୁ “ପ୍ରାକୃତିକ ବିଚୟନ” ବୋଲି କୁହାଯାଏ। ପ୍ରାକୃତିକ ବିଚୟନ ବିକାଶବାଦର ମୁଖ୍ୟ ଧାରଣା। ଏହାର ଅର୍ଥ ହେଉଛି ପ୍ରକୃତି ନିଜେ ନିଜେ ଏମିତି ଜୀବମାନଙ୍କୁ ବାଛିନେଉଛି ଯେଉଁମାନେ ଜୀବନ ପାଇଁ ଅଧିକ ଯୋଗ୍ୟ। ଦେଖାଯାଏ ଯେ କିଛି ପଶୁ ଶୀତ ଅଞ୍ଚଳରେ ବଞ୍ଚିବା ପାଇଁ ଘନ ଲୋମ ରଖନ୍ତି, ଆଉ କିଛି ପଶୁ ଗରମ ଅଞ୍ଚଳରେ ପତଳା ଲୋମ ସହ ଖାପ ଖାଇଛନ୍ତି। ଏହିପରି ପରିବେଶ ଅନୁଯାୟୀ ଜୀବମାନେ ନୂତନ ଗୁଣ ଉନ୍ନତ କରନ୍ତି। ବିକାଶବାଦ କହେ ଯେ ମଣିଷ ମଧ୍ୟ ଏକ ଦୀର୍ଘ ବିକାଶ ପ୍ରକ୍ରିୟାର ଫଳ। ପ୍ରାଚୀନ ସମୟରେ ମଣିଷ ଆଜିର ମଣିଷ ପରି ନଥିଲେ। ସେମାନେ କ୍ରମେ କ୍ରମେ ଶାରୀରିକ ଓ ବୁଦ୍ଧିମତାରେ ଉନ୍ନତି କରି ଆଜିର ଆଧୁନିକ ମଣିଷ ହୋଇଛନ୍ତି। ଏହି ଧାରଣାକୁ ବହୁତ ବୈଜ୍ଞାନିକ ଜୀବାଶ୍ମ ଅନୁସନ୍ଧାନ, ଜୀବବିଜ୍ଞାନ ଓ ଜନେଟିକ୍ସ ଦ୍ୱାରା ସମର୍ଥନ କରିଛନ୍ତି। ଜୀବାଶ୍ମ ବିକାଶବାଦର ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଭାବେ ଗଣାଯାଏ। ପୁରୁଣା ଶିଳା ଓ ପାଥର ମଧ୍ୟରେ ମିଳୁଥିବା ଜୀବାଶ୍ମ ଆମକୁ ପ୍ରାଚୀନ ଜୀବମାନଙ୍କ ବିଷୟରେ ତଥ୍ୟ ଦେଇଥାଏ। ଏହା ଦେଖାଏ ଯେ ପୂର୍ବରୁ ଥିବା ଜୀବ ଓ ଆଜିର ଜୀବମାନଙ୍କ ମଧ୍ୟରେ ଅନେକ ସମାନତା ଅଛି। ଏହି ସମାନତା ବିକାଶ ପ୍ରକ୍ରିୟାକୁ ସମର୍ଥନ କରେ।

ସମସ୍ତ ଦୃଷ୍ଟିକୋଣରୁ ଦେଖିଲେ ବିକାଶବାଦ ସିଦ୍ଧାନ୍ତ ବିଜ୍ଞାନ ଜଗତରେ ଏକ ମହତ୍ୱପୂର୍ଣ୍ଣ ଅବଦାନ ଅଟେ। ଚାର୍ଲ୍ସ ଡାରଓ୍ୱିନ୍ ଙ୍କ ଏହି ଧାରଣା ଜୀବଜଗତର ଉତ୍ପତ୍ତି ଓ ପରିବର୍ତ୍ତନ ବିଷୟରେ ଆମକୁ ନୂତନ ଦୃଷ୍ଟିକୋଣ ଦେଇଛି। ଏହା ବାଇଓଲୋଜି ଓ ଅନ୍ୟ ବୈଜ୍ଞାନିକ ଶାଖାର ଉନ୍ନତିରେ ଅସାଧାରଣ ଭୂମିକା ଲିଭାଇଛି। ତଥାପି ଏହି ସିଦ୍ଧାନ୍ତକୁ ନେଇ କେତେକ ଆଲୋଚନା ଓ ବିବାଦ ରହିଛି। କିଛି ଲୋକ ଏହାକୁ ସମ୍ପୂର୍ଣ୍ଣ ସତ୍ୟ ଭାବେ ମନେ କରନ୍ତି, ଯେତେବେଳେ ଅନ୍ୟ କିଛି ଲୋକ ଏହାର କିଛି ଦିଗକୁ ପ୍ରଶ୍ନ କରନ୍ତି। ତଥାପି ବିକାଶବାଦ ସିଦ୍ଧାନ୍ତକୁ ନେଇ କିଛି ମତଭେଦ ମଧ୍ୟ ରହିଛି। କିଛି ଧାର୍ମିକ ଧାରଣା ଅନୁସାରେ ଜୀବଜଗତର ସୃଷ୍ଟି ଭଗବାନଙ୍କ ଦ୍ୱାରା ହୋଇଛି ଓ ଏହା ଅପରିବର୍ତ୍ତନଶୀଳ। କିନ୍ତୁ ବୈଜ୍ଞାନିକମାନେ ପ୍ରମାଣ ଓ ଅନୁସନ୍ଧାନ ଆଧାରରେ ବିକାଶବାଦକୁ ସମର୍ଥନ କରନ୍ତି । ବିକାଶବାଦ ପୃଥିବୀରେ ଜୀବଜଗତର ଉତ୍ପତ୍ତି ଓ ବିଭିନ୍ନତା ବୁଝିବାରେ ଏକ ମୂଳ ଧାରଣା। ଏହା ଆମକୁ ଶିଖାଏ ଯେ ପ୍ରକୃତିରେ ସବୁକିଛି ଧୀରେ ଧୀରେ ପରିବର୍ତ୍ତନ ହୁଏ ଓ ସମୟ ସହିତ ନୂତନ ରୂପ ନେଇଥାଏ। ବିଜ୍ଞାନର ଉନ୍ନତି ସହ ଏହି ସିଦ୍ଧାନ୍ତ ଆହୁରି ସ୍ପଷ୍ଟ ଓ ମଜବୁତ ହୋଇଛି ଏବଂ ଆଜି ମଧ୍ୟ ଏହା ଜୀବବିଜ୍ଞାନର ଏକ ମୂଳ ଆଧାର ଭାବେ ଗ୍ରହଣ କରାଯାଉଛି। ସେହିପରି କୁହାଯାଇପାରେ ଯେ ବିକାଶବାଦ ସିଦ୍ଧାନ୍ତ ବିଜ୍ଞାନ ଓ ମାନବ ଜ୍ଞାନର ଏକ ମହାନ ଅବଦାନ ହେଲେ ମଧ୍ୟ ଏହା ଉପରେ ଗବେଷଣା ଓ ଚର୍ଚ୍ଚା ଆଗାମୀ ଦିନରେ ମଧ୍ୟ କ୍ରମାନୁଯାୟୀ ଚାଲିଥିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ତୁମେ କ'ଣ ଦେଖିବ ?

ତୁମେ କଣ ଦେଖିବ ?
ଦେଖିବା ପ୍ରଭୁତ ଦେଖୁଛି ।

ଶ୍ରଦ୍ଧେୟ ଭକ୍ତବୃନ୍ଦ,ଆମେ କହୁଛୁ ଆମେ ସବୁ କରିଦେଉଛୁ,ଆମେ ସମସ୍ତଙ୍କୁ ଦେଖୁଛୁ ଆମ ଛଡା ଆଉ କାହାର ଗତି ମୁକ୍ତି ନାହିଁ । ସବୁ ଭୁଲ,ଏ ସବୁ ଭ୍ରମ । ଆରେ ଆମକୁ ଯିଏ ଜନ୍ମ ଦେଇଛି, ସେତ ଆମକୁ ମୂଳରୁ ଦେଖିଛି। ସେ ତ ଆଖିର ଜ୍ୟୋତି, ଶରୀରର ଶକ୍ତି, ଜୀବର ଜୀବନ, ଆତ୍ମାର ପରମାତ୍ମା। ସେ ତ ସବୁ କରୁଛି ଦେଖିଛି । ତେଣୁ ଭାଗବତରେ କୁହାଯାଇଛି କରିକରାଉ ଥାଏ ମୁହିଁ ମୋ ବିନୁ ଅନ୍ୟ ଗତି ନାହିଁ ସେ ଜୀବକୁ କ୍ରିୟାଶୀଳ କରନ୍ତି,ସେହିଁ ଗତି ମୁକ୍ତିର ଦାତା,ଅହଂକାର ଛାଡି ପ୍ରଭୁ କଣ କହୁଛନ୍ତି ଶୁଣ,ନଚେତ୍ ଭ୍ରମରେ ପଡି ନର୍କଗାମୀ ହେବା ସାର । ହରିଓଁ ।

# ହରିୟାନାର ରାଜ୍ୟପକ୍ଷୀ କଳା ତିତ୍ତିର



ଡ. ବିଜୟ କେତନ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନପ୍ରାଣୀ ସଂରକ୍ଷକ, ଓଡ଼ିଶା
ମୋ : ୯୪୩୭୦୦୦୯୦୪

ହରିୟାନା ରାଜ୍ୟର ରାଜ୍ୟପକ୍ଷୀ କଳା ତିତ୍ତିର । ଇଂରାଜୀ ନାମ -ବ୍ଲାକ୍ ପାଟ୍ରିଜ ବା ବ୍ଲାକ୍ ଫ୍ରାଙ୍କୋଲିନ, ହିନ୍ଦୀ ନାମ-କଳା ତିତ୍ତିର । ଓଡିଶାରେ କେତେକ ଅଞ୍ଚଳରେ ଏହି ପକ୍ଷୀକୁ କଳା ତିତିରି ବୋଲି ମଧ୍ୟ କହିଥାନ୍ତି । ବୈଜ୍ଞାନିକ ନାମ-ଫ୍ରାଙ୍କୋଲିନ୍‌ସ ଫ୍ରାଙ୍କୋଲିନ୍‌ସ ବଂଶ, ଫାଜିଆନିଡି, କୁକୁଡା ଜାତୀୟ ଏହା ଏକ ଶିକାରୀ ପକ୍ଷୀ । ମାଂସ ପାଇଁ ଏହି ପକ୍ଷୀଟିକୁ ଶିକାର କରାଯାଇଥାଏ। ଏହି ପକ୍ଷୀର ଛଅଟି ଉପପ୍ରଜାତି ଅଛନ୍ତି । କିନ୍ତୁ ଆମ ଦେଶରେ ଦେଖିବାକୁ ମିଳୁଥିବା ପ୍ରମୁଖ ଦୁଇ ଉପପ୍ରଜାତି ହେଲେ କଳା ତିତ୍ତିର, ଧୂସର ତିତ୍ତିର ।

ବ୍ୟାପ୍ତି ଓ ବିସ୍ତୃତି-ଉତ୍ତର ଭାରତର ଅନେକ ଅଞ୍ଚଳରେ ବିଶେଷକରି ହିମାଳୟ ପାଦଦେଶରେ ଥିବା ରାଜ୍ୟମାନଙ୍କରେ କଳାତିତ୍ତିର ଦେଖିବାକୁ ମିଳନ୍ତି । ଭାରତ ବ୍ୟତୀତ ପାକିସ୍ତାନ, ଅଫଗାନିସ୍ତାନ, ବାଂଲାଦେଶ, ସାଇପ୍ରସ, ତୁର୍କୀ, ଇରାକ୍, ଇରାନ୍‌ରେ ମଧ୍ୟ ଦେଖିବାକୁ ମିଳନ୍ତି ଏହି ତିତ୍ତିର ପକ୍ଷୀ । ଏମାନେ ଏକାକୀ ବା ଯୋଡି ଯୋଡି ହୋଇ ଉତ୍ତର ଭାରତ ଏବଂ ଆସାମର ଜଳାଶୟ, ହ୍ରଦ ବା ପୁଷ୍କରିଣୀ ନିକଟରେ ଥିବା ଝାଡ, ବୁଦା, ଝାଟି, ଉଚ୍ଚା ଘାସ ବଣ ଏବଂ ନଦୀ କୂଳରେ ଦେଖିବାକୁ ମିଳନ୍ତି । ବଡ ବଡ ଘାସ ବୁଦା ଏମାନଙ୍କୁ ଆଶ୍ରୟ ଦେବା ସହ ଶତ୍ରୁ ଆକ୍ରମଣ ବେଳେ ବା ବିପଦର ସଂକେତ ପାଇଲେ ପଳାୟନର ରାସ୍ତା ମଧ୍ୟ ଯୋଗାଇଥାଏ । ଏହା ବ୍ୟତୀତ ବିଭିନ୍ନ ଶସ୍ୟ କ୍ଷେତ ଯଥା ଆଖୁକିଆରୀ, ଜହ୍ନା ଫସଲ ହୋଇଥିବା କ୍ଷେତ ବା ଚା ବଗିଚା ଏମାନଙ୍କର ପ୍ରିୟ ବାସସ୍ଥଳୀ । ପୂର୍ବରୁ ଏହି ପକ୍ଷୀର ବାସସ୍ଥଳୀ ବେଶ୍ ବିସ୍ତୃତ ଥିଲା । କିନ୍ତୁ ଅତ୍ୟଧିକ ପରିମାଣରେ ଶିକାର ହେବା କାରଣରୁ ଧୀରେ ଧୀରେ ଏମାନଙ୍କର ସଂଖ୍ୟା ଏବଂ ବିସ୍ତୃତି କମି ଆସିଲା ।

ଶାରୀରିକ ଆକୃତି-ତିତ୍ତିର ଏକ ମଧ୍ୟମ ଆକୃତିର ପକ୍ଷୀ । ଲମ୍ବାରେ ୩୫ ସେଣ୍ଟିମିଟର ଏବଂ ଓଜନ ୪୦୦ରୁ୫୦୦ଗ୍ରାମ ମଧ୍ୟରେ । ପୁରୁଷ ପକ୍ଷୀ ମାଈ ପକ୍ଷୀ ଠାରୁ ଅପେକ୍ଷାକୃତ ବଡ। କଳା ତିତ୍ତିର ଗୋଟିଏ ସ୍ଥୂଳ ଓ ଥୁଣ୍ଟା ଲାଞ୍ଜିଆ ପକ୍ଷୀ । ଦେହର ବର୍ଣ୍ଣ ତ୍ରିପଣ୍ଡ କଳା ଓ ତା ଉପରେ ସୁନା ଆସିଆ ଧଳା ଓ ହଳଦି ମିଶା ବାଦାମୀ ବର୍ଣ୍ଣର ଚିହ୍ନ ପଡିଥାଏ । ଅଣ୍ଡିରା କଳା ତିତ୍ତିରକୁ ତାର ଗଣ୍ଡଦେଶରେ ଥିବା ଉଜ୍ଜ୍ୱଳ ଧଳା ଚିହ୍ନ ଏବଂ ଗଳା ଚାରିପଟେ ଥିବା ବାଦାମୀ ରଙ୍ଗର ପଟି ଦ୍ୱାରା ଚିହ୍ନି ହେବ। ଗୋଡ ଦୁଇଟି ଲାଲ୍ ବାଦାମୀ ରଂଗର ଏବଂ ଲାଞ୍ଜ ସରୁ ଓ ଥୁଣ୍ଟା ଏବଂ ତା ଉପରେ କଳା, ଧଳା ପଟା ପଟା ଦାଗ ଥାଏ । ମାଈ ପକ୍ଷୀର ରଂଗ ଅନେକ ପରିମାଣରେ ଫିକା, ପିଠି ପାଖରେ କଳା ଓ ଧଳା ବର୍ଣ୍ଣର ଛିଟା ଓ ଦାଗ ଥାଏ । ବେକର ଉପର ପାଖରେ ବାଦାମୀ ରଙ୍ଗର ଚିହ୍ନଥାଏ । ପୁରୁଷ ପକ୍ଷୀ ତୁଳନାରେ ମାଈ ପକ୍ଷୀର ଲାଞ୍ଜ ଅପେକ୍ଷାକୃତ ଓସାରିଆ । ପୁରୁଷ ପକ୍ଷୀର ମୁଣ୍ଡ ଓ ପେଟ ତଳ ଅଂଶ କଳା, ମାଈ ପକ୍ଷୀର ମୁଣ୍ଡ ଓ ପେଟ ତଳ ଅଂଶ ମସୃଣ ଏବଂ ସାମାନ୍ୟ ଧୂସର । ଥଣ୍ଟ ନିଦା ଏବଂ ମଧ୍ୟମ ଆକାରର । ପାଦର ନଖ ମଜବୁତ୍ । ଖାଦ୍ୟ ସଂଗ୍ରହ ପାଇଁ ଭୂମିକୁ ଓ ବିଲର ଓଦାଳିଆ ମାଟିକୁ ଆମ୍ପୁଡିବା ଉପଯୋଗୀ ।

ଆଚାର ବ୍ୟବହାର-କଳା ତିତ୍ତିର ଘଞ୍ଚ ଜଙ୍ଗଲର ପକ୍ଷୀ ନୁହଁନ୍ତି । କିନ୍ତୁ ସେମାନେ ଜଙ୍ଗଲ ଉପକଣ୍ଠରେ ଥିବା ବୁଦୁବୁଦିକିଆ ଝାଡ, ବିଶେଷ କରି ଜଳଧାର ନିକଟରେ ଅଥବା ଫସଲ କ୍ଷେତ କଡରେ ଥିବା ଘାସ ବଣରେ ରହିବାକୁ ପସନ୍ଦ କରନ୍ତି । ସେମାନେ ଉଡିବା ଉପରେ ବେଶୀ ନିର୍ଭର ନକରି ବେଶ୍ ଦ୍ରୁତ ବେଗରେ ଦୌଡିପାରନ୍ତି। ଅକସ୍ମାତ ବିପଦର ସୂଚନା ପାଇଲେ ଆତ୍ମରକ୍ଷା ପାଇଁ ଖଣ୍ଡେ ଦୂର ଉଡିଯାନ୍ତି । ଥରକେ କେତେ ଶହ ମିଟର ମାତ୍ର ଉଡନ୍ତି । ଉଡିଲାବେଳେ ପକ୍ଷ ଦ୍ରୁତ ଘୂର୍ଣ୍ଣିତ ହେଉଥାଏ । ତିନିମିନିଟ୍ ରୁ ପାଞ୍ଚ ମନିଟ୍ ପର୍ଯ୍ୟନ୍ତ ଏକା ଥରକେ ସେମାନେ ଉଡି ପାରନ୍ତି । ଉଡିଲେ ଖୁବ୍ ଶୀଘ୍ର ହାଲିଆ ହୋଇ ପଡନ୍ତି। ଖାଦ୍ୟ-କଳା ତିତ୍ତିର ପକ୍ଷୀ ଚାଲି ଚାଲି ଖାଦ୍ୟ ସଂଗ୍ରହ କରିଥାଏ । ଭୋର ଓ ସଞ୍ଜ ସମୟରେ ଖାଦ୍ୟ ସଂଗ୍ରହ ପାଇଁ ସେମାନେ କ୍ଷେତରେ ପଶନ୍ତି । ଶସ୍ୟ ଖୁଣ୍ଟିବା ସମୟରେ ଏହି ପକ୍ଷୀ ଥୁଣ୍ଟା ଲାଞ୍ଜକୁ ତେରଛା କରି ଉଠାଇ ରଖିଥାଏ । ଶସ୍ୟ ଛଡା ଗଛର ବୀଜ,ଅଙ୍କୁର ଏମାନଙ୍କର ପ୍ରୀୟ ଖାଦ୍ୟ । ଘାସ ମଞ୍ଜି, କାଣ୍ଡ, ମୂଳ, ପତ୍ର ଓ ଫଳକୁ ମଧ୍ୟ ସେମାନେ ଖାଇଥାନ୍ତି। ଏହା ବ୍ୟତୀତ କୀଟପତଙ୍ଗ, ପୋକ ଯୋକ, ଜିଆ, କେଞ୍ଚୁଆ, ପିମ୍ପୁଡି ଓ ଉଇ ମଧ୍ୟ ଏମାନେ ଆହାର କରନ୍ତି। ଏମାନେ କେବଳ ଶାକାହାରୀ ନୁହଁନ୍ତି, ସର୍ବଭକ୍ଷୀ ।

ପ୍ରଜନନ-କଳା ତିତ୍ତିର ପକ୍ଷୀଙ୍କର କିଛି ନିର୍ଦ୍ଦିଷ୍ଟ ପ୍ରଜନନ ଋତୁ ନାହିଁ । ବର୍ଷସାରା ବିଭିନ୍ନ ସମୟରେ ସେମାନେ ଅଣ୍ଡା ଦେଇଥାନ୍ତି । ସାଧାରଣତଃ ଚାଷଜମି କଡରେ ଥିବା ଝାଡ ଜଙ୍ଗଲ, ବୁଦା, ବଡ ବଡ ଘାସ ବୁଦା ମୂଳରେ ତିତ୍ତିର ପକ୍ଷୀ ଅଗଭୀର ନୀଡ ରଚନା କରିଥାଏ । ନୀଡଟି ଘାସରେ ତିଆରି ହୋଇଥାଏ । ସାଧାରଣତଃ ମାର୍ଚ୍ଚ ମାସରୁ ମେ ମାସ ମଧ୍ୟରେ ସେମାନେ ବସା ତିଆରି କରିଥାନ୍ତି । ପୁରୁଷ ପକ୍ଷୀ ବଡ ବଡ ପଥର ଖଣ୍ଡ ଉପରେ ବା ଛୋଟ ଗଛ ଡାଳରେ ବସି ମାଈ ପକ୍ଷୀର ଦୃଷ୍ଟି ଆକର୍ଷଣ କରିବା ପାଇଁ ଏକ ପ୍ରକାର କେଁ କେଁ ବା କଟ୍ କଟ୍ ଶବ୍ଦ କରିଥାଏ । ଏହି ସ୍ୱର ଦୂରରୁ ଆସୁଥିବା କର୍କଶ ଓ ସଂଗୀତ ମୁଖର ଧ୍ୱନିର ଏକ ଅଭିନବ ମିଶ୍ରଣ । ଅଣ୍ଡିରା କଳା ତିତ୍ତିରର ସ୍ୱର ଏକ ପ୍ରକାର ଆନନ୍ଦ ଦାୟକ, ଧାତବ ଧ୍ୱନି । ପ୍ରଜନନ ଋତୁରେ ସକାଳଠୁ ସଂଧ୍ୟା ପର୍ଯ୍ୟନ୍ତ ସାରା ଦିନ ଏହି ଧ୍ୱନି ଶୁଣାଯାଏ । ଘାସରେ ତିଆରି ବସାରେ ମାଈ ପକ୍ଷୀ ଥରକେ ଛଅରୁ ନଅଟି ପର୍ଯ୍ୟନ୍ତ ଅଣ୍ଡା ଦିଏ। ଅଣ୍ଡା ଗୁଡିକର ରଙ୍ଗ ହାଲ୍‌କା ବାଦାମୀ ୧୮ରୁ୧୯ଦିନ ଅଣ୍ଡା ଉଷୁମେଇବା ପରେ ଅଣ୍ଡା ଫୁଟି ଛୁଆ ବାହାରନ୍ତି । ଉଭୟ ବାପା ଓ ମା ପକ୍ଷୀ,ଶାବକମାନଙ୍କର ଯତ୍ନ ନିଅନ୍ତି ଏପରିକି ଅନେକ ଦିନ ସେମାନଙ୍କ ସାଙ୍ଗରେ ରୁହନ୍ତି । ମୂଳତଃ ଆକ୍ରମଣ ହେଲେ ଶତ୍ରୁକୁ କିପରି ଚକମା ଦେଇ ହେବ, ସେ କଥା ବାପା ଓ ମା ପକ୍ଷୀ ଶାବକ ମାନଙ୍କୁ ଶିଖାନ୍ତି । ପ୍ରଥମ ଶୀତ ଋତୁଟ ପକ୍ଷୀ ଶାବକମାନେ ବାପା, ମାଙ୍କ ପାଖରେ କଟାଇଥାନ୍ତି । ଦେଖାଯାଇଛି, ତିତ୍ତିର ପକ୍ଷୀ ଏକ ପତ୍ନୀ ବ୍ରତ ପାଳନ କରେ । ସାରା ଜୀବନ ପକ୍ଷୀ ଦମ୍ପତି ଏକାଠି ରୁହନ୍ତି ।

ସଂରକ୍ଷଣସ୍ଥିତି-ତିତ୍ତିର ପକ୍ଷୀର ମାଂସ ଖାଇବା ପାଇଁ ସେମାନଙ୍କୁ ବହୁଳ ଭାବରେ ଶିକାର କରାଯାଇଥାଏ । ଏହା ବ୍ୟତୀତ ଆର୍ଦ୍ରଭୂମି ଅଞ୍ଚଳ ଓ ଘାସ ଜମିର ପରିସୀମା ଧୀରେ ଧୀରେ କମିଯାଉଥିବାରୁ ସେମାନଙ୍କର ପ୍ରାକୃତିକ ଆବାସସ୍ଥଳୀ ମଧ୍ୟ ସଂକୁଚିତ ହେବାରେ ଲାଗିଛି । ଆଇ.ୟୁ.ସି.ଏନ୍(ଇଣ୍ଟରନ୍ୟାସନାଲ ୟୁନିୟନ ଫର କଞ୍ଜରଭେସନ ଅଫ ନେଚର)କର୍ତ୍ତୃକ ପ୍ରକାଶିତ ରେଡ୍‌ଡାଟା ବହିରେ ତିତ୍ତିର ପକ୍ଷୀକୁ ସର୍ବନିମ୍ନ ଉଦ୍‌ବେଗଜନକ ବୋଲି ଦର୍ଶାଯାଇଛି ।

# ସାବିତ୍ରୀ ଅମାବାସ୍ୟା:ଭକ୍ତି, ସମର୍ପଣ ଓ ମୃତ୍ୟୁ ଉପରେ ପ୍ରେମର ବିଜୟର ପବିତ୍ର ପର୍ବ



ଅର୍ଚ୍ଚିତା ଦାଶ
ଜଗନ୍ନାଥବିହାର, ନୂଆଗାଁ

ସାବିତ୍ରୀ ଅମାବାସ୍ୟା ଭାରତର ସବୁଠାରୁ ପବିତ୍ର ଓ ଭାବପ୍ରବଣ ପର୍ବମାନଙ୍କ ମଧ୍ୟରୁ ଗୋଟିଏ, ଯାହାକି ବିଶେଷଭାବେ ବିବାହିତ ହିନ୍ଦୁ ନାରୀମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ, ସୁସ୍ଥତା, ସୁଖ, ସମୃଦ୍ଧି ଓ ସୁରକ୍ଷା ପାଇଁ ଅତ୍ୟନ୍ତ ଭକ୍ତିଭାବରେ ପାଳନ କରନ୍ତି । ଜ୍ୟେଷ୍ଠ ମାସର ଅମାବାସ୍ୟା ତିଥିରେ ପାଳିତ ଏହି ପର୍ବ ଭାରତୀୟ ସଂସ୍କୃତି, ପାରିବାରିକ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ପରମ୍ପରାର ଏକ ଜୀବନ୍ତ ପ୍ରତୀକ । ଏହା କେବଳ ଗୋଟିଏ ଉପବାସ କିମ୍ବା ପୂଜା ନୁହେଁ, ବରଂ ନାରୀର ଅତୁଟ ବିଶ୍ୱାସ, ତ୍ୟାଗ, ଧୈର୍ଯ୍ୟ, ସାହସ, ପବିତ୍ରତା ଓ ସ୍ୱାମୀପ୍ରତି ଅପାର ସମର୍ପଣର ଏକ ଅମର ଗାଥା । ଓଡ଼ିଶା, ବିହାର, ଉତ୍ତର ପ୍ରଦେଶ ସହ ଦେଶର ଅନେକ ଅଞ୍ଚଳରେ ଏହି ପର୍ବକୁ ଅତ୍ୟନ୍ତ ଶ୍ରଦ୍ଧା ଓ ଆନନ୍ଦର ସହିତ ପାଳନ କରାଯାଏ। ପ୍ରାଚୀନ ପୁରାଣରେ ବର୍ଣ୍ଣିତ ସାବିତ୍ରୀ ଓ ସତ୍ୟବାନଙ୍କ ଅମର କାହାଣୀ ଏହି ପର୍ବର ମୂଳ ଆଧାର । ରାଜା ଅଶ୍ୱପତିଙ୍କ କନ୍ୟା ସାବିତ୍ରୀ ଅସାଧାରଣ ସୌନ୍ଦର୍ଯ୍ୟ, ଜ୍ଞାନ, ସଂସ୍କାର ଓ ପବିତ୍ରତାର ଅଧିକାରିଣୀ ଥିଲେ । ସେ ସତ୍ୟବାନଙ୍କୁ ନିଜ ସ୍ୱାମୀ ଭାବେ ବାଛିଥିଲେ, ଯଦିଓ ଋଷିମାନେ ପୂର୍ବରୁ କହିଥିଲେ ଯେ ବିବାହର ଗୋଟିଏ ବର୍ଷ ମଧ୍ୟରେ ସତ୍ୟବାନଙ୍କ ମୃତ୍ୟୁ ହେବ । ସମସ୍ତଙ୍କ ନିଷେଧ ସତ୍ତ୍ୱେ ସାବିତ୍ରୀ ନିଜ ନିଷ୍ପତ୍ତିରୁ ପଛକୁ ହଟିନଥିଲେ, କାରଣ ସେ ବିଶ୍ୱାସ କରୁଥିଲେ ଯେ ବିବାହ କେବଳ ଦୁଇ ଶରୀରର ନୁହେଁ, ଦୁଇ ଆତ୍ମାର ପବିତ୍ର ବନ୍ଧନ। ନିର୍ଦ୍ଧାରିତ ଦିନରେ ସତ୍ୟବାନ ଜଙ୍ଗଲରେ କାଠ କାଟୁଥିବା ସମୟରେ ହଠାତ୍ ଅସୁସ୍ଥ ହୋଇ ସାବିତ୍ରୀଙ୍କ କୋଳରେ ପ୍ରାଣ ତ୍ୟାଗ କରିଥିଲେ। ସେହି ସମୟରେ ଯମରାଜ ସତ୍ୟବାନଙ୍କ ପ୍ରାଣ ନେବାକୁ ଆସିଥିଲେ। କିନ୍ତୁ ସାବିତ୍ରୀ ଭୟଭୀତ ହୋଇନଥିଲେ। ସେ ଯମରାଜଙ୍କ ପଛେ ପଛେ ଚାଲିଥିଲେ ଓ ନିଜ ସ୍ୱାମୀଙ୍କୁ ଫେରାଇ ନେବା ପାଇଁ ଅତୁଟ ଧୈର୍ଯ୍ୟ, ବୁଦ୍ଧିମତା ଓ ଭକ୍ତିର ପରିଚୟ ଦେଇଥିଲେ। ସାବିତ୍ରୀଙ୍କ ପବିତ୍ରତା ଓ ସମର୍ପଣରେ ପ୍ରଭାବିତ ହୋଇ ଯମରାଜ ଶେଷରେ ସତ୍ୟବାନଙ୍କୁ ପୁଣିଥରେ ଜୀବନ ଦାନ କରିଥିଲେ । ସେହି ଦିନଠାରୁ ସାବିତ୍ରୀ ଅମାବାସ୍ୟା ପତିବ୍ରତା ନାରୀର ଶକ୍ତି, ପ୍ରେମ ଓ ଭକ୍ତିର ଅମର ପ୍ରତୀକ ଭାବେ ପାଳିତ ହୋଇଆସୁଛି ।

ଏହି ପବିତ୍ର ପର୍ବର ପୂଜା ପ୍ରଣାଳୀ ଅତ୍ୟନ୍ତ ଶୃଙ୍ଖଳିତ ଓ ଭକ୍ତିମୟ ।ଏହି ଦିନ ବିବାହିତ ନାରୀମାନେ ପ୍ରଭାତରୁ ଉଠି ପବିତ୍ର ସ୍ନାନ କରନ୍ତି ଓ ଘର ପରିଷ୍କାର କରି ନୂତନ କିମ୍ବା ଶୁଭ ବସ୍ତ୍ର ପରିଧାନ କରନ୍ତି । ସେମାନେ ସିନ୍ଦୂର, ଶଙ୍ଖା, ଚୂଡ଼ି ଓ ଅନ୍ୟାନ୍ୟ ସୌଭାଗ୍ୟର ଚିହ୍ନ ଧାରଣ କରି ଦିନସାରା କଠୋର ଉପବାସ ରଖନ୍ତି । ଅନେକ ସ୍ଥାନରେ ନାରୀମାନେ ଜଳ ସୁଦ୍ଧା ଗ୍ରହଣ କରିନଥାନ୍ତି । ପୂଜା ପାଇଁ ଫୁଲ, ଫଳ, ଦୀପ, ଧୂପ, ହଳଦୀ, ସିନ୍ଦୂର, ପାନପତ୍ର, ମିଠା, ଭଜା ମୁଗ, ଆମ୍ବ, କଦଳୀ ଓ ବିଭିନ୍ନ ପ୍ରସାଦ ସଜାଯାଇଥାଏ । ବରଗଛ ଏହି ପର୍ବର ମୁଖ୍ୟ ପୂଜାସ୍ଥଳ ଭାବେ ଗଣ୍ୟ ହୁଏ, କାରଣ ବରଗଛକୁ ଦୀର୍ଘାୟୁ, ଅମରତ୍ୱ, ସ୍ଥିରତା ଓ ପାରିବାରିକ ଜୀବନର ଅଖଣ୍ଡତାର ପ୍ରତୀକ ମନାଯାଏ । ନାରୀମାନେ ବରଗଛ ମୂଳରେ ଜଳ ଅର୍ପଣ କରନ୍ତି, ହଳଦୀ ଓ ସିନ୍ଦୂର ଲଗାନ୍ତି, ଦୀପ ପ୍ରଜ୍ୱଳନ କରନ୍ତି ଓ ଗଛ ଚାରିପାଖରେ ସୂତା ବାନ୍ଧି ପରିକ୍ରମା କରନ୍ତି । ପୂଜା ସମୟରେ ସାବିତ୍ରୀ ଓ ସତ୍ୟବାନଙ୍କ କାହାଣୀ ଶ୍ରବଣ କରାଯାଏ, ଯାହାକୁ ଅତ୍ୟନ୍ତ ପବିତ୍ର ମନାଯାଏ । ନାରୀମାନେ ନିଜ ସ୍ୱାମୀଙ୍କ ଦୀର୍ଘାୟୁ, ସୁସ୍ଥତା, ସମୃଦ୍ଧି ଓ ପରିବାରର ସୁଖଶାନ୍ତି ପାଇଁ ଭକ୍ତିଭାବରେ ପ୍ରାର୍ଥନା କରନ୍ତି । ପୂଜା ଶେଷରେ ପ୍ରସାଦ ଗ୍ରହଣ କରି ଉପବାସ ଭଙ୍ଗ କରାଯାଏ ।

ସାବିତ୍ରୀ ଅମାବାସ୍ୟାର ମହତ୍ତ୍ୱ କେବଳ ଧାର୍ମିକ ଆଚାରରେ ସୀମିତ ନୁହେଁ । ଏହା ମାନବଜୀବନକୁ ଶିଖାଏ ଯେ ସତ୍ୟ ପ୍ରେମ, ନିଷ୍ଠା, ଧୈର୍ଯ୍ୟ ଓ ପବିତ୍ର ମନୋଭାବ ସବୁଠାରୁ ବଡ଼ ଶକ୍ତି। ସାବିତ୍ରୀଙ୍କ କାହାଣୀ ପ୍ରମାଣ କରେ ଯେ ଅତୁଟ ବିଶ୍ୱାସ ଓ ସମର୍ପଣ ସାମ୍ନାରେ ମୃତ୍ୟୁ ମଧ୍ୟ ପରାଜିତ ହୋଇପାରେ । ଆଜିର ସ୍ୱାର୍ଥପୂର୍ଣ୍ଣ ଓ ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ଏହି ପର୍ବ ପାରିବାରିକ ଏକତା, ସମ୍ପର୍କର ପବିତ୍ରତା, ଦାୟିତ୍ୱବୋଧ, ତ୍ୟାଗ ଓ ପରସ୍ପର ସମ୍ମାନର ମହତ୍ତ୍ୱକୁ ପୁଣିଥରେ ସ୍ମରଣ କରାଏ । ସାବିତ୍ରୀ ଅମାବାସ୍ୟା କେବଳ ଗୋଟିଏ ପର୍ବ ନୁହେଁ, ବରଂ ଭାରତୀୟ ସଂସ୍କୃତିର ସେହି ଅମର ପରମ୍ପରା, ଯାହା ମାନବତାକୁ ଭକ୍ତି, ସାହସ, ସହନଶୀଳତା ଓ ନିଷ୍କାମ ପ୍ରେମର ପଥ ଦେଖାଇଥାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ସୁବ୍ରତ କୁମାର ଦାସ

# ବିଚରା ସତ୍ୟବାନ



ଜ୍ୟେଷ୍ଠ ମାସର ତାତି ଖରା। ଗାଁରୁ ସହର ପର୍ଯ୍ୟନ୍ତ ସବୁଠି ସାବିତ୍ରୀ ବ୍ରତର ଚର୍ଚ୍ଚା। ବଜାରରେ ଭିଡ଼ ଏମିତି ଯେ, ଲାଗୁଥିଲା ସତେ ଯେମିତି ଆଜି ବିରାଟ ପର୍ବ। ଫଳ ଦୋକାନରେ ଆମ୍ବ, କଦଳୀ, ପଣସ, ଲିଚୁର ମେଳା। ଲାଗିଛି। ଶାଢ଼ି ଦୋକାନରେ ମହିଳାଙ୍କ ଭିଡ଼। ପୂଜା ସାମଗ୍ରୀ ଦୋକାନରେ ତ ଲୋକଙ୍କୁ ପାଦ ରଖିବାକୁ ମଧ୍ୟ ଜାଗା ନଥିଲା। ସେହି ଭିଡ଼ ଭିତରେ ଝାଳରେ ଭିଜି ଯାଇଥିଲେ ବିଚରା ସତ୍ୟବାନ ବାବୁ। ହାତରେ ଲମ୍ବା ତାଲିକା। ତାଲିକାଟି ଦେଇଥିଲେ ତାଙ୍କ ଧର୍ମପତ୍ନୀ-ସାବିତ୍ରୀ ଦେବୀ। ଶୁଣୁଛ କି, ଗୋଟିଏ ବି ଜିନିଷ ବାଦ୍ ପଡ଼ିବନାହିଁ, ସକାଳୁ ବାହାରୁଥିବା ବେଳେ ଦଶଥର କହିଥିଲେ ସାବିତ୍ରୀ। ତାଲିକାରେ କଣ ନଥିଲା !

ବରପତ୍ର, ସିନ୍ଦୂର, ଶଙ୍ଖା, ନୂଆ ଶାଢ଼ି, ଫଳ ଫୁଲ, ନଡ଼ିଆ, ଖଇ, କଦଳୀ, ମିଠା, ଚୁଡ଼ି, ଅଳତା, ଧୂପ, ଦୀପ, ପାନ, ସୁପାରି... ଆଉ ଶେଷରେ ଲେଖା ଥିଲା-ଯଦି ସୁନ୍ଦର କିଛି ଦେଖିବ, ସେଥିରୁ ଦେଖି ମଧ୍ୟ ଆଣିବ। ସତ୍ୟବାନ ବାବୁ ମନେ ମନେ ଭାବିଲେ- ଏଇଟା ବ୍ରତ ନା ପୂଜା, ନା ମୋ ପକେଟ୍ ପାଇଁ ଯମଦଣ୍ଡ ! ଘଣ୍ଟାଏ ଦୁଇ ଘଣ୍ଟା ପରେ ବଜାରରୁ ଫେରିଲେ ସତ୍ୟବାନ ବାବୁ। ଦୁଇ ହାତରେ ପାଞ୍ଚଟି ବ୍ୟାଗ୍। ମୁହଁରୁ ଗମ୍ ଗମ୍ ହୋଇ ଝାଳ ବୋହି ପଡୁଛି। ପକେଟ୍ ଖାଲି। ମନିପର୍ସ ଖୋଲି ଦେଖିଲେ ମାତ୍ର କୋଡ଼ିଏ ଟଙ୍କା ଅଛି। ଘରକୁ ପଶିବା କ୍ଷଣି ସାବିତ୍ରୀ ଦେବୀ ଦୌଡ଼ି ଆସିଲେ। ସବୁ ଆଣିଲ କି... ?

ସତ୍ୟବାନଙ୍କ ଉତ୍ତର ଥିଲା, ହଁ ମାଆ..., ତୁମ ଆଦେଶରେ ଦୁନିଆ ଲୁଟି ଆଣିଛି !- ସତ୍ୟବାନ ବାବୁ କ୍ଳାନ୍ତ ସ୍ୱରରେ କହିଲେ। ସାବିତ୍ରୀ ଦେବୀ ଝଟ ପଟ ହୋଇ ବ୍ୟାଗଟିକୁ ଟାଣି ନେଇ ଗୋଟିଏ ଗୋଟିଏ କରି ବ୍ୟାଗ୍ ଖୋଲି ଦେଖୁଥିଲେ। ଆଚ୍ଛା ! ଖଇ ଆଣିଛ... କଦଳୀ ମଧ୍ୟ ଅଛି... ଶାଢ଼ି ବି ସୁନ୍ଦର... ହେଲେ ଧଳା ଫୁଲ କେଉଁଠି ? ସତ୍ୟବାନ ବାବୁଙ୍କ ମୁହଁ ଶୁଖିଗଲା। ଆରେ ବାପ୍‌ରେ ! ସେଇଟା ବୋଧେ ଛାଡ଼ି ଦେଇଛି। କଣ ? ଧଳା ଫୁଲ ବାଦ୍ ପଡ଼ିଗଲା ? ଏବେ ପୂଜା କିପରି ହେବ ?- ସାବିତ୍ରୀ ଚିନ୍ତାରେ କହିଲେ। ବିଚରା ସତ୍ୟବାନ ପୁଣି ସାଇକେଲ୍ ଖଣ୍ଡିକ ଧରି ବଜାରକୁ ଦୌଡ଼ିଲେ। ଖରା, ଗମ୍ ଗମ୍ ଝାଳ ନିଗାଡି ପଡୁଛି ଦେହରୁ। ବଜାର ଭିଡ଼, ତଥାପି ସବୁ ସହି ଶେଷରେ ଧଳା ଫୁଲ ଧରି ଆଣିଲେ। ରାତିରେ ଭୋଜନ ପରେ ସତ୍ୟବାନ ବାବୁ ଶାନ୍ତ ହୋଇ ପଚାରିଲେ- ଆଚ୍ଛା ଶୁଣ, ଏହି ସାବିତ୍ରୀ ବ୍ରତ କାହିଁକି କରାଯାଏ କହିଲ ସାବି ? ସାବିତ୍ରୀ ଦେବୀ କିଛି ସମୟ ଚୁପ୍ ରହିଲେ।

ତାପରେ କହିଲେ, ସେଇଟା... ମାନେ... । ସ୍ୱାମୀଙ୍କ ମଙ୍ଗଳ ପାଇଁ କରନ୍ତି । ମୁଁ ପା ତୁମ ପାଇଁ ଉପବାସ, ବ୍ରତ କରିଛି, ପଚାରୁଛ କଣ ମ..! ସତ୍ୟବାନ କହିଲେ ହଁ, ତାହା ମୁଁ ଜାଣିଛି। ହେଲେ ଏହାର ପ୍ରକୃତ ଅର୍ଥ କଣ ? ସାବିତ୍ରୀ ଦେବୀ ଅସ୍ତବ୍ୟସ୍ତ ହୋଇଗଲେ। କହିଲେ, ମଲା ସେ... ମା' ଯେମିତି କରୁଥିଲେ, ଆମେ ମଧ ସେମିତି କରୁଛୁ। ଏତେ ଖୋଜଖବର କିଏ ରଖେ ! ସତ୍ୟବାନ ବାବୁ ହସିଦେଲେ। ତାହେଲେ ଏତେ ସବୁ କିଣାକିଣି, ଏତେ ଦୌଡା ଦୌଡ଼ି, ଏତେ ଖର୍ଚ୍ଚ... କିନ୍ତୁ କାହିଁକି କରୁଛୁ ତାହା ଜଣାନାହିଁ ? ସାବିତ୍ରୀ ଦେବୀ ମୁଣ୍ଡ ନୁଆଁଇ ହସି କହିଲେ- ସତ କହିବି, ଆଜିକାଲି ବ୍ରତ ଠାରୁ ବେଶି ତାର ପ୍ରସ୍ତୁତିରେ ଲୋକେ ବ୍ୟସ୍ତ। ସତ୍ୟବାନ ବାବୁ ଗମ୍ଭୀର ହୋଇ କହିଲେ; ପୁରାଣର ସାବିତ୍ରୀ ନିଜ ସ୍ୱାମୀଙ୍କ ଜୀବନ ବଞ୍ଚାଇବାକୁ ଯମରାଜଙ୍କ ସହ ଲଢ଼ିଥିଲେ। ଆଉ ଆଜିର ସତ୍ୟବାନମାନେ ବଜାର ଦର ସହ ଲଢୁଛନ୍ତି ! ଦୁହେଁ ହସି ପକାଇଲେ। ତାପରେ ସତ୍ୟବାନ ବାବୁ ଧୀରେ କହିଲେ- ଜାଣ, ପ୍ରକୃତ ସାବିତ୍ରୀ ବ୍ରତ ଉପବାସରେ ନୁହେଁ। ସଂସାରରେ ପରସ୍ପରକୁ ବୁଝିବା, ସମ୍ମାନ ଦେବା ଓ ସାଥି ହୋଇ ରହିବାରେ ତାର ଅର୍ଥ ଲୁଚି ରହିଛି। ସାବିତ୍ରୀ ଦେବୀ ଏଥର ନୀରବ ହୋଇଗଲେ। ତାଙ୍କୁ ଲାଗିଲା, ସତରେ ଆଜିର ଦିନରେ ପୂଜାର ସାମଗ୍ରୀ ବଢ଼ିଛି, କିନ୍ତୁ ପୂଜାର ମୂଳ ଭାବନା କେଉଁଠି ନା କେଉଁଠି ହରାଇ ଯାଉଛି। ସେ ଧୀରେ କହିଲେ, ହଁ, ସତ୍ୟବାନ... ଆଜି ତୁମେ ମୋତେ ପ୍ରକୃତ ସାବିତ୍ରୀ ବ୍ରତର ଅର୍ଥ ବୁଝାଇଦେଲ।

*ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ*
*ମୋ-୯୪୩୭୭୩୧୯୦୩*

# ମୁଖା

*ବେବୀଲତା ଶତପଥୀ*



ମତେ କାହିଁ ଭାରି ଖାପ ଛଡା ଲାଗେ
ତୁମର ସେ ମୁଖା ପିନ୍ଧା ମୁହଁକୁ ଦେଖିଲେ
ସମୟ ଯେତେ ଅଟ୍ଟହାସ୍ୟ କଲେ ବି
ତମେ କିନ୍ତୁ ତମ ପରି ଦିଶ
ଯେଉଁ ବି ମୁଖା ପିନ୍ଧିଲେ ।

ମୁଖା କଣ ଫିଙ୍ଗି ଦିଏ
ପ୍ରେମ ଓ ଫଳ୍ଗୁର କଳାକୁ
ଅଭିମାନର ଲମ୍ବା ସିଡିରେ
ଆଭିଜାତ୍ୟର ପଗଡିକୁ ବାନ୍ଧିଦେଇ
ଆକସ୍ମିକ ଅଗ୍ନି ବର୍ଷା କରେ।

ମୁଖା ଭିତର ସେ ଦୁଇ ଚଗଲା ଆଖି
ମତେ ନିରେଖେଇ ଚାହିଁଥିଲା
ଯଦିଓ ପ୍ରଂଶସା କଲା ଭଳି ସୌନ୍ଦର୍ଯ୍ୟ ମୋର ନଥିଲା
ତଥାପି ରଙ୍ଗୀନ କାଗଜଫୁଲ ପରି
ଭାବନା ମୋ ପରିପୂର୍ଣ୍ଣ ଥିଲା।

ମୁଖାପିନ୍ଧା ମୁହଁ ତ ଦୁଶ୍ଚିନ୍ତା ଓ
ଯନ୍ତ୍ରଣାର ପେଡି,
ହଠାତ ଅଟକି ହୁଏନି ସତେ ରେଲଗାଡି
କିନ୍ତୁ ନିରୁଦ୍ଦିଷ୍ଟ ନୁହେଁ ନିର୍ଦ୍ଦିଷ୍ଟ ଥାଏ
ମୋ ଆଖିର ପ୍ରତ୍ୟେକଟି ପଲକ ପରି।

ମୁଖାର ଭାଷା, ଉତ୍ତେଜନାର ସହରରେ
ସମୟର ଯାତ୍ରା ଥିଲା ଝାପ୍ସା
ନିଶବ୍ଦ କୋହରେ ସଂଗୀତର ମୂର୍ଚ୍ଛନାରେ
ନୀରବ ସାଧକ ଥିଲା ଦୂର ଦୀପ ପୁଞ୍ଜ
ଯୋଉଥିରେ ଖାଲି ଥିବ ପ୍ରତିକ୍ଷାର ମହାମନ୍ତ୍ର।

*ପଦ୍ମାଲୋକ, କଳିଙ୍ଗ ବିହାର, କେ -୪, ଭୁବନେଶ୍ୱର*
*ମୋ-୬୩୭୨୯୯୯୫୯୦*

# ମୁଁ ହିଁ ମୁଁ ଠାରୁ ପରିବ୍ୟାପ୍ତ

*ବନଶ୍ରୀ ଦାଶ*

ଆଶ୍ଚର୍ଯ୍ୟ ହେବାର କଣ ଅଛି ସନାତନ
ପଚାରିଥିଲ ପରା କିଏ ତୁମେ
ଶୂନ୍ୟ ଶୂନ୍ୟ ମହାଶୂନ୍ୟ
ଶୂନ୍ୟ ମଧ୍ୟରେ ଆଉ କଣ
ତୁମ ଭିତରେ ମୁଁ ମୋ ଭିତରେ ମୁଁ
ସର୍ବଜନେ ଗଛପତ୍ରେ ମୁଁ ହିଁ ମୁଁ
ମୁଁ ହିଁ ଶୂନ୍ୟ
ମୁଁ ହିଁ ପରିବ୍ୟାପ୍ତ ମୋ ଠାରୁ ମୁଁ
ତୁମ ପର୍ଯ୍ୟନ୍ତ ସୀମାହୀନ ଦିଗନ୍ତ
ମାଟିରୁ ଆକାଶ ତହିଁରୁ ବିଶ୍ୱ ପରିବ୍ୟାପ୍ତ
ପୁଣି ଦେଖ ଯାଇଛି ମୁଁ ପାତାଳରୁ ଗର୍ତ୍ତ ଗହ୍ୱର ଭେଦି
ସ୍ୱର୍ଗ ନର୍କ ଦେଇ ଘୁରୁଛି ପବନ ସାଥିରେ
ବୁଝୁଛ ନା ସନାତନ
ନା ଏମିତି ହିଁ ମୁଣ୍ଡ ଟୁଙ୍ଗାରୁଛ
ମୁଁ ହଲିଲେ ଏ ପତ୍ର ହଲିବ
ମାଟି ଦୁଲୁକିବ
ଆକାଶ କମ୍ପିବ

ଏ ମୋର ଗର୍ବ ପଣ ଭାବୁଛ କି
ଏତେ ସବୁ ମୁଁ ଭିତରେ ପୁଣି ରହିଗଲା
ତୁମମାନଙ୍କ ମୁଁ ତ୍ୱ ପଣ
ସେ ଭିତରେ ଖୁନ୍ଦାଖୁନ୍ଦି ହୋଇ ରହିଛି ଅହଂ
ଛାଡ଼ ତୁମେ ତୁମର ମୁଁ ପଣ
ମୁଁ ଅଛି ପରା ତୁମ ଭିତରେ ମୁଁ
ମୁଁ ହିଁ ପରିବ୍ୟାପ୍ତ ମୁଁ ଠାରୁ.....
ବୁଝିଗଲ କିଛି ନା ମୁଁ ଭିତରେ ଘୁରୁଛ
ଜୀବନ ଜୀବିକା ଆସନ ପ୍ରହସନ ଭିତରେ
ବୁଝିପାରିଲ ଯଦି ସନାତନ ଘୁରିବା ବନ୍ଦ କରି ସ୍ଥିର ହୁଅ
ସ୍ଥିର କର ଚିତ୍ତ
ସ୍ଥିର କର ଇଚ୍ଛା ଗୁଡିକୁ
ବାନ୍ଧିଦିଅ ଜୋରକରି ମନକୁ
ବାସ ଏତିକି ଥାଉ
ମୁଁ ଅଛି ପରା
ମୁଁ ହିଁ ପରିବ୍ୟାପ୍ତ ମୁଁ ଠାରୁ.....

*ଆଚାର୍ଯ୍ୟା, ବେତାର ଉଦଘୋଷିକା, ଭବାନୀପାଟଣା, କଳାହାଣ୍ଡି*
*ମୋ-୭୯୭୮୯୪୯୫୮୫*



# ମୁଠାଏ ମୂର୍ଚ୍ଛନା

*ଦେବାଶିଷ ଚକ୍ରବର୍ତ୍ତୀ*

ପ୍ରତାରଣା
କାହାରିକୁ ପ୍ରତାରିତ କରି ଯଦି
ରହିଅଛୁ ଆମେ ମନ ଖୁସିରେ
ପ୍ରତାରିତ ମଣି ଆତ୍ମା ପକ୍ଷୀ ଆମ
ରହିବ ନାହିଁ କି ଅତି ଦୁଃଖରେ ?

ଚିତ୍ରକର
ଚିତ୍ରକର ଛବି ଆଙ୍କିବା ପାଇଁକି
ଲୋଡ଼ିଥାଏ ସିନା ରଙ୍ଗ ଓ ତୂଳୀ
ରଙ୍ଗ ତୂଳୀ ବିନା ଯେଉଁ ଛବି ଆଙ୍କେ
ପ୍ରକୃତି ତାକୁ କେ ପାରିବ କଳି ?

ନିସଂଗ
ନିସଂଗ ଜୀବନ ବିତାଇବା ପାଇଁ
ଲାଗଗିଥାଏ ସିନା କଷ୍ଟ ଭାରି
ତାଠାରୁ କଷ୍ଟ କର ନୁହଁଇ କି
ବିବେକ ଗଲେ ତା ପଥକୁ ହୁଡି ?

ଭ୍ରମଣ
ଆମେ ସବୁ ସୁଖ ସାଉଣ୍ଟୁଛୁ ସିନା
ଦେଶ ବିଦେଶରେ ଭ୍ରମଣ କରି
ବିଚାର କରିଲେ ଶରୀରେ ଆମର
ଆତ୍ମା ବି ନୁହେଁକି ଭ୍ରମଣକାରୀ ?

ଘୋଡ଼ା
ଇନ୍ଦ୍ରିୟ ଯେତେକ ଘୋଡ଼ା ସାଜି ସିନା
ଶରୀର ରଥକୁ ନିଅନ୍ତି ଟାଣି
ଘୋଡା ବେପାରର ଘୋଡା ମାନେ କିନ୍ତୁ
ଲାଜ ସରମକୁ ଖାଆନ୍ତି ଝୁଣି।

*ମଣ୍ଡୁଆ, କେନ୍ଦୁଝରଗଡ*
*ମୋ-୯୪୩୭୭୫୧୩୯୫*

# ସ୍ୱାର୍ଥର ସୂତା

ମୂଳ ହିନ୍ଦୀ- ମନିସ ଭାଟିଆ
ପ୍ରଭାତ କୁମାର ମହାପାତ୍ର



ସ୍ୱାର୍ଥର ସୂତାରେ ବନ୍ଧା
ପ୍ରତ୍ୟେକଟି ମଣିଷ,
ସ୍ୱାର୍ଥରେ ଗଢ଼ା ପ୍ରତିଟି ସମ୍ପର୍କ
ଆଜି ତାର ଅସଲ ପରିଚୟ।
ଯେପର୍ଯ୍ୟନ୍ତ ସ୍ୱାର୍ଥ ଅଛି,
ସେପର୍ଯ୍ୟନ୍ତ ସେ ହସୁଥାଏ,
ଆବଶ୍ୟକତା ପୂରଣ ହେବା ମାତ୍ରେ
ପ୍ରତିଟି ଚେହେରା ବଦଳିଯାଏ।
ମା'ଙ୍କ କୋଳରେ ଯେଉଁ ହସ
ନିଶ୍ଚିନ୍ତରେ ଖେଳୁଥିଲା,
ସମୟ ସହିତ ସେହି ମମତା
ବୋଝ ପରି ମନେହୁଏ।
ଯେଉଁ ହାତ ଧରି ଦିନେ
ଆମକୁ ଚାଲିବା ଶିଖାଇଥିଲେ,
ଆଜି ସେହି ଥରୁଥିବା ହାତ
ଏକାକୀ ରହି ଗଲେ।
କେଉଁଠି ରହିଗଲା କି ଅଭାବ ପାଳନରେ
କିମ୍ବା ଏ ସମୟର ପବନ ଏମିତି,
କାହିଁକି ହୃଦୟ ପଥର ହୋଇଗଲା
ନିଜ ଲୋକଙ୍କ ଛାଇରେ ?
ବୁଢ଼ା ବାପା-ମା' ତଥାପି
ଆଶୀର୍ବାଦ ହିଁ ଦେଉଥାନ୍ତି,
ନୀରବ ଓଠରେ ମଧ
ପିଲାଙ୍କ ଦୁଃଖ ସହିଥାନ୍ତି।
ଏହା କିପରି ଦୌଡ଼,
ଯେଉଁଠି ମାନବିକତା ହାରିଗଲା,
ଆବଶ୍ୟକତା ଜିତିଗଲା
ଏବଂ ଅଟକିଗଲା ସମ୍ପର୍କର ନିଶ୍ୱାସ।

*ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ*
*ମୋ-୭୮୯୪୦୦୫୪୫୫*

# ସାବିତ୍ରୀ

*ସୁଜିତ କୁମାର ମିଶ୍ର*



ତୁମେ ସଂକଳ୍ପର କାବ୍ୟ ସଂକଳନ ତମସାକୁ ଭେଦି ପାରି,
ତୁମ ଭାବ ବର୍ଷା ତୃଷ୍ଣା ତଟିନୀର ଅନୁପମ ସୁଖଶିରୀ।
ମରଣ ବିଜୟୀ ନାୟିକା ଗୋ ତୁମେ ମାନ ମାଧୁରିମା ଭରା,
ଲୋତକ ବିଭବ ଅନ୍ତର ତୁମର ଲକ୍ଷେ ଫଗୁଣର ଧାରା ।

ସମାସ୍କନ୍ଧା ତୁମେ ଶ୍ରାବଣୀ ସୁନ୍ଦରୀ ଶ୍ରଦ୍ଧାର ସରଗପୁର,
ଚେତନା ଉଡାଣ ଛୁଆଁରେ ତୁମେ ତ ଚୈତାଳିର ଚିତ୍ର ଝର ।
ଏକାନ୍ତ ଏକାକୀ ବୀରାଙ୍ଗନା ତୁମେ ଅନ୍ତରଙ୍ଗ ଗଡ ଡୋଳି,
ଅନ୍ଧକାର ମଧ୍ୟେ ଆଶାର ଦୀପକୁ ତୁମେ ପାରିଥିଲ ଜାଳି ।

ବିରହିଣୀ ତୁମେ ପ୍ରେମର ବିହୁନେ ବାରମ୍ବାର ତପୋରତା,
ସତ୍ୟର କୁଟୀର ଭିତରେ ସାଜିଲ ଶୋଭାନଈ ସ୍ନେହବ୍ରତା ।
ବିଶ୍ୱ ଅନ୍ତରରେ ତୁମେ ଅନୁପମ ବୈଭବର ବରଦାନ,
ସଳିତା ଶିଖାର ପ୍ରୀତି ଜ୍ୟୋତି ତୁମ ସଂସାରରେ ବିକିରଣ।

ତୁମେ ସେଇ ପ୍ରେମ ପାତ୍ରର ପୀୟୂଷ ଅନୁରାଗ ତୋରଣରେ,
ନିରନ୍ତର ତୁମ ପ୍ରାଣ ବିଗଳିତ ନିର୍ଝରିଣୀ ଗୀତ ସୁରେ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

# ରାସ୍ତା...

*ନଗେନ୍ଦ୍ର ନାଥ ପଟ୍ଟନାୟକ*

ଶୂନ୍‌ଶାନ୍ ରାସ୍ତା
ରାସ୍ତା ଖାଁ ଖାଁ
ଏକଦମ୍ ନିସ୍ତବ୍ଧ
ରାସ୍ତାର ନା ଅଛି ଥଳ
ନା କିନାରା
ଇଏ ଗୋଟିଏ ହାଓ୍ୱା
ଯାହା ଦୃଷ୍ଟି ପହଁରେଇ ଗତିକରେ
ପୁଣି ଦୃଷ୍ଟି ଅସ୍ତମିତ ହେବା ସାଙ୍ଗେ
ଅସ୍ତାଚଳଗାମୀ ହୋଇଯାଏ
ଅନନ୍ତ ଅସୀମ ଆକାଶରେ

ନିଜର କଳେବର ଉପରେ
ଗୁରୁଣ୍ଡୁଥାଏ ଧୀରେ ଧୀରେ
ପବନର ଗୋଡଗୁଡିକରେ
ଭରିରହିଛି ଶୂନ୍ୟତା
ପୁଣି ଶୂନ୍ୟତାରେ ଅଛି
ପବନର ପାଦ
ପାଦମାନଙ୍କ ଉପରେ ପଦଚିହ୍ନ
ରିକ୍ତ ହସ୍ତରେ ବ୍ରହ୍ମାଣ୍ଡର କେମିତି
ଏଇ ଆକାଶଗଙ୍ଗା ଅଛି
ଯାହା ମନ ଭିତରେ ଗତି କରୁଛି

ସଂସ୍କାର ଗୁଡ଼ିକର ମାର୍ଗ ସେମିତି ଅଛି
କିନ୍ତୁ ଏବେ ଏଇ ମାର୍ଗରେ
କୌଣସି ସଂସ୍କାର ନାହିଁ
ମାର୍ଗ ଏକ୍‌ଦମ୍ ଶୂନ୍‌ଶାନ୍।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର, ଓଙ୍କାର ସିଟି, ଲେନ୍ ନଂ-୯, ପ୍ଲଟ୍ ନଂ-୪୫୬ ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର*
*ମୋ- ୯୪୩୮୩୩୨୧୩୮*

# ବୋଉ

*ଶ୍ୟାମା ପ୍ରସାଦ ମିଶ୍ର*



ବିଜନ ପ୍ରାନ୍ତରେ ଯାଉଥିଲି ଚାଲି ଏକା ଏକା ଆନ ମନେ,
ବନିଶିର କଣ୍ଟା ଭଳି ଏକ ଖୁଣ୍ଟ ଗଳିଗଲା ପାଦ ବାମେ।୧
ବୋଉ ଲୋ ! ବାହାରି ଗଲା ମୋ ପାଟିରୁ ବସିଲି ଭୂମି ଉପରେ,
ବିରକ୍ତେ ଖୁଣ୍ଟକୁ କାଢ଼ିଲି ପାଦରୁ ଝର ଝର ରକ୍ତ ଝରେ ।୨

ବିଲ ମାଳୁ ବୁଲି ଆସୁଥିଲି ସଞ୍ଜ ହୋଇ ଆସୁଥିଲା ବେଳ,
ବଣୁଆ ରାସ୍ତାରେ ଚାଲିବା ଅଭ୍ୟାସ ନାହିଁ ଆଉ ସେହି କାଳ।୩
ବାଡି ଧରି ପଥେ ଛୋଟେଇ ଛୋଟେଇ ଚାଲୁଥିଲି ଧୀରେ ଧୀରେ,
ବୋଉ କଥା ମୋର ମନେ ପଡୁଥିଲା କଷ୍ଟ କମୁଥିଲା ଖରେ।୪

ବୋଉ ଛୁଇଁ ଦେଲେ ତା ହାତେ, କଷଣ କମି ଯାଉଥିଲା ମୋର,
ବସି ରାତି ସାରା ପାଣିରେ ପୋଛୁଥେ
ଯେବେ ହୁଏ ମତେ ଜର।୫



ବାଲି ଧୂଳି ମୋର ଦେହରେ ଲାଗିଲେ ତା ହାତେ ଦିଏ ସେ ଝାଡ଼ି,
ବାଡ଼ିର ଅନ୍ଧାରେ ଯେବେ ଡରୁଥିଲି ଦିଏ ତା କାନିରେ ଘୋଡ଼ି।୬

ବାପା ଆଣିଦେଲେ ପଟା ଖଡ଼ି ସିନା ବୋଉ ଶିଖାଇଲା ପାଠ,
ବାଡି ଖାଇ ଯାହା ନ ଆସିଲା ମୋତେ ଶିଖାଇଥିଲା ସେ ସତ।୭
ବୋଉ ପାଖେ ଗଲି ମାଡ ଦେଖେଇଲି ଆଉଁସି ଦେଲା ସ୍ନେହରେ,
ବାନ୍ଧିଦେଲା କାନି ଚିରି କ୍ଷତ ସ୍ଥାନେ ଜାଣିପାରିଲିନି ଧୀରେ।୮
ବୋଉର ସେନେହ ସାଗରୁ ଗଭୀର କିଏ ପାରିବ ତା କଳି,
ବିଶ୍ୱସାଇଁ ଆଶୀର୍ବାଦ ଦିଅ ତାକୁ ସଦା ଥିବ ସେ ଏଭଳି ।୯

*କ୍ରମାଗତ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ଭଞ୍ଜନଗର, ଗଞ୍ଜାମ*
*ମୋ-୯୦୯୦୫୦୭୯୫୫*



# ପ୍ରଣୟ ଉଚ୍ଛ୍ୱାସ

*ସାରଥି ପଣ୍ଡା*

ପ୍ରଣୟ ଉଚ୍ଛ୍ୱାସ ଥମିଯିବ ଦିନେ
ଲିଭିଯିବ
ଅମାନିଆ ମଧୁପୂର୍ଣ୍ଣ ତାତି
ରୋମାଞ୍ଚ ଭରିବ ନାହିଁ-
ବିଭୋର କରିବ ନାହିଁ
ସୁଗନ୍ଧିତ ସ୍ୱପ୍ନପୁରୀ-
ଚନ୍ଦ୍ରାଲୋକ-ବର୍ଷାଭିଜା ରାତି
ସରିଗଲେ ଋତୁର ସମୟ
ଆସେ ପୁଣି ବରଷକ ପରେ
ସେ ଋତୁର ସରିଲେ ଆୟୁଷ
ଆବଶ୍ୟକ ଆଉ ଏକ ଜନ୍ମ
ବିରସତା ଅତୀତକୁ ଝୁରେ
ସେ ରାତି ପାହିବା ପୂର୍ବରୁ
ଥିବାଯାଏ ପ୍ରାପ୍ତ ସବୁଜ ସ୍ଫୁରଣ-
ନଦୀର ପ୍ରବାହ-ଅସ୍ତିତ୍ୱ
ଆସ ସଖୀ
ନିଷ୍କପଟ-
ନିର୍ବିରୋଧ ମନକୁ ନିଜର କରି-
ହୃଦୟସ୍ଥ ସମର୍ପଣ ଭାବକୁ ଆଦରି
ସାଥୀ ହୋଇ ଗଢିବା ନବର
ସପନ ନଗରେ-
ଗପିବା ମଧୁର ଗପ-
ଗାଇବା ମଧୁ ସଙ୍ଗୀତ-
ବାରମ୍ବାର ପାରିଦେବା ମଧୁଶେଯ
ଫୁଲ ବଗିଚାରେ-
ଜହ୍ନ ଆଲୁଆରେ-ଭିଜିବା ବର୍ଷାରେ ॥

*ଓମ୍‌ନଗର, ଆନନ୍ଦବଜାର, ଭଦ୍ରକ*
*ଫୋନ୍-୭୦୦୮୮୨୩୬୦୬*

# ଅୟି କୃଷ୍ଣଚୂଡ଼ା !

*ରତ୍ନକାନ୍ତି ମିଶ୍ର*

କୃଷ୍ଣଚୂଡ଼ା ତୋର ପ୍ରତି ପାଖୁଡ଼ାରେ ଅଙ୍କିତ ପ୍ରେମର ବାର୍ତ୍ତା
କେଉଁ ଚିତ୍ରକର ତୁଳୀ ସହଚର୍ଯ୍ୟେ ଲାଲିମାରେ ଅଭିଷିକ୍ତା,
ନବବଧୂ ପରି ସଜେଇ ହୋଇଛୁ କପାଳରେ ନାଲିଟୋପା
ବୈଶାଖ ଧାସରେ ସ୍ୱୀୟ ଗାରିମାରେ ନିଖିରିତ ଅପରୂପା ।।

ନିଦାଘ ଝାଞ୍ଜିରେ ସିଝି ତପସ୍ୱିନୀ ବଳବତ୍ତର ତୋ ନିଷ୍ଠା
ବାଣ୍ଟିବାକୁ ଶାନ୍ତି ସତେ ହୋଇ ବ୍ରତୀ ଦର୍ଶାଉ ପରାକାଷ୍ଠା,
ଜଗତ ମଙ୍ଗଳ କାମନାରେ ସିଦ୍ଧି ପ୍ରାପ୍ତି ତୋର ଉପଲକ୍ଷ
ଉଦଗ୍ର ସାଧନା କରୁ ନିର୍ବିକାରେ ହେଉପଛେ ରୌଦ୍ର ରୁକ୍ଷ ।।

ପ୍ରଭାତେ ପ୍ରତୀତ ଚିଦାନନ୍ଦ ଋଷି ପ୍ରଶାନ୍ତ ସୌମ୍ୟ ରୂପ
ମଧ୍ୟାହ୍ନରେ ବାଢୁ ଶ୍ରାନ୍ତ ପଥିକରେ ସ୍ନିଗ୍ଧ ଛାଇର ପ୍ରଲେପ,
ଅପରାହ୍ନେ ଖେଳୁ ପବନ ଦୋଳିରେ ଓଠରେ ଫୁଟାଇ ହସ
ସୂର୍ଯ୍ୟାସ୍ତେ ପୁଣି ତୋ ରୂପ ମାଧୁର୍ଯ୍ୟେ ସୂର୍ଯ୍ୟୋଦୟର ଦୃଶ୍ୟ।।

ପାଖୁଡ଼ାରେ ତୋର ମନୋଜ୍ଞ ମୟୁଖ ପ୍ରୀତିରଙ୍ଗ ମହୋତ୍ସବ
ତୋ ଅଙ୍ଗ ସୌଷ୍ଠବ ସୌନ୍ଦର୍ଯ୍ୟ ପ୍ରତୀକ ଦିଏ ସ୍ୱସ୍ତି ଅନୁଭବ।।

*ଆଳି, କେନ୍ଦ୍ରାପଡା*

# ଆସ ସଅଳ

*ଦୀପକ କୁମାର ନାୟକ*

ନିତି କଲବଲ କରୁଛି ଏ ଖରା
ସହି ହେଉ ନାହିଁ ଆଉ
ତାସହ ଗରମ ଅନୁଭୂତ ହୁଏ
ବିଜୁଳି ସାଜଇ ଦାଉ ।।
କେତେ ଛଟପଟ ହେଉଛନ୍ତି ସବୁ
ଦେଖିକି ପାରୁନ ତୁମେ
ଛଟପଟ ଦେଖି କେମିତି ସହୁଛ
ଦୟାକି ଆସୁନି ମନେ ।।
ହେ ବରଷା ରାଣୀ ଆସ ହେ ସଅଳ
ଜମାଗୋ ନକରି ଡେରି
ଗୁଳିଗୁଳି ଆଉ ଅସହ୍ୟ ଯନ୍ତ୍ରଣାରୁ
ଦିଅ ଶୀଘ୍ର ମୁକ୍ତ କରି ।।
ଏ ଧରା ମାଟିକୁ ଆସିଗଲେ ତୁମେ
ଖେଳିବ ଖୁସିର ଲହରୀ
ଗଛ ଲତା, ପଶୁପକ୍ଷୀ, ମଣିଷ ବି
ଆନନ୍ଦେ ବୋଲିବେ ହରି ହରି ।।

*ଯୁବ ସାମ୍ବାଦିକ, ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ*
*ମୋ-୮୬୩୭୨୬୧୮୨୮*





# ସେ ଦିନ ମଜୁରିଆ

*ରିଷୀରାମ ମେହେର*

ସେଇ ମଣିଷ,
ଯିଏ ଆଲିସାନ ସହରରେ ପ୍ରତିଦିନ ରକ୍ତକୁ ପାଣି କରେ,
ତା ଆଙ୍ଗୁଠିର କଳା ଚିହ୍ନରେ
ଧନୀମାନଙ୍କ ସୌଖୀନ କାନ୍ଥର ଚମକ ବଢ଼େ।

ତୁମେ ଯାହାକୁ 'ପ୍ରଗତି' ବୋଲି କୁହ,
ସେଥିରେ ତା କାନ୍ଧର ହାଡ଼ ଘଷି ହେବାର ଶବ୍ଦ ଅଛି,
ତୁମ ଶୀତତାପ ନିୟନ୍ତ୍ରିତ କୋଠରିର ସୁନ୍ଦର ରଙ୍ଗ ପଛରେ
ତା ଝାଳର ଲୁଣିଆ ଗନ୍ଧ ଲୁଚି ରହିଛି।

ସୂର୍ଯ୍ୟ ତା ପାଇଁ ଦେବତା ନୁହେଁ,
ସେ ଏକ ନିଆଁର ପେଣ୍ଡୁ,
ଯିଏ ତା ପିଠିକୁ ପୋଡ଼ି ପାଉଁଶ କରେ
ଆଉ ସେ ତାକୁ ଚାହିଁ ମାପିଥାଏ-
'ଆଉ କେତେ ଝୁଡ଼ି ସିମେଣ୍ଟ ବାକି ଅଛି ?'

ତା ପୁଅର ଚିରା ପ୍ୟାଣ୍ଟ ଆଉ ସ୍ତ୍ରୀର ଶୁଖିଲା ମୁହଁ,
ସହରର ଚକଚକିଆ ଆଲୁଅରେ ଦିଶେନି;
ସେ କେବଳ ଏକ 'ନମ୍ବର' କିମ୍ବା 'ହାଜିରା'ର ପୃଷ୍ଠା,
ଦିନ ସରିଲେ ଯିଏ ଚିରି ହୋଇଯାଏ।

ସେ ଦିନ ମଜୁରିଆ
ସେ ସହର ଗଢ଼େ, ହେଲେ ସହର ତାକୁ ଚିହ୍ନେନି
ସେ ଗରିବ ଖଟିଖିଆ
ଯାହାର ଇତିହାସର ପୃଷ୍ଠାରେ ନାହିଁ,
କିନ୍ତୁ, ଆଲିସାନ ସହରର ପ୍ରତିଟି ଇଟାରେ ତା ଦସ୍ତଖତ ଅଛି।

*ସାନପୋଡାଗୁଡ଼ା, କୋକସରା, କଳାହାଣ୍ଡି*

# ଇଶାନ କିଷନଙ୍କୁ କୋଟିଏ ଟଙ୍କାର ଚେକ୍ ଦେଲେ ମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀ




**ନୂଆଦିଲ୍ଲୀ**

ଟିମ୍ ଷ୍ଟାର ବ୍ୟାଟ୍ସମ୍ୟାନ ଇଶାନ କିଷନଙ୍କୁ ସମ୍ମାନୀତ କଲେ ବିହାରର ମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀ। ଗତ ଟି-୨୦ ବିଶ୍ୱକପରେ ଦମଦାର ପ୍ରଦର୍ଶନ କରିଥିବା କିଷନଙ୍କ ପାଟନାରେ ଏକ କୋଟି ଟଙ୍କାର ଚେକ୍ ମଧ୍ୟ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଭଳି ସମ୍ମାନୀତ କରିଥିବା ସହ ତାଙ୍କୁ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

ଶୁକ୍ରବାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ଭେଟିଥିଲେ ଇଶାନ କିଷନ। ଏହି ଅବସରରେ ପାଟନାରେ ତାଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ସମୟରେ ଇଶାନଙ୍କ ପରିବାର ସଦସ୍ୟ ତାଙ୍କ ମାଆ ସୁଚିତ୍ରା ଏବଂ ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଯାହାକୁ ନିଜର ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି ସମ୍ରାଟ୍। ସେ ଲେଖିଛନ୍ତି କି, ଆପଣ ଏଭଳି ଖେଳ ଜାରି ରଖନ୍ତୁ ଏବଂ ବିହାରର ପାଇଁ ଗୌରବ ଆଣନ୍ତୁ।

ଆଇସିସି ଟି୨୦ ବିଶ୍ୱକପ୍ ୨୦୨୬ର ଫାଇନାଲ୍ ମାର୍ଚ୍ଚ ୮ ତାରିଖରେ ହୋଇଥିଲା। ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଇଶାନ କିଶାନ, ସଞ୍ଜୁ ସାମସନ ଏବଂ ଅଭିଷେକ ଶର୍ମାଙ୍କ ସହ ମିଶି ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିଲେ। ଇଶାନ କିଶାନ ୫୪ ରନ କରିଥିଲେ। ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ମୋଟ ସ୍କୋର ୨୫୫ ଥିଲା। ଦଳ ବିଶ୍ୱକପ ଜିତିଥିଲା। ତେବେ ଏହି ବିଜୟ ପରେ ତତ୍କାଳିନ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଇଶାନଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ ରାଜ୍ୟକୁ ଫେରିଥିବାବେଳେ ଭବ୍ୟ ସ୍ୱାଗତ ମଧ୍ୟ କରାଯାଇଥିଲା।

# ଚେନ୍ନାଇକୁ ୭ ୱିକେଟ୍‌ରେ ହରାଇଲା ଲକ୍ଷ୍ନୌ



**ଲକ୍ଷ୍ନୌ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୫୯ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ୭ ୱିକେଟ୍‌ରେ ହରାଇ ଦେଇଛି ଲକ୍ଷ୍ନୌ ସୁପର ଜାଏଣ୍ଟସ। ଲକ୍ଷ୍ନୌ ୧୬.୪ ଓଭରରେ ୩ଟି ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଛି।

୧୮୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଲକ୍ଷ୍ନୌ ବ୍ୟାଟିଂ କରିଥିଲା। ଦଳର ପ୍ରାରମ୍ଭିକ ବ୍ୟାଟିଂ ଉଚ୍ଚକୋଟୀର ଥିଲା। ପ୍ରାରମ୍ଭିକ ବ୍ୟାଟର ଶତାଧିକ ରନ୍‌ର ଭାଗିଦାରୀ କରିଥିଲେ। ମିଚେଲ ମାର୍ଶ ଓ ଜୋସ ଇଂଲିଶ ପ୍ରଥମ ୱିକେଟ୍ ପାଇଁ ୧୩୫ ରନ୍ ସଂଗ୍ରହ କରିଥିଲେ। ତେବେ ଚେନ୍ନାଇର ପ୍ରଥମ ଶିକାର ହୋଇ ଥିଲେ ଜୋସ ଇଂଲିଶ। ସେ ୩୨ଟି ବଲ୍ ୩୬ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୩ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା। ଚେନ୍ନାଇର ଦ୍ୱିତୀୟ ଶିକାର ହୋଇଥିଲେ ମିଚେଲ ମାର୍ଶ, ଯିଏକି ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ଦଳ ପାଇଁ ସର୍ବାଧିକ ସ୍କୋର କରିଥିଲେ। ୩୮ଟି ବଲ୍ ଖେଳି ୯ଟି ଚୌକା ଏବଂ ୭ଟି ଛକା ମାରିଥିଲେ।

ଚେନ୍ନାଇ ସୁପର କିଙ୍ଗ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୮୭ ରନ୍ ସଂଗ୍ରହ କରିଥିଲା। ସ୍ଥାନୀୟ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମରେ ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଦଳର ଦ୍ରୁତ ବୋଲର ଆକାଶ ମହାରାଜ ସିଂହ ଶ୍ରେଷ୍ଠ ବୋଲିଂ କରିଛନ୍ତି। ସେ ୪ ଓଭର ବୋଲିଂ କରି ୨୬ ରନ୍ ଖର୍ଚ୍ଚ କରି ଚେନ୍ନାଇର ୩ଜଣ ବ୍ୟାଟରଙ୍କୁ ଆଉଟ୍ କରିଥିଲେ।

ଚେନ୍ନାଇର ପ୍ରାରମ୍ଭିକ ବ୍ୟାଟିଂ ଉତ୍ସାହଜନକ ନଥିଲା। ସଂଜୁ ସାମସନ ଏବଂ ଋତୁରାଜ ଗାଏକ୍ୱାର୍ଡ ଇନିଂସ ଆରମ୍ଭ କରିଥିଲେ। ଲକ୍ଷ୍ନୌର ପ୍ରଥମ ଶିକାର ହୋଇଥିଲେ ଅଧିନାୟକ ଋତୁରାଜ। ସେ ୯ଟି ବଲ୍ ଖେଳି ୨ଟି ଚୌକା ବଳରେ ୧୩ ରନ୍ ସଂଗ୍ରହ କରିଥିଲେ। ଲକ୍ଷ୍ନୌର ଦ୍ୱିତୀୟ ଶିକାର ହୋଇଥିଲେ ସଂଜୁ ସାମସନ, ଯିଏ କି ୨୦ଟି ବଲ୍ ଖେଳି ୨୦ ରନ୍ କରିଥିଲେ। ଚେନ୍ନାଇ ତୃତୀୟ ୱିକେଟ୍ ଭାବେ ଉର୍ବିଲ ପଟେଲ (୬ରନ୍)ଙ୍କୁ ହରାଇଥିଲା। ଏହି ତିନି ଜଣ ଖେଳାଳିଙ୍କୁ ଯୁବ ବୋଲର ଆକାଶ ମହାରାଜ ସିଂହ ଆଉଟ୍ କରିଥିଲେ।

କାର୍ତ୍ତିକ ଶର୍ମା ଏବଂ ଡେୱାଲ୍ଡ ବ୍ରେଭିସ ଚତୁର୍ଥ ୱିକେଟ୍ ପାଇଁ ୮୦ ରନ୍‌ର ଭାଗିଦାରୀ ହୋଇଥିଲେ। ଚେନ୍ନାଇର ସ୍କୋର ଯେତେବେଳେ ୧୨୨ ରନ୍ ଥିଲା, ସେହି ସମୟରେ ମହମ୍ମଦ ସାମିଙ୍କ ବଲ୍‌ରେ ବ୍ରେଭିସ୍ ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ସେ ୧୬ଟି ବଲ୍‌ର ସାମ୍ନା କରିଥିଲେ, ଯେଉଁଥିରୁ ୨ଟି ଛକା ସହାୟତାରେ ୨୫ ରନ୍ ଅମଳ ହୋଇଥିଲା। କାର୍ତ୍ତିକ ଶର୍ମା। ନିଜ ଦଳ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୨ଟି ବଲ୍ ଖେଳି ୬ଟି ଚୌକା ଏବଂ ୫ଟି ଛକା ବଳରେ ୭୧ ରନ୍ ସଂଗ୍ରହ କରିଥିଲେ। ଶିଭମ ଦୁବେ (୩୨) ଓ ପ୍ରଶାନ୍ତ ବୀର (୧୩) ଅପରାଜିତ ଫେରିଛନ୍ତି।

# ଆସନ୍ତା ୧୯ରେ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ-ଦିନିକିଆ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା



**ନୂଆଦିଲ୍ଲୀ**

ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍ ଜାରି ରହିଛି। ଏହାରି ଭିତରେ ଭାରତୀୟ କ୍ରିକେଟ୍ ଟିମ୍‌କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଆଗାମୀ ଆଫଗାନିସ୍ତାନ ବିପକ୍ଷ ଘରୋଇ ସିରିଜ ପାଇଁ ଚୟନ କମିଟି ଆସନ୍ତା ୧୯ ତାରିଖରେ ଭାରତୀୟ ଦଳ ଘୋଷଣା କରିବାର ସମ୍ଭାବନା ରହିଛି। ଭାରତ ଗସ୍ତରେ ଆଫଗାନିସ୍ତାନ ଗୋଟିଏ ଟେଷ୍ଟ ଓ ୩ଟି ଦିନିକିଆ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏଥିରେ କାହାକୁ ସୁଯୋଗ ମିଳିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଏହି ଟେଷ୍ଟ ମ୍ୟାଚ୍‌ଟି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଅନ୍ତର୍ଗତ ନଥିଲେ ହେଁ ଚୟନ କମିଟି ଏକ ଶକ୍ତିଶାଳୀ ଦଳ ଗଠନ କରିବାକୁ ଯୋଜନା କରୁଛି। ତଥାପି ପ୍ରମୁଖ ବୋଲରଙ୍କୁ ଏହି ଟେଷ୍ଟରୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦେବାକୁ ଯୋଜନା କରାଯାଉଥିବାରୁ ମହମ୍ମଦ ସାମିଙ୍କୁ ଡାକରା ମିଳିବାର ଆଶା ଉଦ୍ରେକ ହୋଇଛି। ଚେନ୍ନାଇ ପକ୍ଷରୁ ଆଇପିଏଲ୍ ଖେଳୁଥିବା ବାମ ହାତି ପେସ୍ ବୋଲର ଗୁରନୂର ବ୍ରାର ଓ ଦିଲ୍ଲୀ ଦଳର ସଦସ୍ୟ ଆକିବ ନବିଙ୍କୁ ଟେଷ୍ଟ ଦଳରେ ସ୍ଥାନ ମିଳିବା ଆଶା କରାଯାଉଛି। ଉଭୟ ଗତ ରଣଜୀ ଟ୍ରଫିରେ ଦମ୍‌ଦାର ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ପିନ ବୋଲିଂ ଅଲ୍‌ରାଉଣ୍ଡର ସ୍ଥାନ ପାଇଁ ପୁଣି ଥରେ ରବିନ୍ଦ୍ର ଜାଡ଼େଜା ଓ ଅକ୍ଷର ପଟେଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ। ବାକି ଦଳ ଅପରିବର୍ତ୍ତିତ ରହିବ। ଦିନିକିଆ ଦଳରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ। କେବଳ ଶ୍ରେୟାସ ଆୟର ଫେରିବା ଆଶା କରାଯାଉଛି। ଦ୍ୱିତୀୟ ୱିକେଟ୍ କିପର ସ୍ଥାନ ପାଇଁ ସଞ୍ଜୁ ସାମସନ, ରିଷଭ ପନ୍ତ ଓ ଇଶାନ କିଷନଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। କେଏଲ ରାହୁଲ ଦିନିକିଆ ଦଳରେ ମୁଖ୍ୟ ୱିକେଟ୍ କିପର ରହିବେ।

# ବିରାଟଙ୍କ ଶତକ ଆଇପିଏଲ ଇତିହାସରେ ସୃଷ୍ଟିକଲା ନୂଆ ରେକର୍ଡ

**ନୂଆଦିଲ୍ଲୀ**

ଚଳିତ ଆଇପିଏଲରେ ଗୋଟିଏ ପରେ ଗୋଟିଏ ରେକର୍ଡ ଦେଖିବାକୁ ମିଳୁଛି। ବିଶାଳ ସ୍କୋର ହେଉଥିବା ବେଳେ ଦଳମାନେ ଏହାକୁ ଚେଜ୍ ମଧ୍ୟ କରୁଛନ୍ତି। ବେଶ୍ ରୋମାଞ୍ଚକ ମୋଡ଼ରେ ପହଞ୍ଚିଛି ଆଇପିଏଲର ୧୯ତମ ସିଜିନ। ଟିମ୍ ଇଣ୍ଡିଆର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ବିରାଟ ଦୁଇଟି ମ୍ୟାଚରେ ଗୋଲଡେନ ଡକରେ ଆଉଟ୍ ହୋଇଥିଲେ। ମାତେ କୋଲକାତା ବିପକ୍ଷରେ ଶତକୀୟ ପାଳି ଖେଳି ଦଳକୁ ବିଜୟୀ କରାଇଥିଲେ। ତେବେ ଏହି ଶତକ ପରେ ଆଇପିଏଲରେ ବଡ଼ ରେକର୍ଡ ହୋଇଛି। ଯାହା ପୂର୍ବରୁ କେବେ ମଧ୍ୟ ହୋଇନାହିଁ। ବିରାଟଙ୍କ ଶତକ ବଳରେ ଚଳିତ ବର୍ଷ ସମସ୍ତ ଦଳର ଖେଳାଳି ଶତକ ମାରିବାରେ ସଫଳ ହୋଇଛନ୍ତି। ସମସ୍ତ ୧୦ ଫ୍ରାଞ୍ଚାଇଜର ଖେଳାଳିଙ୍କ ମଧ୍ୟରେ ଶତକ ମାରିଥିବା ଖେଳାଳି ରହିଛନ୍ତି। କେବଳ ବେଙ୍ଗାଲୁରୁ ଏହି ରେସ୍‌ରେ ପଛରେ ରହିଥିଲା। ଯାହାକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ଟ୍ରୋଲ୍ କରାଯାଉଥିଲା। ଚଳିତ ସିଜିନରେ ସବୁ ଦଳ ଶତକ କରିଥିବାବେଳେ ଆରସିବିର କେହି ଏହି ତାଲିକାରେ ନାହାନ୍ତି। ମାତ୍ର କୋଲକାତା ବିପକ୍ଷ ମ୍ୟାଚ୍‌ରେ ବିରାଟ ଟ୍ରୋଲରଙ୍କ ମୁହଁ ବନ୍ଦ କରିଛନ୍ତି।

# ୨୦୨୭ ବିଶ୍ୱକପ୍ ଖେଳିବାକୁ ନେଇ ମୁହଁ ଖୋଲିଲେ ବିରାଟ କୋହଲି

**ନୂଆଦିଲ୍ଲୀ**



ଟିମ୍ ଇଣ୍ଡିଆ ପୂର୍ବ ଅଧିନାୟକ ବିରାଟ କୋହଲି ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୬ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ଜବରଦସ୍ତ ପ୍ରଦର୍ଶନ କରୁଛନ୍ତି। କୋହଲି ୧୨ ମ୍ୟାଚରେ ୫୩.୭୭ ହାରରେ ୪୮୪ ରନ୍ କରିଛନ୍ତି। ଅରେଞ୍ଜ କ୍ୟାପ୍ ରେସ୍‌ରେ ମଜଭୁତ ସ୍ଥିତିରେ ଅଛନ୍ତି। କୋହଲିଙ୍କ ପ୍ରଦର୍ଶନ ସହିତ ଆରସିବି ୧୬ ପଏଣ୍ଟ ସହ ଟେବୁଲର ଟପ୍‌ରେ ରହିଛି। ଆଇପିଏଲ ଭିତରେ ବିରାଟ କୋହଲି ଏକ ସାକ୍ଷାତ୍‌କାର ଦେଇଛନ୍ତି। ଯେଉଁଥିରେ ସେ ୨୦୨୭ ଦିନିକିଆ ବିଶ୍ୱକପ ଖେଳିବାକୁ ନେଇ ନୀରବତା ଭାଙ୍ଗିଛନ୍ତି। ବଡ଼ ବୟାନ ଦେଇ ବିରାଟ କୋହଲି କହିଛନ୍ତି, ସେ ୨୦୨୭ ଦିନିକିଆ ବିଶ୍ୱକପ ଖେଳିବାକୁ ଚାହାନ୍ତି। ମାତ୍ର ଏ ନେଇ ଏକ ସର୍ତ୍ତ ଅଛି। ମୋତେ ବାରମ୍ବାର ନିଜକୁ ପ୍ରମାଣ ଦେବାକୁ ଅନୁଭବ ନହେବା ଦରକାର। ଯଦି ଏତେ ପରିଶ୍ରମ ପରେ ବି ଯୋଗ୍ୟତା ଏବଂ ଦକ୍ଷତାର ପ୍ରମାଣ ଦେବାକୁ ପଡେ ତେବେ ସେହି ସ୍ଥାନ ମୋ ପାଇଁ ନୁହେଁ।'' ବୟାନ ବିରାଟ କୋହଲି ବିସିସିଆଇକୁ ଏକ ପ୍ରକାର କଡ଼ା ମେସେଜ୍ ଦେଇଥିବା କୁହାଯାଉଛି।

ଟିମ୍ ଇଣ୍ଡିଆ ଷ୍ଟାର ଖେଳାଳି ଦିନିକିଆ ବିଶ୍ୱକପ ୨୦୨୭ ଖେଳିବାକୁ ନେଇ ମୁହଁ ଖୋଲିଛନ୍ତି। ଟେଷ୍ଟ ଏବଂ ଟି-ଟ୍ୱେଣ୍ଟିରୁ ଅବସର ନେବା ପରେ କୋହଲି ଆଇପିଏଲ ଛଡ଼ା ଦିନିକିଆ ଖେଳୁଛନ୍ତି। କୋହଲିଙ୍କ ଫର୍ମକୁ ନେଇ ପ୍ରାୟତଃ ପ୍ରଶ୍ନ ଉଠେ। ସମୟ ସମୟରେ ପ୍ରଶ୍ନ ଉଠେ କି ସେ ୨୦୨୭ ବିଶ୍ୱକପ ଖେଳିବେ ନା ନାହିଁ। ଆରସିବି ପୋଡ୍‌କାଷ୍ଟରେ ବିରାଟ କୋହଲି କହିଛନ୍ତି, ସେ ମୂଲ୍ୟବାନ ଅନୁଭବ କରନ୍ତି ଏବଂ ଏକ ଦଳ କିମ୍ବା ପରିବେଶରେ ଯୋଗଦାନ ଦେଇ ପାରନ୍ତି, ତେବେ ସେ ଖେଳିବାକୁ ଇଚ୍ଛୁକ; ନଚେତ୍, 'ସେ ସେହି ପଦବୀରେ ରହିବେ ନାହିଁ। ମୋର ଆଭିମୁଖ୍ୟ ବହୁତ ସ୍ପଷ୍ଟ। ଯଦି ମୁଁ ଯେଉଁ ଦଳ କିମ୍ବା ପରିବେଶର ଅଂଶ, ସେଥିରେ ଯୋଗଦାନ ଦେଇପାରିବି ଏବଂ ଯଦି ସେହି ଦଳ ମଧ୍ୟ ଅନୁଭବ କରେ ଯେ ମୁଁ ଯୋଗଦାନ ଦେଇ ପାରିବି, ତେବେ ମୁଁ ନିଶ୍ଚିତ ଭାବରେ ଖେଳିବି। କିନ୍ତୁ ଯଦି ମୋତେ ଏପରି ଅନୁଭବ କରାଯାଏ ଯେ ମୋତେ ମୋର ଯୋଗ୍ୟତା ଏବଂ ଗୁରୁତ୍ୱ ପ୍ରମାଣ କରିବାକୁ ପଡିବ, ତେବେ ମୁଁ ସେହି ପଦବୀରେ ରହିବି ନାହିଁ। କାରଣ ମୁଁ ମୋର ପ୍ରସ୍ତୁତି ପ୍ରତି ସମ୍ପୂର୍ଣ୍ଣ ସଚ୍ଚୋଟ।' କୋହଲି ଆହୁରି କହିଛନ୍ତି, ୨୦୨୭ ଦିନିକିଆ ବିଶ୍ୱକପ କଥା କହିବାକୁ ଗଲେ, ସତ କହିବାକୁ ଗଲେ, ଆମେ ଏବେ ବି ୨୦୨୬ର ମଧ୍ୟଭାଗରେ ଅଛୁ। ମୋତେ ଅନେକ ଥର ପଚରାଯାଇଛି। ତୁମେ କ'ଣ ୨୦୨୭ ବିଶ୍ୱକପ ଖେଳିବାକୁ ଚାହୁଁଛ? ମୁଁ ସମ୍ପୂର୍ଣ୍ଣ ସମର୍ପିତତାର ସହିତ କଠିନ ପରିଶ୍ରମ କରେ। ମୋ କ୍ରିକେଟ କ୍ୟାରିୟରରେ ସେ ମୋତେ ଯାହା ଦେଇଛନ୍ତି ସେଥିପାଇଁ ମୁଁ ଭଗବାନଙ୍କ ନିକଟରେ ବହୁତ କୃତଜ୍ଞ। ମୁଁ ଏହି ସୁଯୋଗ ପାଇଁ ବହୁତ ଭାଗ୍ୟବାନ ଏବଂ କୃତଜ୍ଞ ମନେ କରୁଛି। ଯେତେବେଳେ ମୁଁ ଖେଳିବାକୁ ପଡ଼ିଆକୁ ଯାଏ, ମୁଁ ସମ୍ପୂର୍ଣ୍ଣ ଏକାଗ୍ରତା ଏବଂ ସମର୍ପିତତାର ସହିତ ଖେଳେ। ମୁଁ ଅନ୍ୟ ଯେକୌଣସି ଖେଳାଳିଙ୍କ ପରି କଠିନ ପରିଶ୍ରମ କରେ, ହୁଏତ ଆହୁରି ଅଧିକ। ମୁଁ ଖେଳକୁ ସଠିକ୍ ଉପାୟରେ ଖେଳେ।

ବିରାଟ କୋହଲି ନିଜକୁ ଶ୍ରେଷ୍ଠ ଦିନିକିଆ ବ୍ୟାଟର ଭାବରେ ପ୍ରତିଷ୍ଠିତ କରିଛନ୍ତି। ସେ ୩୧୧ ମ୍ୟାଚ୍‌ରେ ୨୯୯ ଇନିଂସରେ ୫୮.୭୧ ହାରରେ ଏବଂ ୯୩.୮୨ ଷ୍ଟ୍ରାଇକ୍ ରେଟ୍ ସହିତ ୧୪,୭୯୭ ରନ୍ କରିଛନ୍ତି, ଯେଉଁଥିରେ ୫୪ ଶତକ ଏବଂ ୭୭ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ।

# ଆଇପିଏଲ୍ ଛାଡ଼ିଲେ ରାଚିନ ରବୀନ୍ଦ୍ର



**କୋଲକାତା**

ନ୍ୟୁଜିଲାଣ୍ଡର ଇଂଲଣ୍ଡ ଟେଷ୍ଟ ଟୁର୍ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ଲାଗି କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଅଲ୍‌ରାଉଣ୍ଡର ରାଚିନ ରବୀନ୍ଦ୍ର ଆଇପିଏଲ୍ ଛାଡ଼ିଛନ୍ତି।

ଗୁଜରାଟ ଟାଇଟନ୍ସ ବିପକ୍ଷ ଘରୋଇ ମ୍ୟାଚ୍ ପୂର୍ବରୁ ଫ୍ରାଞ୍ଚାଇଜ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। କେକେଆର ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି ଯେ, ରାଚିନ ରବୀନ୍ଦ୍ର ସ୍ୱଦେଶ ଫେରିଯାଇଛନ୍ତି। ଶନିବାର ଇଡେନ ଗାର୍ଡେନ୍ସରେ କେକେଆର ଓ ଗୁଜରାଟ ଟାଇଟନ୍ସ ମ୍ୟାଚ ଶନିବାର ଖେଳାଯିବ।

ଆଇପିଏଲ୍ ୨୦୨୬ ନିଲାମି ବେଳେ କେକେଆର ନ୍ୟୁଜିଲାଣ୍ଡର ଏହି ଖେଳାଳିଙ୍କୁ ୨କୋଟି ଟଙ୍କା ବେସ୍ ପ୍ରାଇସ୍‌ରେ କ୍ରୟ କରିଥିଲା। ରବୀନ୍ଦ୍ର ଚଳିତ ଆଇପିଏଲ୍ ସିଜନରେ ଗୋଟିଏ ହେଲେ ମ୍ୟାଚ୍‌ରେ ଖେଳିବାରୁ ସୁଯୋଗ ପାଇ ନାହାନ୍ତି। ତାଙ୍କ ବଦଳରେ ଅଲରାଉଣ୍ଡର କାମେରନ ଗ୍ରିନ୍‌ଙ୍କୁ ନିଆଯାଇଛି। କାର୍ଯ୍ୟସୂଚୀ ଅନୁସାରେ ୩ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପୂର୍ବରୁ ନ୍ୟୁଜିଲାଣ୍ଡ ମେ' ୨୭ରୁ ବେଲ୍‌ଫାଷ୍ଟଠାରେ ଆୟର୍ଲାଣ୍ଡ ବିପକ୍ଷରେ ଏକ ୪ ଦିନିଆ ୱାର୍ମଅପ୍ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ।

# ଦଣ୍ଡିତ ହେଲା ପାକିସ୍ତାନ

**ମୀରପୁର**

ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ସ୍ଲୋ ଓଭର-ରେଟ୍ ପାଇଁ ପାକିସ୍ତାନ କ୍ରିକେଟ ଦଳ ଦଣ୍ଡିତ ହୋଇଛି। ଖେଳାଳିଙ୍କ ମ୍ୟାଚ୍ ଫି'ର ୪୦ ପ୍ରତିଶତ ଜରିମାନା ହୋଇଥିବା ବେଳେ ଚଳିତ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ (ଡବ୍ଲ୍ୟୁଟିସି) ୨୦୨୫-୨୭ ସାଇକେଲ (ଚକ୍ର)ରେ ଦଳକୁ ୮ ପଏଣ୍ଟ ଜରିମାନା ହୋଇଛି। ଭ୍ରମଣକାରୀ ଦଳ ଟାର୍ଗେଟଠାରୁ ୮ ଓଭର ପଛରେ ରହିଯାଇ ଥିଲା। ଏହି ଦଣ୍ଡ ପରେ ପାକିସ୍ତାନ ବର୍ତ୍ତମାନ ଡବ୍ଲ୍ୟୁଟିସି ଷ୍ଟାଣ୍ଡିଂରେ ୪ ପଏଣ୍ଟ ସହ ୱେଷ୍ଟଇଣ୍ଡିଜ ଉପରେ ୮ମ ସ୍ଥାନରେ ଅଛି। ଅନ୍ତିମ ଦିବସରେ ପାକିସ୍ତାନ ଚମତ୍କାର ବୋଲିଂ କରି ମ୍ୟାଚ୍‌କୁ ୧୦୪ ରନରେ ଜିତିନେଇଥିଲା। ନାହିଦ ରାଣାଙ୍କ ୫ଉଇକେଟ ସଫଳତା ଉଲ୍ଲେଖନୀୟ ଥିଲା। ପାକିସ୍ତାନ ଅଧିନାୟକ ଶାନ୍ ମାସୁଦ ଦୋଷ ସ୍ୱୀକାର କରିବା ସହ ଦଣ୍ଡବିଧାନକୁ ମାନି ନେଇଥିବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ପାକିସ୍ତାନ ଦଳ ବିରୋଧରେ ଫିଲ୍ଡ ଅମ୍ପାୟର ରିଚାର୍ଡ କିଟେଲ ଓ କୁମାର ଧର୍ମସେନା, ତୃତୀୟ ଅମ୍ପାୟର ଆଲ୍ଲାହୁଦ୍ଦିନ ପାଲେକର ଏବଂ ଚତୁର୍ଥ ଅମ୍ପାୟର ଗାଜି ସୋହେଲଙ୍କ ତରଫରୁ ଅଭିଯୋଗ ଅଣାଯାଇଥିଲା। ଏମିରେଟ୍ସ ଏଲିଟ୍ ପ୍ୟାନେଲ ମ୍ୟାଚ ରେଫରି ଜେଫ୍ କ୍ରୋ ଦଣ୍ଡବିଧାନ କରିଥିଲେ।

# ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ଦୁଇ ଦିନିଆ ଯାଜପୁର ଗସ୍ତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଓଡ଼ିଶାର ପଞ୍ଚାୟତିରାଜ, ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଯାଜପୁରକୁ ଦୁଇ ଦିନିଆ ଗସ୍ତରେ ଆସି ପାନୀୟ ଜଳ ପ୍ରକଳ୍ପ (ମେଗା ୱାଟର ସପ୍ଲାଏ) ଓ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଯାଜପୁର ଜିଲ୍ଲାରେ ମେଗା ପାଇପ୍ ୱାଟର ସପ୍ଲାଏ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀ ଓ କାର୍ଯ୍ୟକାରୀ ଏଜେନ୍ସିକୁ ନିର୍ଦ୍ଦେଶ ଦେଇଥିଲେ। ଧାର୍ଯ୍ୟ କାର୍ଯ୍ୟ ଅବଧି ମଧ୍ୟରେ ପ୍ରକଳ୍ପ ଶେଷ ନକଲେ ଏଜେନ୍ସି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ସୁକିନ୍ଦା ଅଞ୍ଚଳରେ ମେଗା ପାଇପ୍ ୱାଟର ସପ୍ଲାଏରେ ଅସାଧୁ ଲୋକ ପାଣି ଚୋରି କରୁ ଥିବାରୁ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ସୁକିନ୍ଦା, ଦାନଗଦି, ବଡ଼ଚଣା, ଧର୍ମଶାଳା, କୋରେଇ, ଦଶରଥପୁର ଅଞ୍ଚଳରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା। ମେଗାଲିଫ୍ଟ କାର୍ଯ୍ୟକ୍ଷମ ନହେବା ଯାଏଁ ଜଳାଭାବ ଅଞ୍ଚଳରେ ତୁରନ୍ତ ନୂତନ ନଳକୂପ ଖନନ କରି ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମନ୍ତ୍ରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟର ତଦାରଖ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଦ୍ୱିତୀୟ ଦିନରେ ମନ୍ତ୍ରୀ ଦଶରଥପୁର ବ୍ଲକର ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରି ମନ୍ତ୍ରୀ କହିଥିଲେ ଯେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିଲେ ମଧ୍ୟ ବ୍ୟାରେଜ ନଥିବାରୁ ଏହାର ବିକଳ୍ପ ବ୍ୟବସ୍ଥା କରାଯାଇ କିଭଳି କାର୍ଯ୍ୟକ୍ଷମ କରାଯିବ ସେ ସମ୍ପର୍କରେ ବିଭାଗୀୟ ବିଶେଷଜ୍ଞଙ୍କ ସହ ଆଲୋଚନା କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ପରେ ମନ୍ତ୍ରୀ ରସୁଲପୁର ଠାରେ କେଇସି ୱାଟର ଟ୍ରିଟମେଣ୍ଟ ପ୍ରୋଜେକ୍ଟ ପରିଦର୍ଶନ କରିଥିଲେ। ପରେ ଧର୍ମଶାଳାର ଜାରକା ମହୋତ୍ସବ ପଡିଆରେ ଏକ ସାଧାରଣ ସଭାରେ ଯୋଗଦେଇ ହିତାଧିକାରୀ ମାନଙ୍କୁ ଅନ୍ତୋର୍ଦୟ ଗୃହ ଯୋଜନା, ଭତ୍ତା, ରାସନ କାର୍ଡ, ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କରିଥିଲେ। ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଆୟୋଜିତ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଇ-ସ୍କୁଟର ବଣ୍ଟନ କରିଥିଲେ। ଏହି ଗସ୍ତ ସମୟରେ ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ସମାଜସେବୀ ଦେବଯାନୀ ପ୍ରଧାନ, ଗୌତମ ରାୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

# ଘରୋଇ କୋଚ୍‌ଙ୍କୁ ଭରସା କଲାନି ହକି ଇଣ୍ଡିଆ, ଶ୍ରୀଜେଶଙ୍କ ସ୍ଥାନରେ ଫ୍ରେଡ଼େରିକ ନୂଆ ଜୁନିୟର ପ୍ରଶିକ୍ଷକ

**ନୂଆଦିଲ୍ଲୀ**






ହକି ଇଣ୍ଡିଆର ବଡ଼ ଘୋଷଣା। ପିଆର ଶ୍ରୀଜେଶଙ୍କ ସହ ବିବାଦ ଭିତରେ ନୂଆ ହକି କୋଚ୍ ନିଯୁକ୍ତ କଲା ହକି ଇଣ୍ଡିଆ। ହଟିଲେ ଦେଶୀ ଆସିଲେ ବିଦେଶୀ ପ୍ରଶିକ୍ଷକ। ଘରୋଇ କୋଚଙ୍କୁ ଭରସା କଲାନି ହକି ଇଣ୍ଡିଆ। ଶ୍ରୀଜେଶଙ୍କ ସ୍ଥାନରେ ଫ୍ରେଡେରିକଙ୍କୁ ନୂଆ ଜୁନିୟର ପ୍ରଶିକ୍ଷକ ଭାବେ ନିଯୁକ୍ତ କରିଛି ହକି ଇଣ୍ଡିଆ। ପୂର୍ବତନ ଫରାସୀ ଖେଳାଳି ଫ୍ରେଡେରିକ୍ ସୋୟେଜଙ୍କୁ ନୂତନ ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଛି, ଯିଏ ଦୁଇ ଥର ଅଲିମ୍ପିକ୍ ପଦକ ବିଜେତା ପିଆର ଶ୍ରୀଜେଶଙ୍କ ଠାରୁ ଦାୟିତ୍ୱ ନେବେ।

ଭାରତୀୟ ଜୁନିୟର ପୁରୁଷ ହକି ଦଳର କୋଚ୍ ଥିଲେ ଅଲିମ୍ପିକ୍ସ ପଦକ ବିଜେତା ଗୋଲକିପର ପିଆର ଶ୍ରୀଜେଶ। କିନ୍ତୁ ତାଙ୍କ ସହ ଚୁକ୍ତି ନବଢ଼ାଇ ଦିନକ ପରେ ଜଣେ ନୂଆ କୋଚ୍‌ଙ୍କୁ ନିଯୁକ୍ତ କରିଛି ହକି ଇଣ୍ଡିଆ। ସେ ହେଉଛନ୍ତି ଫ୍ରାନ୍ସର ଫ୍ରେଡେରିକ ସୋୟେଜ। ଅନ୍ତର୍ଜାତୀୟ କ୍ୟାରିୟରରୁ ଅବସର ନେବା ପରେ ଶ୍ରୀଜେଶ ଜୁନିୟର ଦଳର କୋଚ ନିଯୁକ୍ତ ହୋଇଥିଲେ। ସେ ମାତ୍ର ୧ ବର୍ଷ ୫ ମାସ କୋଚ ଦାୟିତ୍ୱରେ ରହିଥିଲେ। ଏହି ସମୟରେ ଭାରତୀୟ ଦଳ ୫ଟି ଟୁର୍ଣ୍ଣାମେଣ୍ଟ ଖେଳି ସବୁଥିରେ ପୋଡିୟମ ଫିନିସ କରିବାରେ ସଫଳ ହୋଇଥିଲା। ଜୁନିୟର ବିଶ୍ୱକପରେ ଦଳ ବ୍ରୋଞ୍ଜ ପଦକ ଜିତିଥିଲା। ଏହା ସତ୍ତ୍ୱେ ବି ହକି ଇଣ୍ଡିଆ ଶ୍ରୀଜେଶଙ୍କ ଉପରେ ଭରସା ନକରି ବିଦେଶୀ କୋଚଙ୍କ ଉପରେ ଆସ୍ଥା ସ୍ଥାପନ କରିଛି।

ଭାରତୀୟ ଜୁନିଅର ହକି ଦଳର ନୂତନ ମୁଖ୍ୟ ପ୍ରଶିକ୍ଷକ ଫ୍ରେଡେରିକ୍ ସୋୟେଜଙ୍କ ବିଷୟରେ କହିବାକୁ ଗଲେ, ତାଙ୍କୁ ୟୁରୋପୀୟ ହକିର ସର୍ବୋତ୍ତମ ପ୍ରଶିକ୍ଷକମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ। ୧୯୯୫ ରୁ ୨୦୧୦ ପର୍ଯ୍ୟନ୍ତ ଫ୍ରାନ୍ସ ପାଇଁ ମୋଟ ୧୯୬ ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୯୫ଟି ଗୋଲ ସ୍କୋର କରିଥିଲେ। ଫ୍ରେଡେରିକ ୧୫ ବର୍ଷ ସ୍ପେନ ଦଳ ପାଇଁ ଖେଳିଥିଲେ। ଅବସର ନେବା ପରେ ସେ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କ ପ୍ରଶିକ୍ଷଣରେ ସ୍ପେନ ୨୦୧୩ ଜୁନିୟର ବିଶ୍ୱକପ୍‌ରେ ରୌପ୍ୟ ଜିତିଥିଲା। ସ୍ପେନର ପ୍ରଶିକ୍ଷକ ଭାବରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ଦଳ ୨୦୧୯ ୟୁରୋପୀୟ ଚାମ୍ପିଅନସିପରେ ରୌପ୍ୟ ପଦକ ଜିତିଥିଲା। ଫ୍ରେଡେରିକ୍ ସୋୟେଜ୍ ୨୦୧୬, ୨୦୨୦ ଏବଂ ୨୦୨୪ ଅଲିମ୍ପିକ୍ ଗେମ୍ସ, ଏବଂ ୨୦୧୮ ଏବଂ ୨୦୨୩ ହକି ବିଶ୍ୱକପ୍ ମଧ୍ୟ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିଛନ୍ତି। ଏହା ବ୍ୟତୀତ, ସୋୟେଜ୍ ୨୦୧୩, ୨୦୧୫, ୨୦୧୭, ୨୦୧୯, ୨୦୨୧ ଏବଂ ୨୦୨୩ ବର୍ଷରେ ୬ଟି ୟୁରୋପୀୟ ଚାମ୍ପିଅନସିପରେ ମଧ୍ୟ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିଛନ୍ତି।

ବିଦେଶୀ କୋଚ ନିଯୁକ୍ତି ଦିଆଯିବାର ପଛର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏବେଠୁ ତୃଣମୂଳସ୍ତରରୁ ପ୍ରତିଭା ଅନ୍ୱେଷଣ କରି ସେମାନଙ୍କୁ ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ କରିବା ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି। ଶ୍ରୀଜେଶ ଗତକାଲି ସୋସିଆଲ ମିଡିଆରେ ଏକ ଭଲ ପ୍ରଶ୍ନ ଉତ୍ଥାପନ କରିଥିଲେ। ସେ କହିଥିଲେ, 'ଭାରତୀୟ ପ୍ରଶିକ୍ଷକ ମାନେ କ'ଣ ଭାରତୀୟ ହକିକୁ ବିକଶିତ କରିପାରିବେ ନାହିଁ?' ଅର୍ଥାତ ଦୀର୍ଘ ବର୍ଷ ଅନ୍ତର୍ଜାତୀୟ ହକି ଖେଳିବା ପରେ କ୍ରମାନ୍ୱୟରେ ଦ୍ୱିତୀୟ ଥର ଦଳକୁ ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତାଇ ଥିଲେ ଶ୍ରୀଜେଶ। ଏହାସତ୍ତ୍ୱେ ବି କେଉଁ ଅଭିଜ୍ଞତାର କମ ରହିଲା ଯେ ହକି ଇଣ୍ଡିଆ ତାଙ୍କ ଉପରେ ଭରସା କରିପାରିଲା ନାହିଁ?

# ଗାଧୋଇବାକୁ ଯାଇଥିଲେ : ପୋଖରୀରୁ ମିଳିଲା ମୃତଦେହ

**ଦେବଗଡ଼, ନ୍ୟୁଜ୍‌ବ୍ୟୁରୋ**

ଦେବଗଡ଼ ଜିଲ୍ଲା ବାରକୋଟ ଥାନା ବଲଣ୍ଡା ପଞ୍ଚାୟତ ଅଧୀନ ଇନ୍ଦ୍ରାଣୀଝରଣ ଗ୍ରାମ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଲଣ୍ଡା ଗ୍ରାମର ବୁଧୁ ଭୂୟାଁ (୬୦)। ମିଳିଥିବା ସୂଚନା ଅନୁଯାୟୀ ବୁଧୁ ଶୁକ୍ରବାର ଅପରାହ୍ଣରେ ଗାଧୋଇବାକୁ ନିକଟସ୍ଥ ଇନ୍ଦ୍ରାଣୀଝରଣ ଗ୍ରାମର ଏକ ପୋଖରୀକୁ ଯାଇଥିଲେ। ହେଲେ ଦୀର୍ଘ ୩ ଘଣ୍ଟା ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତାଙ୍କର କୌଣସି ସନ୍ଧାନ ନ ମିଳି ନ ଥିଲା। ସନ୍ଧ୍ୟାରେ ପରିବାର ଲୋକ ଇନ୍ଦ୍ରାଣୀଝରଣ ପୋଖରୀକୁ ଯାଇଥିଲେ। ପୋଖରୀ ହୁଡାରେ ବୁଧୁଙ୍କ ଚପଲ ଏବଂ ଗାମୁଛା ପଡିଥିବା ବେଳେ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ ପରିବାର ଲୋକେ ବାରକୋଟ ସ୍ଥିତ ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ଏବଂ ବାରକୋଟ ଥାନାକୁ ସୂଚନା ଦେଇଥିଲେ।

ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ପୋଲିସ ଉପସ୍ଥିତିରେ ପୋଖରୀରୁ ବୁଧୁଙ୍କ ମୃତଦେହ ଉଦ୍ଧାର କରିଥିଲେ। ବାରକୋଟ ଥାନା ପୋଲିସ ବୁଧୁଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଦରମାରେ ଅହେତୁକ ବିଳମ୍ବ : ବିଶ୍ୱବିଦ୍ୟାଳୟରେ ସାମୁହିକ ଧାରଣା



**ବାଲେଶ୍ୱର, ନ୍ୟୁଜ୍**

ଏପ୍ରିଲ ମାସର ଦରମା ପ୍ରଦାନରେ ପ୍ରାୟ ୧୫ ଦିନର ଅହେତୁକ ବିଳମ୍ବ ଘଟିଥିବା ପ୍ରତିବାଦରେ ଶୁକ୍ରବାର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ମାନେ ବିଶ୍ୱବିଦ୍ୟାଳୟ ପ୍ରଶାସନିକ ଭବନ ସମ୍ମୁଖରେ ସାମୁହିକ ଧାରଣାରେ ବସିଥିଲେ। ଧାରଣାରେ ଯୋଗଦେଇ ଥିବା ସମସ୍ତ କର୍ମଚାରୀମାନେ ଦାବି କରିଥିଲେ ଯେ, ନିୟମିତ ଓ ଠିକ ସମୟରେ ଦରମା ପ୍ରଦାନ କରାଯାଉ ଏବଂ ଏହା ସମ୍ବନ୍ଧୀୟ ବିଶ୍ୱ ବିଦ୍ୟାଳୟର ପୂର୍ବତନ ଆର୍ଥିକ ଓ ପ୍ରଶାସନିକ ଅଧିକାର ପୁନର୍ବାର ପ୍ରଦାନ କରାଯାଉ। ସେମାନଙ୍କ କହିବା ଅନୁସାରେ, ଦରମାରେ ଏପରି ବିଳମ୍ବ କର୍ମଚାରୀ ମାନଙ୍କ ଦୈନିକ ଜୀବନ ଓ ପରିବାରିକ ଆର୍ଥିକ ପରିଚାଳନାରେ ଗୁରୁତର ପ୍ରଭାବ ପକାଉଛି।

ଧାରଣାକାରୀମାନେ ସଚେତନ କରାଇଥିଲେ ଯେ, ଯଦି ଶୀଘ୍ର ସମସ୍ୟାର ସମାଧାନ ନ ହୁଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ। ଏହି ଧାରଣାରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ବ୍ୟାପକ ଭାବେ ସାମିଲ ହୋଇଥିଲେ।

# ଉତ୍କଳ ଦୀପିକା

**ଭୁବନେଶ୍ୱର, ୧୬ ମଇ, ଶନିବାର, ୨୦୨୬**

RNI Regd. No. : 52640/94
Postal Regd. No. : BN/60/25-27


## ମେ'୧୭ରୁ ଶ୍ରୀମନ୍ଦିରରେ ଶ୍ରୀପୁରୁଷୋତ୍ତମ ଉପାସନା : ଠାକୁରଙ୍କୁ ଲାଗିହେବ ୩୦ ପ୍ରକାର ଫୁଲ ଓ ଫଳ

**ପୁରୀ,୧୫/୦୫ ନ୍ୟୁଜ ବ୍ୟୁରୋ**

ମଳମାସ ଅବସରରେ ଆସନ୍ତା ୧୭ ତାରିଖ ରବିବାରଠାରୁ ଶ୍ରୀମନ୍ଦିରରେ ଶ୍ରୀପୁରୁଷୋତ୍ତମଙ୍କ ସ୍ୱତନ୍ତ୍ର ଉପାସନା ବିଧି ଆରମ୍ଭ ହେବ। ଅମାବାସ୍ୟା ପରଦିନ ଶୁକ୍ଳ ପ୍ରତିପଦାଠାରୁ ମଳମାସ ଶେଷ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଭିତର ବେଢ଼ାସ୍ଥ ଉକ୍ତ ମନ୍ଦିରରେ ବିରାଜିତ ଶ୍ରୀନାରାୟଣଙ୍କୁ ଶ୍ରୀପୁରୁଷୋତ୍ତମ ଭାବେ ଉପାସନା କରିବେ। ମାନସିକ ରଖି ସେଠାରେ ଗୁଆ ନଡ଼ିଆ ବସାଇ ସଂକଳ୍ପ କରିବା ସହ ଏକ ମାସ ହବିଷ୍ୟ ପାଳନ କରନ୍ତି । ମଳମାସ ହେତୁ ବଡ଼ଦେଉଳରେ ଭିତର ଚନ୍ଦନ ୨୧ ଦିନ ପରିବର୍ତ୍ତେ ଆଉ ଏକ ମାସ ଅଧିକ ହେବ । ପୁଣି ଏଥର ୧୦ ଥର ଠାକୁରଙ୍କ ଜଳକ୍ରୀଡ଼ା ବିଧି ହେବ ।



ସତ୍ୟନାରାୟଣ ପୂଜାପଣ୍ଡା ସାମନ୍ତ ଓ ଲକ୍ଷ୍ମୀନାରାୟଣ ପୂଜାପଣ୍ଡା ସାମନ୍ତ ଶ୍ରୀନାରାୟଣଙ୍କ ପୂଜାର୍ଚ୍ଚନା କରୁଛନ୍ତି । ପୂଜାପଣ୍ଡା ସାମନ୍ତ କୁହନ୍ତି, ଏହି ମଳ ମାସର ଶେଷ ୫ ଦିନ ପଞ୍ଚକ କରିବା ବିଧି ରହିଛି । ୩୦ ଦିନରେ ୩୦ ପ୍ରକାର ଫୁଲଫଳ ଠାକୁରଙ୍କୁ ଭୋଗ ଲାଗେ । ଏକାଦଶୀରେ ଦୀପ ଦାନ କରନ୍ତି । ତ୍ରୟୋଦଶୀରେ ଠାକୁରଙ୍କୁ ଖିରି ଅମାଲୁ ଭୋଗ ଲଗାଯାଏ । ଶ୍ରୀମନ୍ଦିର ଭିତର ବେଢ଼ା ୯୧ ନମ୍ବର ପ୍ଲଟରେ ଅଧିମାସ ମନ୍ଦିର ରହିଛି। ଏହା ପୁରୁଷୋତ୍ତମ ତଥା ବିରଞ୍ଚିନାରାୟଣ ମନ୍ଦିର ନାମରେ ଖ୍ୟାତ । କଳ୍ପବଟ ନିକଟରେ ତଥା ମା'ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ବିରଞ୍ଚିନାରାୟଣଙ୍କ ଆସ୍ଥାନ । ମନ୍ଦିରରେ କଳାମୁଗୁନି ପ୍ରସ୍ତରର ଶ୍ରୀନାରାୟଣ ଓ ବରାହନାରାୟଣ ବିଜେ ହୋଇଛନ୍ତି । ବିଷ୍ଣୁପୁରାଣରେ ବର୍ଣ୍ଣନା ରହିଛି ଅସୁରରାଜ ହିରଣ୍ୟାକ୍ଷ ଧରିତ୍ରୀଙ୍କୁ ରସାତଳଗାମୀ କରିବାରେ ଧରିତ୍ରୀ ମାତା ଶ୍ରୀପୁରୁଷୋତ୍ତମଙ୍କୁ ପ୍ରାର୍ଥନା କରିଥିଲେ। ଭଗବାନ୍ ଶ୍ରୀପୁରୁଷୋତ୍ତମ ମହାବରାହରୂପ ଧାରଣ କରି ତାଙ୍କୁ ଉଦ୍ଧାର କରିଥିଲେ। ପରାସରଙ୍କ ମତରେ ମଳମାସରେ ହୋମ, ପ୍ରତିଷ୍ଠା, ଯଜ୍ଞ, ଦାନ, ବ୍ରତ ଓ ଅଭିଷେକାଦି ମଙ୍ଗଳମୟ କାର୍ଯ୍ୟ ବର୍ଜନୀୟ ।

## ରଥଖଳା ହାଲ୍‌ଚାଲ୍ : ନନ୍ଦିଘୋଷର ଚଉତା ହଣା ଶେଷ

**ପୁରୀ,୧୫/୦୫ ନ୍ୟୁଜ ବ୍ୟୁରୋ**

ନନ୍ଦିଘୋଷ ରଥର ମୋଟ୍ ୧୨ଟି ଚଉତା କାଠ ହଣା ସରିଥିବା କହିଛନ୍ତି ନନ୍ଦିଘୋଷର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର । ରଥ ଉପର ତିନି ଭୂଇଁରେ ଲାଗିଥାଏ ୧୨ଟି ଚଉତା କାଠ । ଏଥିସହ ମହାପ୍ରଭୁଙ୍କ ରଥର ୧୬ଟି ଚକ ମଧ୍ୟରୁ ୧୩ଟି ସମ୍ପୂର୍ଣ୍ଣ ହୋଇ ଆଉ ଗୋଟିଏ ଶେଷ ହେବା ଉପରେ । ଆଉ ଦୁଇଟି ଚକର ଅର ଓ ପହି ପହଞ୍ଚିଲେ ଚକ କାମ ଶେଷ ହେବ । ଏଥିସହ ୪ଟି ଚାରିନାହାକାରୁ ଦୁଇଟି ନାହାକା କାଠ ହଣା ଶେଷ ହୋଇଥିବା ମୁଖ୍ୟ ବିଶ୍ୱକର୍ମା ଶ୍ରୀ ମହାପାତ୍ର କହିଛନ୍ତି । ରଥର ଚଉଦ ନାହାକା ହଣା ଆରମ୍ଭ ହୋଇଛି । ତିନି ରଥର ନିର୍ମାଣ କାର୍ଯ୍ୟ ସମାନ୍ତରାଳ ଭାବେ ଆଗଉଛି। ରଥଚାଳିରେ



ବିଶ୍ୱକର୍ମା, ଭୋଇ ସେବକ, କରତୀ ଓ ରୂପକାର ସେବକମାନେ ନିର୍ମାଣରେ ବ୍ୟସ୍ତ ଥିବା ବେଳେ ଓଝା ସେବକମାନେ ଦୋଳବେଦିରେ ଦଣ୍ଡା କଣ୍ଟା ଆଦି ତିଆରିରେ ଲାଗିଛନ୍ତି । ରଥର ବ୍ରେକ୍ କାଠ ଚିହ୍ନଟ କରିବାକୁ ରଥ ଅମିନ, ଭୋଇ ସର୍ଦ୍ଦାର, କୋଠ ସୁଆଁସିଆ ସେବକଙ୍କ ସମେତ ଶ୍ରୀମନ୍ଦିରର ଏକ ଟିମ୍ ନୟାଗଡ଼ରେ ପହଞ୍ଚିଛନ୍ତି । ଦଶପଲ୍ଲା ନିକଟରେ ଶାଳ କାଠ ଚିହ୍ନଟ କରାଯାଇଥିବା କହିଛନ୍ତି ଭୋଇ ସର୍ଦ୍ଦାର ରବି ଭୋଇ । ରଥ ଗଡ଼ି ଯାଉଥିବା ସ୍ଥଳେ ରଥ ସମ୍ମୁଖ ଭାଗରେ ଲାଗିଥିବା ବ୍ରେକ ରଥକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏହି କାଠ ବେଶ୍ ମଜଭୁତିଆ ହେବା ଆବଶ୍ୟକ । ସେହିଭଳି କୋଠସୁଆସିଆଁ ସେବକମାନେ ମଧ

## ମଇ ୧୮ ଓ ୨୫ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୧୫/୦୫ ନ୍ୟୁଜ ବ୍ୟୁରୋ**

ଆସନ୍ତା ମଇ ୧୮ ଓ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ । ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ଆସନ୍ତା ସୋମବାର ମଇ ୧୮ ତାରିଖ।

ପରବର୍ତ୍ତୀ ସୋମବାର ମଇ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜସ୍ୱ ସଚିବଙ୍କ ନିର୍ଦ୍ଦେଶ : ୩ ବର୍ଷରେ କର୍ମଚାରୀଙ୍କ ବଦଳି ଅନିବାର୍ଯ୍ୟ

**ଭୁବନେଶ୍ୱର, ୧୫/୦୫ ନ୍ୟୁଜ ବ୍ୟୁରୋ**

ରାଜସ୍ୱ ପ୍ରଶାସନ ଅଧୀନରେ କାର୍ଯ୍ୟରତ ମନ୍ତ୍ରଣାଳୟ କର୍ମଚାରୀ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ବଦଳି ଓ ରୋଟେସନ ପ୍ରକ୍ରିୟା କଡାକଡି ଭାବେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ତିନି ବର୍ଷରୁ ଅଧିକ ସମୟ ଧରି ଗୋଟିଏ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ବଦଳି ଅନିବାର୍ଯ୍ୟ । ଚଳିତ ବଦଳି ଋତୁ ମଧ୍ୟରେ ୧୫ ଜୁନ ୨୦୨୬ ସୁଦ୍ଧା ବଦଳି ପ୍ରକ୍ରିୟା ସମ୍ପନ୍ନ କରିବାକୁ ରାଜସ୍ୱ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ, ବିଭାଗରେ କାର୍ଯ୍ୟରତ ସେକ୍ସନ ଅଫିସର, ସିନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ, ଜୁନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟରତ ରେଭେନ୍ୟୁ ସୁପରଭାଇଜର, ରେଭେନ୍ୟୁ ଇନ୍ସପେକ୍ଟର, ଅସିଷ୍ଟାଣ୍ଟ ରେଭେନ୍ୟୁ ଇନ୍ସପେକ୍ଟର, ଅମିନ ପ୍ରମୁଖ କର୍ମଚାରୀ ଯେଉଁମାନେ ଗୋଟିଏ କାର୍ଯ୍ୟାଳୟରେ ତିନି ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଅଛନ୍ତି, ସେମାନଙ୍କର ବଦଳି ଓ ରୋଟେସନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ, ତହସିଲ କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା ଓ ପାରଦର୍ଶିତା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି ।

ତେବେ ବିଭିନ୍ନ ଜିଲ୍ଲାରେ ବକେୟା ଥିବା ବଦଳିକୁ ରାଜ୍ୟ ସରକାର ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ ଚଳିତ ବଦଳି ଋତୁ ମଧ୍ୟରେ ଅର୍ଥାତ ୧୫ ଜୁନ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ବଦଳି ଓ ରୋଟେସନ୍ ପ୍ରକ୍ରିୟା ସମାପ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।

ଏଥି ସହିତ ତିନିବର୍ଷରୁ ଅଧିକ ସମୟ ଧରି ଗୋଟିଏ କାର୍ଯ୍ୟାଳୟ କିମ୍ବା ପ୍ରତିଷ୍ଠାନରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ବଦଳି ସରକାରଙ୍କ ପ୍ରଚଳିତ ନୀତି ଓ ନିର୍ଦ୍ଦେଶାବଳୀ ଅନୁସାରେ ଅନୁପାଳନ ସହ ସୁନିଶ୍ଚିତ କରିବାକୁ କୁହାଯାଇଛି। ବଦଳି ପ୍ରକ୍ରିୟା ସମ୍ପନ୍ନ ହେବା ପରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବନ୍ଧୀୟ ବିସ୍ତୃତ ରିପୋର୍ଟ ତୁରନ୍ତ ବିଭାଗକୁ ପ୍ରେରଣ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି ।

## ଭାରତର ନିର୍ବାଚନ କମିଶନରଙ୍କ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ନିରପେକ୍ଷ ହେବା ଉଚିତ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୫/୦୫**

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ନିଯୁକ୍ତି ପାଇଁ ଗଠିତ ଚୟନ କମିଟିରେ ଜଣେ କ୍ୟାବିନେଟ ମନ୍ତ୍ରୀଙ୍କୁ ସାମିଲ କରାଯିବା ଏବଂ ଦେଶର ପ୍ରଧାନ ବିଚାରପତି(ସିଜେଆଇ)ଙ୍କୁ ଅନ୍ତର୍ଭୁକ୍ତ କରା ନ ଯିବା ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଜଣେ ମନ୍ତ୍ରୀ କେବେହେଲେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଯାଇପାରିବେନି ବୋଲି ଅଦାଲତ କହିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ନିର୍ବାଚନ କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ମାମଲାର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହି କମିଟିର ସରଞ୍ଚନା ଉପରେ ଚିନ୍ତା ପ୍ରକଟ କରିଛନ୍ତି । ଏବେ ଏହି କମିଟିରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳର ନେତା ଏବଂ ଜଣେ କେନ୍ଦ୍ର କ୍ୟାବିନେଟ ମନ୍ତ୍ରୀ ରହିଛନ୍ତି । ଜଷ୍ଟିସ୍ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ କହିଛନ୍ତି, ଏଭଳି ନିଯୁକ୍ତି



ପ୍ରକ୍ରିୟାରେ ହେବାକୁ ଥିବା ନିଷ୍ପତ୍ତି ପ୍ରଭାବଶାଳୀ ଭାବେ ୨:୧ ଅନୁପାତରେ ବହୁମତ ପାଇବ । କାରଣ କ୍ୟାବିନେଟ ମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଯାଇ ଭିନ୍ନ ଆଭିମୁଖ୍ୟ ରଖିବାର ସମ୍ଭାବନା କମ୍ । ତେଣୁ ସିଇସି ନିର୍ବାଚନରେ ସ୍ୱଚ୍ଛତା ଏବଂ ସ୍ୱାଧୀନତା ରହିବ ବୋଲି କାହିଁକି ଦେଖାଣିଆ ପ୍ରୟାସ କରାଯାଉଛି । ଜଷ୍ଟିସ୍ ଦତ୍ତ କହିଛନ୍ତି, ଯଦି ସିବିଆଇ ନିର୍ଦ୍ଦେଶକଙ୍କ ନିଯୁକ୍ତି ପ୍ରକ୍ରିୟାରେ ସିଜେଆଇ ସଦସ୍ୟ ରହିପାରିବେ ତେବେ ସିଇସି ଏବଂ ଅନ୍ୟ ଇସିଙ୍କ ନିଯୁକ୍ତି ପାଇଁ କାହିଁକି ଏକ ସ୍ୱାଧୀନ ପ୍ରକ୍ରିୟା ଅନୁସରଣ କରାଯାଇପାରିବନି । ନିର୍ବାଚନ କମିଶନରଙ୍କ ନିଯୁକ୍ତି ପ୍ରକ୍ରିୟା ଅଧିକ ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ପ୍ରତ୍ୟକ୍ଷ ଭାବେ 'ଗଣତନ୍ତ୍ର ବଜାୟ ରଖିବା ଏବଂ ମୁକ୍ତ ତଥା ନିରପେକ୍ଷ ନିର୍ବାଚନ' ସହ ଜଡ଼ିତ ।

ନିର୍ବାଚନ ସଂସ୍ଥାର ନିରପେକ୍ଷତା ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ଗୁରୁତ୍ୱାରୋପ କରି ସୁପ୍ରିମକୋର୍ଟ କହିଛନ୍ତି, ଭାରତର ନିର୍ବାଚନ କମିଶନରଙ୍କ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ନିରପେକ୍ଷ ହେବା ଉଚିତ । ନିର୍ବାଚନ କମିଶନର ନିଯୁକ୍ତି ପ୍ରକ୍ରିୟା ଲାଗି ଉଦ୍ଦିଷ୍ଟ କମିଟିରେ ଜଣେ କ୍ୟାବିନେଟ ମନ୍ତ୍ରୀ ରହିବା ଅର୍ଥ ସେଥିରେ ବିରୋଧୀ ଦଳ ନେତା କେବଳ ନାମକୁ ମାତ୍ର ରହିବେ । ଏହା ଦ୍ୱାରା ସର୍ବଦା ୨:୧ ଅନୁପାତରେ ସରକାରଙ୍କ ପକ୍ଷରେ ନିଷ୍ପତ୍ତି ଯିବ । ଆମେ କହୁନୁ ଯେ ସିଜେଆଇଙ୍କୁ କମିଟିରେ ରଖାଯାଉ । କିନ୍ତୁ କମିଟିରେ ଜଣେ ସ୍ୱାଧୀନ ସଦସ୍ୟ କାହିଁକି ରହିବେନି । ଜଣେ ମନ୍ତ୍ରୀଙ୍କୁ କାହିଁକି ସେହି ସଦସ୍ୟ କରାଯିବ । ଯଦି ପ୍ରଧାନମନ୍ତ୍ରୀ ଜଣଙ୍କୁ ବାଛିବେ, ବିରୋଧୀ ଦଳ ନେତା ଆଉ ଜଣଙ୍କୁ ବାଛିବେ ତେବେ ତୃତୀୟ ସଦସ୍ୟ କ'ଣ ବିରୋଧୀ ଦଳର ନେତାଙ୍କ ସହ ଯିବେ? ଏହାର ଜବାବରେ ଆଟର୍ଣ୍ଣି ଜେନେରାଲ ଭେଙ୍କଟରମଣି କହିଥିଲେ ଯେ ସେ ଏ ନେଇ କୌଣସି ଅନୁମାନ କରିବାକୁ ଚାହାନ୍ତିନି । ବାସ୍ତବ କ୍ଷେତ୍ରରେ ଏହା ସବୁବେଳେ ହୋଇ ନ ପାରେ । ଏହା ଉପରେ ଜଷ୍ଟିସ୍ ଦତ୍ତ କଡ଼ା ପ୍ରତିକ୍ରିୟା ଦେଇ କହିଥିଲେ, ତାହା ହେଲେ କ'ଣ କାର୍ଯ୍ୟପାଳିକା ସବୁକିଛି ନିୟନ୍ତ୍ରଣ କରୁଛି? ସଂସଦ ଆଇନ ପ୍ରଣୟନ କରିପାରେ । କିନ୍ତୁ ସୁପ୍ରିମକୋର୍ଟ ହେଉଛନ୍ତି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣକାରୀ। ଆପଣଙ୍କୁ ଭଲ ଲାଗୁ କି ନ ଲାଗୁ, ଆଇନର ବ୍ୟାଖ୍ୟା କରିବାର କ୍ଷମତା ସୁପ୍ରିମକୋର୍ଟଙ୍କ ପାଖରେ ଅଛି ବୋଲି ଜଷ୍ଟିସ୍ ଦତ୍ତ କହିଛନ୍ତି।

## ଆମ୍ବୁଲାନ୍ସରୁ ପେଟ୍ରୋଲ ସରି ଯିବାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**କଟକ,୧୫/୫ ନ୍ୟୁଜ ବ୍ୟୁରୋ**

କଟକ କାଠଯୋଡ଼ି ନଦୀ ଉପରେ ଆମ୍ବୁଲାନ୍ସରେ ଚାଲିଗଲା ଯୁବକଙ୍କ ଜୀବନ। ଆମ୍ବୁଲାନ୍ସରୁ ଅଧା ବାଟରେ ପେଟ୍ରୋଲ ସରିଯିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ମୃତକ ହେଲେ କେନ୍ଦ୍ରାପଡ଼ା ଡେରାବିଶ ବ୍ଲକ ଗୋବିନ୍ଦପୁର ଗାଁର ପ୍ରକାଶ କାଣ୍ଡି। ଆମ୍ବୁଲାନ୍ସରେ ଥିବା ପ୍ରକାଶଙ୍କ ଭାଉଜ ଝରଣା ଦାସଙ୍କ କହିବାନୁଯାଇ ଆମ୍ବୁଲାନ୍ସରେ ଯାନ୍ତ୍ରିକ ତ୍ରୁଟି ନ ଥିଲା ବରଂ ତେଲ ସରିଯାଇଥିଲା । ତେବେ ତେଲ ସରିଯାଇଥିବା କଥା ତାଙ୍କୁ ଡ୍ରାଇଭର ହିଁ କହିଥିଲେ। ଅନ୍ୟ ଏକ ଆମ୍ବୁଲାନ୍ସ କରି ପ୍ରକାଶଙ୍କୁ ଭୁବନେଶ୍ୱର ପଠାଇବା ପାଇଁ ଆମ୍ବୁଲାନ୍ସ ଡ୍ରାଇଭର କହିବାରୁ ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ କାଠଯୋଡ଼ି ପୋଲ ଉପରେ ତାଙ୍କୁ ଅପେକ୍ଷା କରିବାକୁ ପଡ଼ିଲା। କିନ୍ତୁ ଶେଷରେ ଆମ୍ବୁଲାନ୍ସ ଆସିଲା ସତ, ସେତେବେଳକୁ ପ୍ରକାଶଙ୍କ ମୃତ୍ୟୁ ହୋଇଯାଇଥିଲା । ତେବେ ପ୍ରକାଶଙ୍କ ମୃତଦେହ ଧରି ପରିବାର ଲୋକେ ଗାଁକୁ ଫେରିଥିଲେ। ଏହି ଘଟଣାରେ ଉପଯୁକ୍ତ ତଦନ୍ତ କରି ଦୋଷୀ ଆମ୍ବୁଲାନ୍ସ ସଂସ୍ଥା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ପ୍ରକାଶଙ୍କ ପରିବାର ଲୋକେ। ସୂଚନା ଅନୁସାରେ, ପ୍ରକାଶଙ୍କୁ ଗୁରୁତର ଅବସ୍ଥାରେ ଗତ ୧୪ତାରିଖ ଦିନ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଶେଷରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୫/୦୪/୨୦୨୬
୪,୮୩,୯୩୧/- ଟଙ୍କା
ସୁନା:-୦୧ଗ୍ରାମ୍୩୦୦ ମିଲିଗ୍ରାମ
ରୂପା:-୧୪ ଗ୍ରାମ୍୨୫୦ ମିଲିଗ୍ରାମ

### ପଦ୍ମଶ୍ରୀ ପାଇଁ ମନୋନୀତ ବ୍ୟକ୍ତିତ୍ୱ : ସିଭିଲ ସର୍ଭିସର ସଫଳ ପରୀକ୍ଷାର୍ଥୀ ଓ ପିତାମାତାଙ୍କୁ ସମ୍ବର୍ଦ୍ଧନା

## ସାଧୁତା, କରୁଣା ଏବଂ ଜନ କଲ୍ୟାଣ ପାଇଁ ପ୍ରତିବଦ୍ଧତା ବଜାୟ ରଖିବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର,୧୫/୫ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ପାଇଁ ଗୌରବ ଆଣିଥିବା ୨୦୨୫ମସିହାର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିତ୍ୱ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଏବଂ ଇଣ୍ଡିଆନ ସିଭିଲ ସର୍ଭିସ-୨୦୨୫ର ସଫଳ ପରୀକ୍ଷାର୍ଥୀ ଓ ସେମାନଙ୍କ ପିତାମାତାଙ୍କୁ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଉପଲକ୍ଷେ ଶୁକ୍ରବାର ଲୋକଭବନର ନ୍ୟୁ ଅଭିଷେକ ହଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ଏପରି କାର୍ଯ୍ୟକ୍ରମକୁ ଉତ୍କର୍ଷତା, ସମର୍ପଣ, ସୃଜନଶୀଳତା ଏବଂ ଜନସେବାର ଉତ୍ସବ ବୋଲି ବର୍ଣ୍ଣନା କରିଥିଲେ। ସଫଳତା କେବଳ ବ୍ୟକ୍ତିଗତ ମାଇଲଖୁଣ୍ଟ ନୁହେଁ ବରଂ ସମାଜ ପ୍ରତି କଠିନ ପରିଶ୍ରମ, ଦୃଢ଼ତା ଏବଂ ପ୍ରତିବଦ୍ଧତାର ପ୍ରେରଣାଦାୟକ ଉଦାହରଣ ବୋଲି କହିଥିଲେ । କୃତିତ୍ୱ ହାସଲକାରୀଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ



ଯେ, ସାହିତ୍ୟ, ଶିକ୍ଷା, କଳା ଏବଂ ଜନସେବା କ୍ଷେତ୍ରରେ ମହନୀୟ ଅବଦାନ ଦେଇ ରାଜ୍ୟ ଏବଂ ଜାତି ପାଇଁ ଗୌରବ ଆଣିଥିବା ପ୍ରତିଷ୍ଠିତ ପୁଅ ଏବଂ ଝିଅମାନଙ୍କ ପାଇଁ ଓଡ଼ିଶା ଗର୍ବ ଅନୁଭବ କରେ। ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଓଡ଼ିଶାର ଆଦିବାସୀ ଲୋକକଥା ଏବଂ ସାଂସ୍କୃତିକ ଐତିହ୍ୟର ଡକ୍ୟୁମେଣ୍ଟେସନ ଏବଂ ସଂରକ୍ଷଣ ପାଇଁ ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ମହେନ୍ଦ୍ର କୁମାର ମିଶ୍ର, ସାନ୍ତାଳୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଅବଦାନ ପାଇଁ ଚରଣ ହେମ୍ବ୍ରମ, ପ୍ରସିଦ୍ଧ ପ୍ରହଲ୍ଲାଦ ନାଟକ କଳାକାର ସୀମାଞ୍ଚଳ ପାତ୍ର ଏବଂ ଓଡ଼ିଶାର ସମୃଦ୍ଧ କଳା ଏବଂ ହସ୍ତତନ୍ତ ପରମ୍ପରାକୁ ସଂରକ୍ଷଣ କରିବା ପାଇଁ ମହନୀୟ ଅବଦାନ ନିମନ୍ତେ ଶରତ କୁମାର ପାତ୍ରଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ନିଜ କବିତା ସଂଗ୍ରହ 'ପାଦପୂରଣ' ପାଇଁ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗିରିଜା କୁମାର ବଳିୟାରସିଂହଙ୍କୁ ମଧ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ସାମୂହିକ ସ୍ମୃତିର ସଂରକ୍ଷଣ ଏବଂ ସମାଜକୁ ପ୍ରେରଣା ଯୋଗାଇ ଦେବା ପାଇଁ ସାହିତ୍ୟ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ। ଏତତବ୍ୟତୀତ ୨୦୨୫ମସିହା ଇଣ୍ଡିଆନ ସିଭିଲ୍ ସର୍ଭିସ ପରୀକ୍ଷାରେ ଓଡ଼ିଶାର ସଫଳ ପରୀକ୍ଷାର୍ଥୀ ଏବଂ ସେମାନଙ୍କ ମାତାପିତାଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସଫଳତା ଗଠନରେ ପିତାମାତାଙ୍କ ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଯୁବ ପ୍ରଶାସନିକ ଅଧିକାରୀମାନେ ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ପ୍ରତି ଅବଦାନ ରଖିବା ସହିତ ସାଧୁତା, କରୁଣା ଏବଂ ଜନ କଲ୍ୟାଣ ପାଇଁ ପ୍ରତିବଦ୍ଧତା ବଜାୟ ରଖିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ଼. ରୂପା ରୋଶନ ସାହୁ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା ଏବଂ ସମ୍ବର୍ଦ୍ଧିତ କୃତୀ ବ୍ୟକ୍ତିମାନେ ମଧ ତାଙ୍କର ଅଭିଜ୍ଞତା ପ୍ରକାଶ କରିଥିଲେ।

## ଆରଜି କର ଘଟଣାରେ ସରକାରଙ୍କ ବଡ଼ ଆକ୍ସନ : ୩ ପୁଲିସ ନିଲମ୍ବିତ

**ପଶ୍ଚିମବଙ୍ଗ, ୧୫/୦୫ ନ୍ୟୁଜ ବ୍ୟୁରୋ**

ପଶ୍ଚିମବଙ୍ଗର କଳଙ୍କିତ ଅଧ୍ୟାୟ ଆରଜି କର ମେଡିକାଲ କଲେଜ ଗଣଦୁଷ୍କର୍ମ ଓ ହତ୍ୟା ଘଟଣାର ତଦନ୍ତ ଆରମ୍ଭ ସହ ୩ ପୁଲିସ ଅଧିକାରୀ ନିଲମ୍ବିତ ହୋଇଛନ୍ତି। ଏନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ।

ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି ସରକାରକୁ ଆସିଲେ ବହୁଚର୍ଚ୍ଚିତ ଆରଜି କର ମେଡିକାଲ କଲେଜର ତଦନ୍ତ ଆରମ୍ଭ କରିବାକୁ ପ୍ରତିଶୃତି ଦେଇଥିଲା। ଚଳିତ ନିର୍ବାଚନରେ ବିଜେପି ସରକାରକୁ ଆସିବା ପରେ, ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏନେଇ ଏକ ବଡ ଘୋଷଣା କରିଛନ୍ତି। ମୁଖ୍ୟ ପ୍ରତିଶୃତି ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି। ଏହାସହ ୩ଜଣ ପୁଲିସ ଅଧିକାରୀ ନିଲମ୍ବିତ ହୋଇଥିବା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆରଜି କର ଘଟଣା ସମ୍ପର୍କରେ, ଆମେ ବିଶେଷ ଭାବରେ କଲକତା କମିଶନରେଟ ପୁଲିସ ବିନୀତ କୁମାର ଗୋୟଲ ଏବଂ ଅନ୍ୟ ଅଧିକାରୀଙ୍କ ଭଳି ବରିଷ୍ଠ ପୁଲିସ ଅଧିକାରୀଙ୍କ ବିରୁଦ୍ଧରେ ତଦନ୍ତ ଆରମ୍ଭ କରିଛୁ। ଏହି ଅପରାଧିକ ଘଟଣାରେ ମାମଲାକୁ ଭୁଲ ଭାବରେ ପରିଚାଳନା କରିବାର ଅଭିଯୋଗ ମଧ ରହିଛି। ଏହା ବ୍ୟତୀତ ଦୁଇ ଜଣ ଅଧିକାରୀ ଅଭୟା ପରିବାରକୁ ଟଙ୍କା ଦେବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ଅତ୍ୟନ୍ତ ଜରୁରୀ ହୋଇଥିବାରୁ ସେହି ସମୟରେ ଏହି ମାମଲା ସହିତ ଜଡିତ ସମସ୍ତ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ପୁଲିସ ଅଧିକାରୀ ବିନୀତ ଗୋୟଲ, ଇନ୍ଦିରା ମୁଖାର୍ଜୀ ଏବଂ ଅଭିଷେକ ଗୁପ୍ତାଙ୍କୁ ନିଲମ୍ବିତ କରାଯାଇଛି। ନିର୍ବାଚନ ପୂର୍ବରୁ ଉକ୍ତ ଘଟଣାର ବଡ଼ ରାଜନୈତିକ ଷଡ଼ଯନ୍ତ୍ର ଦେଖିବାକୁ ମିଳିଥିଲା। ପିଡୀତଙ୍କ ମାଆ ରତ୍ନ ଦେବନାଥ ମମତା ସରକାର ଦୋଷୀଙ୍କୁ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ଆଣିଥିଲେ। ଏହାସହ ନ୍ୟାୟ ଆଶାରେ ବିଜେପିରେ ଯୋଗଦେଇ ପାଣିହାଟି ନିର୍ବାଚନ ମଣ୍ଡଳୀରୁ ଲଢ଼ିବା ସହ ବିଜୟ ଲାଭ କରିଥିଲେ।



ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ସମ୍ପାଦକୀୟ
ପୃଷ୍ଠା–୪
Vol -10 • Issue-45 • 13-19th May 2026 • Bhubaneswar
ଜଗତସିଂହପୁରରେ ଶିଶୁ ସୁରକ୍ଷା ବିପନ୍ନ : ବାଲ୍ୟବିବାହର କରୁଣ ପରିଣତି
କିଡ୍‌ନୀ ରୋଗ ଆତଙ୍କ : ବର୍ଷକରେ ଗଲାଣି ୨୫ ଜଣଙ୍କ ଜୀବନ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ସମ୍ବଲପୁର ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର : ୭୦% ଡାକ୍ତର ପଦବୀ ଖାଲି

**ସମ୍ବଲପୁର, ୧୫/୦୫ ନ୍ୟୁଜ ବ୍ୟୁରୋ**

ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର କୁହାଯାଉଥିବା ସମ୍ବଲପୁର ଜିଲ୍ଲା ରାଜନୈତିକ ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ବର୍ତ୍ତମାନ ଏହି ଜିଲ୍ଲାରେ ୨ ଜଣ କ୍ୟାବିନେଟ ମନ୍ତ୍ରୀ ଓ ଜଣେ କେନ୍ଦ୍ରମନ୍ତ୍ରୀ ରହିଛନ୍ତି । ଏପରି କି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମଧ ପଶ୍ଚିମ ଓଡ଼ିଶାର ନେତୃତ୍ୱ ନେଉଥିବା ବେଳେ ସମ୍ବଲପୁର ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚରମ ଅବହେଳା ଦେଖିବାକୁ ମିଳିଛି । ସ୍ୱାସ୍ଥ୍ୟସେବା ଦୃଷ୍ଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ ଥିବା ସମ୍ବଲପୁର ଜିଲ୍ଲାର ବିଭିନ୍ନ ଚିକିତ୍ସାଳୟରେ ଏବେ ଡାକ୍ତର ମରୁଡ଼ି ଦେଖା ଦେଇଛି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସମ୍ବଲପୁରବାସୀ। ସମ୍ବଲପୁର ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗରେ ୭୦% ଡାକ୍ତର ପଦବୀ ଖାଲି ପଡିଛି । ବାକି ୩୦% ଡାକ୍ତରରେ ସରକାରୀ ସ୍ୱାସ୍ଥ୍ୟସେବା କିପରି ପରିଚାଳନା ହେଉଥିବା ତାହା ସ୍ପଷ୍ଟ ଭାବେ ଅନୁମେୟ ହେଉଛି । ତେବେ ସ୍ୱାସ୍ଥ୍ୟ ବିଭାଗର ଏହି ବିକଳ ଚିତ୍ର କଥା ଅନ୍ୟ କେହି କହୁନାହାନ୍ତି ବରଂ ସମ୍ବଲପୁର ବିଧାୟକ ତଥା ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତା ଜୟନାରାୟଣ ମିଶ୍ର ନିଜେ କହି ଚିନ୍ତା ପ୍ରକଟ କରିଛନ୍ତି। ସମ୍ବଲପୁର ସିଡିଏମ୍‌ପିଏସ୍‌ଓ ଡା. ପ୍ରଦୀପ କୁମାର ହୋତାଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବର୍ତ୍ତମାନ ସମ୍ବଲପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ଡାକ୍ତର ପଦବୀ ୪୯୫ଟି ରହିଥିବା ବେଳେ ଡାକ୍ତର ଅଛନ୍ତି ମାତ୍ର ୧୪୭ ଜଣ । ଆଉ ଏହି ସୀମିତ ମାନବ ସମ୍ବଳ ଭିତରେ ଜିଲ୍ଲାର ସ୍ୱାସ୍ଥ୍ୟସେବା ଚାଲିଛି। ସମ୍ବଲପୁର ଜିଲ୍ଲାରେ ୯ଟି ବ୍ଲକ ରହିଥିବା ବେଳେ ରେଢ଼ାଖୋଲ ଓ କୁଚିଣ୍ଡା ପରି ଉପଖଣ୍ଡ ରହିଛି । ଆଉ ବ୍ଲକ ଗୁଡିକର ଅଧିକାଂଶ ଅଞ୍ଚଳ ସବୁ ଆଦିବାସୀ ଅଧ୍ୟୁଷିତ। ତେଣୁ ଏହି ଅଞ୍ଚଳର ରୋଗୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରନ୍ତି । ବିଭିନ୍ନ ସମୟରେ ଡାକ୍ତରଙ୍କ ଅଭାବ ତଥା ମେଡିକାଲ ଷ୍ଟାଫ୍ ଅଭାବ ଯୋଗୁଁ ରୋଗୀ ହଇରାଣ ହେଉଥିବା ବେଳେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ବୁର୍ଲାକୁ ରେଫର୍ କରାଯାଇଥାଏ । ଏହା ଦ୍ୱାରା ରୋଗୀମାନେ ଅଧିକ ଖର୍ଚ୍ଚାନ୍ତ ହେଉଥିବା ବେଳେ ଘରୋଇ ନର୍ସିଂ ହୋମର ଦଲାଲମାନଙ୍କ ହାବୁଡ଼ରେ ପଡିଯାଆନ୍ତି । ଅନ୍ୟପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧିକ ସଂଖ୍ୟକ ରୋଗୀ ଆସିବାରୁ ଡାକ୍ତରମାନଙ୍କ ଉପରେ ଅଧିକ ଚାପ ପଡୁଛି । ତେଣୁ ବେଳେ ବେଳେ ଡାକ୍ତରୀ ଅବହେଳା ଓ ରୋଗୀ ମୃତ୍ୟୁ ମାମଲା ସାମ୍ନାକୁ ଆସିଥାଏ । ତେଣୁ ସମ୍ବଲପୁର ଜିଲ୍ଲାରେ ଡାକ୍ତରଙ୍କ ସଂଖ୍ୟା ବୃଦ୍ଧି କରାଯାଉ ବୋଲି ଲୋକେ ଦାବି କରିଛନ୍ତି । ଏନେଇ ସମ୍ବଲପୁରର ଜଣେ ମହିଳା କହିଛନ୍ତି,'ଆମ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସମସ୍ୟାକୁ ନେଇ ଲୋକେ ବହୁତ ହଇରାଣ ହରକତ ହେଉଛନ୍ତି। ଏଠାରେ ବୁର୍ଲା ମେଡିକାଲ କଲେଜ୍ ପରି ବଡ଼ ଅନୁଷ୍ଠାନ ରହିଛି। ଏହାସହ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି କେନ୍ଦ୍ରମନ୍ତ୍ରୀ, ସୁରେଶ ପୂଜାରୀ ଓ ରବି ନାଏକଙ୍କ ପରି କ୍ୟାବିନେଟ ମନ୍ତ୍ରୀ ଅଛନ୍ତି। ଏମାନେ ଚାହିଁଲେ ଆମ ଜିଲ୍ଲାରେ ବହୁତ କିଛି ଉନ୍ନତି ହୋଇପାରିବ। କିନ୍ତୁ ସ୍ୱାସ୍ଥ୍ୟସେବା ଉପରେ ଯଦି ଆମେ ନଜର ପକେଇବା ଜଣେ ସାଧାରଣ ଲୋକ ବହୁତ ସଂଘର୍ଷ କରୁଛି । ଅନ୍ୟପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବହୁତ ଚାପ ରହୁଛି। ବୁର୍ଲା ମେଡିକାଲ କଲେଜରୁ ପ୍ରତ୍ୟେକ ବର୍ଷ ଏତେ ସଂଖ୍ୟକ ଡାକ୍ତର ବାହାରୁଥିବା ସତ୍ତ୍ୱେ ସମ୍ବଲପୁର ଜିଲ୍ଲାରେ କାହିଁକି ୭୦% ଡାକ୍ତର ପଦବୀ ଖାଲି ରହୁଛି, ତାହା ବୁଝା ପଡୁନାହିଁ । ବାମରା, କୁଚିଣ୍ଡା, ରେଢ଼ାଖୋଲ ଆଦି ଗ୍ରାମାଞ୍ଚଳରୁ ଆସୁଥିବା ଲୋକେ ବହୁତ ହଇରାଣ ହରକତ ହୁଅନ୍ତି । ଲୋକମାନଙ୍କ ପାଖରେ ଘରୋଇ ନର୍ସିଂ ହୋମର ଖର୍ଚ୍ଚ ବହନ କରିବାର ଶକ୍ତି ନାହିଁ, ଅନ୍ୟପଟେ ଯେଉଁସବୁ ସରକାରୀ ଯୋଜନାର କାର୍ଡ ରହିଛି ସେଥିରେ ସବୁ ସେବା ବା ଖର୍ଚ୍ଚ ଉପଲବ୍ଧ ନାହିଁ। ତେଣୁ ମୋଟ ଡାକ୍ତର ପଦବୀର ଅନ୍ତତଃ ୫୦% ପଦବୀ ପୂରଣ ହୋଇଗଲେ ଅନେକ ସମସ୍ୟାର ସମାଧାନ ହୋଇଯାଆନ୍ତା। ଆଉ ଚିକିତ୍ସା ଅବହେଳାରୁ କୌଣସି ରୋଗୀ ମୃତ୍ୟୁ ଅଭିଯୋଗ ଆସନ୍ତା ନାହିଁ ।' ସେହିପରି ସମ୍ବଲପୁରର ଜଣେ ବାସିନ୍ଦା କହିଛନ୍ତି, 'ବର୍ତ୍ତମାନ ଜିଲ୍ଲାର ଯେ କୌଣସି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗଲେ ରୋଗୀଙ୍କ ଲମ୍ବା ଧାଡି ଦେଖିବାକୁ ମିଳୁଛି । ତାହାର କାରଣ ହେଉଛି ଡାକ୍ତରଙ୍କ ଅଭାବ । ଯଦି ବି ଡାକ୍ତର ଅଛନ୍ତି, ତାଙ୍କର ସଂଖ୍ୟା ବହୁତ କମ। ତେଣୁ ରୋଗୀ ବହୁତ ହଇରାଣ ହେଉଛନ୍ତି । ବର୍ତ୍ତମାନ ପଶ୍ଚିମ ଓଡ଼ିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ଅଛନ୍ତି, ଡବଲ ଇଞ୍ଜିନର ସରକାର ଅଛି । ତେବେ ଲୋକମାନେ ସ୍ୱାସ୍ଥ୍ୟସେବା ପରି ମୌଳିକ ସୁବିଧା ପାଇ ପାରୁନାହାନ୍ତି । ଯାହା ଚିନ୍ତାଜନକ ବିଷୟ । ଆଉ ଏହା ଦ୍ୱାରା ଗ୍ରାମଞ୍ଚଳରେ କ୍ୱାକମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି ।' ସେପଟେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଜିଲ୍ଲାରେ ଥିବା ଏହି ସମସ୍ୟାକୁ ସ୍ୱୀକାର କରିବା ସହ ଚିନ୍ତା ପ୍ରକଟ କରିଛନ୍ତି । ସେ କହିଛନ୍ତି,' ଆଗକୁ ଏହି ୭୦% ପଦବୀ କେମିତି ପୂରଣ କରାଯିବ, ସେନେଇ ଯୋଜନା ପ୍ରସ୍ତୁତ କରିବୁ । ତେବେ ବର୍ତ୍ତମାନ ଆମ ରାଜ୍ୟରେ ୫୦% ଡାକ୍ତର ପଦବୀ ଖାଲି ରହିଛି । ରାଜ୍ୟ ସରକାର ବହୁ ବିଜ୍ଞପ୍ତି ଜାରି କଲା ପରେ ବି ଆମ ପାଖେ ଡାକ୍ତରଙ୍କ ଅଭାବ ରହିଛି । ଏହାର ଆଉ ଏକ କାରଣ ହେଉଛି ପୂର୍ବରୁ ଯେଉଁ ମାତ୍ରାରେ ମେଡିକାଲ କଲେଜ ହେବା କଥା ତାହା ହୋଇ ନଥିଲା। ଏହି ସମସ୍ୟା ଦୂର କରିବା ପାଇଁ ସରକାର ବାହାର ରାଜ୍ୟରୁ ଡାକ୍ତର ଆଣିବେ ବା କ'ଣ କରିବେ ଦେଖା ଯାଉ। ବର୍ତ୍ତମାନ ବଡ଼ ଅସୁବିଧା ହେଲା ଅଧିକାଂଶ ଡାକ୍ତର ଘରୋଇ ସଂସ୍ଥାରେ କାମ କରିବାକୁ ଅଧିକ ପସନ୍ଦ କରୁଛନ୍ତି । ଆମେ ଏହାର ସମାଧାନ ପାଇଁ ଚେଷ୍ଟା କରୁଛୁ ।' ସମ୍ବଲପୁର ଜିଲ୍ଲା ସିଡିଏମ୍‌ପିଏଚ୍‌ଓ ଡା. ପ୍ରଦୀପ କୁମାର ହୋତା କହିଛନ୍ତି ଯେ, ଏନେଇ ଆମେ ରାଜ୍ୟ ସରକାରଙ୍କୁ ଅନେକ ଥର ଜଣେଇଛୁ। ସରକାର ମଧ ସବୁ କଥା ଜାଣିଛନ୍ତି। ତେବେ ବର୍ତ୍ତମାନ ଆମେ ନୂତନ ଭାବେ ଏମ୍‌ବିବିଏସ୍ ପାସ କରିଥିବା ୧୫ରୁ ୨୦ଟି ଡାକ୍ତରଙ୍କୁ ଚୁକ୍ତିଭିତ୍ତିକ ଆଧାରରେ ନିଯୁକ୍ତି ଦେବାକୁ ଯାଉଛୁ ।'